# ବେଦାନ୍ତା

Spreading Knowledge Amongst Mankind.......

ଜୁଲାଇ – ୨୦୧୭ JULY - 2017



# ବେଦାନ୍ତୀ

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର


## ଯୋଗାଯୋଗ

Whatsapp: + 91 9594993733

ଭ୍ରାମ୍ୟଭାଷ - + 91 8828213733

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

# ସମ୍ପାଦକୀୟ

ଜୟ ଜଗନ୍ନାଥ ।

ଆସିଯାଇଛି ପୁଣି ରଥଯାତ୍ରା । ମହାପ୍ରଭୁଙ୍କ ମହାନ ଘୋଷ ଯାତ୍ରା । ଏହି ଯାତ୍ରା ଏକ ସମ୍ପୂର୍ଣ୍ଣ ଭିନ୍ନ ଧରଣର ଯାତ୍ରା । ଭଗବାନ ଜଗନ୍ନାଥ ବାହାରି ଆସନ୍ତି ମନ୍ଦିର ମଧ୍ୟରୁ ଜନତାଙ୍କ ଭିତରକୁ ଦର୍ଶନକୁ ଦେବାପାଇଁ । ସେ ଆଜି ଭଗବାନ ନୁହନ୍ତି, ମନୁଷ୍ୟ । ସାମାନ୍ୟ ମନୁଷ୍ୟଙ୍କ ପରି ତାଙ୍କୁ ବି ଜ୍ୱର ହୁଏ, ସେ ବି ତାଙ୍କ ମାଉସିଙ୍କ ଘରକୁ ଯାଆନ୍ତି, ଆଉ ମନୁଷ୍ୟଙ୍କ ପରି ତାଙ୍କର ବି ବିଭିନ୍ନ ପ୍ରକାର ରିତିନୀତି ବି କରାଯାଇଥାଏ । ଜଗନ୍ନାଥ ହେଉଛନ୍ତି ଜନତାଙ୍କ ଠାକୁର ଆଉ ସେହି ଜନତାଙ୍କ ଗହଣକୁ ବର୍ଷକେ ଥରେ ବାହାରି ଆସନ୍ତି ଜଗନ୍ନାଥ ତାଙ୍କ ମନ୍ଦିର ମଧ୍ୟରୁ ।

ଆଜିକାଲି ବିଦେଶରେ ରହୁଥିବା ଓଡିଆମାନଙ୍କୁ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆଉ ପୁରୀ ଆସିବାକୁ ପଡୁନ । କାରଣ ସେଠାରେ ମଧ୍ୟ ଆଜିକାଲି ଆରମ୍ଭ ହୋଇଯାଇଛି ରଥଯାତ୍ରା ଆଉ କାଳଆ ସବୁବେଳେ ପହଞ୍ଚିବାକୁ ଚାହେଁ ତାଙ୍କ ଭକ୍ତମାନଙ୍କ ପାଖରେ, ଯେତେ ଦୁରରେ ଭକ୍ତ ଥିଲେ ମଧ୍ୟ । ଆଜି ସୁଦୁର ଆମେରିକା, ସିଙ୍ଗାପୁର, ବାହାରିନ୍, ଅଷ୍ଟ୍ରେଲିଆ ଆଉ ଦୁବାଇ ପରି ଅନେକ ସ୍ଥାନରେ ଆରମ୍ଭ ହୋଇଯାଇଛି ରଥଯାତ୍ରା ଆଉ ଭକ୍ତମାନେ ଦର୍ଶନ କରିପାରୁଛନ୍ତି ନିଜର ଆରାଧ୍ୟ ଦେବତା ମହାପ୍ରଭୁ ଜଗନ୍ନାଥଙ୍କୁ । ଓଡିଆ ସଂସ୍କୃତି ଓ ପରମ୍ପରାର ଝଲକ ଆଜିକାଲି ଦେଖିବାକୁ ମିଳୁଚ ପୃଥିବୀର ବିଭିନ୍ନ ପ୍ରାନ୍ତରେ । ଶହ ଶହ ଓଡିଆ ପରିବାର ଏକତ୍ରିତ ହୋଇଥାନ୍ତି ଆଉ ମହାପ୍ରଭୁ ଜଗନ୍ନାଥଙ୍କର ରଥଯାତ୍ରା ପାଳନ କରିଥାନ୍ତି । ସମସ୍ତେ ନାଚ ଗୀତ ଆଉ କୀର୍ତ୍ତନ କରି ଭକ୍ତିରେ ବିଭୋର ହୋଇ ଉଠନ୍ତି । ବର୍ଷ ବର୍ଷ ଧରି ପୃଥିବୀରେ ହେଉଥିବା ରଥଯାତ୍ରା ଜଗନ୍ନାଥଙ୍କର ମହିମା ଆଉ ବଡପଣକୁ ସ୍ୱିକୃତି ଦେଉଛି ।

ଜୟ ଉତ୍କଳ, ଜୟ ଓଡିଶା ।

ଅରବିନ୍ଦ ମିଶ୍ର

# ଏ ସଂଖ୍ୟାରେ ରହିଅଛି....


| | | |
|---|---|---|
| ରଥଯାତ୍ରା – ଭକ୍ତିର ଅନ୍ତରାଳେ ଅନନ୍ୟ ଏକ ଚନ୍ଦ୍ରାଧାର୍ | ଅନୁସୂୟା ମିଶ୍ର | ୦୬ |
| ସୁନାବେଶେ ଜଗନ୍ନାଥ | ହିମାଂଶୁ ଶେଖର ବାରିକ୍ | ୦୯ |
| ସହରୀ ପାଠ | କମଳା ଶତପଥୀ | ୧୦ |
| ଦୁନିଆ ଏକ ରଙ୍ଗମଞ୍ଚ | ଶଶଧର ମହାପାତ୍ର | ୧୫ |
| ନିର୍ବନ୍ଧ | ଡ. ବିଜ୍ଞାନୀ ଦାସ | ୧୭ |
| ପୁତ୍ର ପାଇଁ | ସୁଲୋଚନା ପଟ୍ଟନାୟକ | ୨୩ |
| ଶେଷକଥା | ନୃସିଂହ ଚରଣ ବେହେରା | ୨୫ |
| କାହାଣୀ ନଥିଲା, ଥିଲା ସତ | ଶାନ୍ତିଲତା ମିଶ୍ର | ୨୭ |
| କୋଇଲିରେ ବାହୁନଲେ କବା ଲାଭ ? | କାଳକଙ୍କର | ୩୧ |
| କହିବାକ ତାକୁ | ମଧୁଛନ୍ଦା ବେହେରା | ୩୩ |
| ସ୍ୱପ୍ନର ପରିଧୀ | ଆଶା ସାହୁ | ୩୪ |
| ମାତୃ ରୂପେଣ ବନ୍ଦିତା | ପ୍ରବୋଧ ଚନ୍ଦ୍ର ମୁଦ୍ରା | ୪୨ |
| ସେଇ ହୃଦୟ | ପ୍ରିୟମ୍ବଦା ସେଠି | ୪୪ |
| ଅମାନିଆ ଦିନେ | ଦେବଯାନୀ ସ୍ୱାଇଁ | ୪୫ |
| A tale of Butto's whimsical flute | ଅରୁନୀତା ପ୍ରହରାଜ | ୫୩ |
| ତୁମ ପାଇଁ | ପ୍ରଦେଶ କୁମାର ପ୍ରଧାନ | ୫୬ |
| ସେଇଦିନୁ ଖୋଜୁଛି କାଳିଆ | ଡ. ସୌମ୍ୟ ରଞ୍ଜନ ମିଶ୍ର | ୫୭ |
| ପ୍ରେମ, ବର୍ଷା ଓ ଫେଭିକଲ | ଦୀପକ ଷଡଙ୍ଗୀ | ୫୮ |
| ଦୁଇଟି ସମ୍ବଲପୁରି କବିତା | ଆଶୁତୋଷ ମେହେର | ୬୨ |

| | | |
|---|---|---|
| ବର୍ଷା | ବରୁଣ କୁମାର ଦାସ | ୬୩ |
| ଭ୍ରମଣ ଅନୁଭୂତି | ବରଦା ପ୍ରସନ୍ନ ଦାସ | ୬୪ |
| ତୁମରି ସ୍ମୃତିରେ | ଶ୍ରୀଧର କୁମାର କବି(ବାବୁ) | ୬୮ |
| ରୁଧିର ଅଭାବ ସ୍ୱପ୍ନ ପାଇଁ | ମୋହନ ଚନ୍ଦ୍ର ବିଷୋୟୀ | ୬୯ |
| ଅସ୍ତରାଗିଣୀ (ଧାରାବାହିକ) | ପ୍ରଫେସର ଅନତା ପଣ୍ଡା | ୭୦ |
| କବିତା | ଫିରୋଜ କୁମାର ପଟେଲ | ୭୨ |
| ଇମ୍ଫାଲ, ମଣିପୁର<br>(ଧାରାବାହିକ ଭ୍ରମଣ କାହାଣୀ) | ପ୍ରିୟବ୍ରତ ପାତ୍ର | ୭୩ |
| ମୌସୁମୀ | ସଚ୍ଚିଦା ନନ୍ଦ ବାରିକ | ୮୦ |
| ଦାଦନ | ସୁବ୍ରତ କୁମାର ମୁଦୁଲି | ୮୧ |
| ମଶାନ୍ ଭୂଇଁ | ଶୁଭମ ନାୟକ | ୮୨ |
| ପ୍ରେମ ଅଙ୍କ | ପ୍ରଶାନ୍ତ କୁମାର ନାଥ | ୮୩ |
| ଚାରି ଯୁଗ ଓ ଅବତାରବାଦ: ଏକ ପର୍ଯ୍ୟାଲୋଚନା | ବାଲ୍ମୀକ ନାୟକ | ୮୪ |
| ବିଦେଶରେ ରଥଯାତ୍ରା | ବେଦାନ୍ତୀ ପରିବାର | ୮୯ |
| ଜୁନ୍ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୯୨ |
| ଟିକିଏ ହସନ୍ତୁ | ବେଦାନ୍ତୀ ପରିବାର | ୯୩ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୯୪ |



# ରଥଯାତ୍ରା – ଭକ୍ତିର ଅନ୍ତରାଳେ ଅନନ୍ୟ ଏକ ଚିନ୍ତାଧାରା

ଅନୁସୂୟା ମିଶ୍ର

ସିଏ ପରା ଜଗତର ନାଥ। ପଥରର ଚାରିକାନ୍ଥ ମଧ୍ୟରେ ବିଧି ନିଷେଧର ବାଡ ଦେଇ ତାଙ୍କୁ ବାନ୍ଧି ରଖିବା କ'ଣ ସମ୍ଭବ? ବର୍ଷକରେ ଥରୁଟିଏ ହେଲେ ବି ସେ ଚାଲି ଆସନ୍ତି, ଜାତି-ଧର୍ମ-ବର୍ଣ୍ଣର ମେଘନାଦକୁ ଅତିକ୍ରମ କରି ଭକ୍ତିର ଉତ୍ତାଳ ପ୍ଲାବନରେ ଭାସି ଯିବାପାଇଁ। ଭକ୍ତ ପ୍ରାଣର ଏକାନ୍ତ ଆକୁଳତା ଏବଂ ପ୍ରଭୁଙ୍କର ସହଜ ଭକ୍ତପ୍ରାଣତାର ସମ୍ମେଳନରେ ଧନ୍ୟ ହୋଇଉଠେ ବଡଦାଣ୍ଡର ପ୍ରତିଟି ଧୂଳିକଣା। ଅପୂର୍ବ ରୋମାଞ୍ଚକର ସେ ମିଳନର ଦୃଶ୍ୟ। ପ୍ରଭୁଙ୍କର ଦୃଷ୍ଟି ତ ସଦା ହିଁ ଭକ୍ତମୁଖୀ, ପଲକ ହାରି ମାନିଛି ସେଠି। ଆବେଗର ଅଶ୍ରୁ ଅନ୍ତରାଳରୁ ଭକ୍ତ ମଧ୍ୟ ଚାହିଁ ରହିଥାଏ ପ୍ରତୀକ୍ଷାର ଶେଷ ମୁହୂର୍ତ୍ତରେ ପାଛୋଟି ନେବ ତା ପ୍ରଭୁଙ୍କୁ, ଦୃଷ୍ଟିର ଦରଜା ଦେଇ ଅନ୍ତରର ଶୂନ୍ୟ ସିଂହାସନ ଯାଏଁ। ସଙ୍ଖ, ହୁଳହୁଳୀ, ଘଣ୍ଟଘଣ୍ଟାର ଧ୍ୱନୀ ଭେଦି, ଦୋଳାୟମାନ ଟାହିଆର ତାଳେ ତାଳେ ମହାପ୍ରଭୁ ଯେତେବେଳେ ଚାରମାଳକୁ ପାର କରିଯାଆନ୍ତି, ଏକା ସେଇ ହିଁ ଜାଣନ୍ତି, ସେତେବେଳେ ରଥ ନୁହେଁ, ପୁରିଉଠେ ଭକ୍ତ ମନୋରଥ। ଭକ୍ତି-ଆକର୍ଷଣ ଉପରେ ପର୍ଯ୍ୟବେଶିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହି ଅନନ୍ୟ ମାନବୀୟ ଲୀଳା ହିଁ ରଥଯାତ୍ରା।

ଶ୍ରୀମନ୍ଦିରରେ ପ୍ରଚଳିତ ଏକ ପ୍ରାଚୀନ ପରଂପରା ଅନୁଯାୟୀ ଆଷାଢମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ମନ୍ଦିରର ସାଦୃଶ୍ୟରେ ନିର୍ମିତ ତିନି ରଥରେ ଆରୁଢ ହୋଇ ଯାଆନ୍ତି ଅନତୀ ଦୂରରେ ଅବସ୍ଥିତ ଗୁଣ୍ଡିଚା ମନ୍ଦିରକୁ। ଏହା ହିଁ ରଥଯାତ୍ରା ହିସାବରେ ପରିଚିତ। ପ୍ରଭୁଙ୍କ ଲୀଳାର ଯୁକ୍ତିଯୁକ୍ତତା ବିଚାର କରିବା ମୂର୍ଖାମୀର ପରିଚୟ ସତ, ମାତ୍ର ତାଙ୍କର ପ୍ରତିଟି ଲୀଳା ଯେ ଏକ ବିଶେଷ ଲକ୍ଷ୍ୟ ଦିଗରେ ଉଦ୍ଦିଷ୍ଟ, ଏକଥାକୁ ଅଗ୍ରାହ୍ୟ କରି ହେବ ନାହିଁ। ରଥଯାତ୍ରାର ଉଦ୍ଦେଶ୍ୟ ସମ୍ବନ୍ଧରେ କୌଣସି ସଠିକ୍ ପୌରାଣିକ ତଥ୍ୟ ଜଣା ନଥିଲେ ମଧ୍ୟ ବ୍ୟବହାରିକ ଦୃଷ୍ଟିକୋଣରୁ ଦେଖିଲେ ମନେହୁଏ, ହୁଏତ ଲୀଳା ମାଧ୍ୟମରେ ମହାପ୍ରଭୁ ସୂଚାଇ ଦେଇଛନ୍ତି ଯେ ମନର

ସଙ୍କୀର୍ଣ୍ଣ ବିଗ୍ରହଧାରାକୁ ଅତିକ୍ରମ କରିଗଲେ ହିଁ ଜୀବନର ଚଲାପଥରେ ଚରମ ଆନନ୍ଦର ଅବସର ଆସିଥାଏ ।

ଭକ୍ତି ଏବଂ ବିଶ୍ୱାସର ପଥ ବଡଦାଣ୍ଡ । ରଥଯାତ୍ରା ସାକ୍ଷୀ, ଏହି ପଥରେ ହିଁ ଭଗବାନ୍ ନିଜେ ନିଜେ ଆସି ଭକ୍ତ ନିକଟରେ ଧରା ଦେଇଥାଆନ୍ତି । ଶ୍ରଦ୍ଧାଳୁ ଭକ୍ତଙ୍କର ଐକାନ୍ତିକତାର ଆଶ୍ରାରେ ଝୁଲି ଝୁଲି ମହାପ୍ରଭୁ ଯେତେବେଳେ ପହଣ୍ଡି ବିଜେ କରନ୍ତି, ସେତେବେଳେ ଭକ୍ତ ଆଖିରେ ଖୁବ୍ ସରଳ ହୋଇଯାଏ ଜୀବନର ଅନେକ ଜଟିଳତା.....ଉତଥାନ, ପତନ ଓ ଅବଶ୍ୟମ୍ଭାବୀ । ଜୀବନର ଚଲାପଥରେ ପାଦେ ପାଦେ ଆଗେଇ ଯାଉ ଯାଉ, ପରିସ୍ଥିତି କର୍ତ୍ତୃକ କେବେ କେବେ ପାଦଟେ ପଛେଇ ଯିବାକୁ ମଧ୍ୟ ହୁଏ । ମାତ୍ର ହାରିଯାଏ ସିଏ, ଯିଏ ପଛରେ ହିଁ ରହିଯାଏ ।

ତିନି ଠାକୁର ଆସି ବିଜେ କରିସାରିବା ପରେ ରଥ ଉପରେ ଛେରିପହଁରା ବିଧି ସଂପାଦିତ ହୁଏ । "ଜଙ୍ଗମ ଜଗନ୍ନାଥ" ବା ମହାପ୍ରଭୁଙ୍କର ଚଳନ୍ତି ବିଗ୍ରହ ରୂପେ ପରିଚିତ ଗଜପତି ମହାରାଜ ଚନ୍ଦନ ମିଶ୍ରିତ ଜଳସିଞ୍ଚନ ପୂର୍ବକ ତିନି ରଥରେ ସମାର୍ଜନୀ କ୍ରିୟା କରିଥାଆନ୍ତି । ଏହି "ଛେରାପହଁରା" ସେବକର ନିରହଙ୍କାର ବା ନିରଭିମାନ ମନୋବୃତ୍ତିର ପରିଚାୟକ । ପ୍ରଭୁଙ୍କ ନିକଟରେ ନିଜକୁ ସବୁଠାରୁ ଦିନହୀନ ମନେ ନ କଲେ ସେବକର ସେବା କରିବାର ଯୋଗ୍ୟତା ଆସେନାହିଁ ଏବଂ ତା ସେବା ସେବ୍ୟଙ୍କର ଗ୍ରହଣଯୋଗ୍ୟ ହୁଏନାହିଁ । ନଚେତ୍ ମହାପ୍ରଭୁଙ୍କର ଯିଏ ପ୍ରଧାନ ସେବକ ସିଏ ବା କାହିଁକି ଚଣ୍ଡାଳର କାର୍ଯ୍ୟକୁ ଆପଣେଇ ନେଇଥାଆନ୍ତେ?

ରଥ ଉପରର ସମସ୍ତ ବିଧି ସମାପନାନ୍ତେ ଆରମ୍ଭ ହୁଏ ବହୁପ୍ରତିକ୍ଷିତ "ରଥଟଣା" । ସମସ୍ତଙ୍କ ଜୀବନର ଡୋରି ଯାହା ହାତରେ, ଭକ୍ତ ବତ୍ସଳ ସେଇ ମହାପ୍ରଭୁ ନିଜ ରଥର ଦଉଡିଟି ଧରାଇ ଦିଅନ୍ତି ଭକ୍ତ ହାତରେ । ଭଗବାନ୍ ଯେ ଭକ୍ତିର ଅଧୀନ, ଏହା ହିଁ ତାର ପ୍ରମାଣ । ସେତେବେଳେ ସେଇ ସାମାନ୍ୟ ଦଉଡିଟି, ଭକ୍ତ ହାତରେ କୋଟିନିଧି । ତାକୁ ଛୁଇଁଦେଲେ ମଧ୍ୟ ସେ ଧନ୍ୟ ହୋଇଯାଏ । ଜୀବନର ବଡଦାଣ୍ଡରେ ଭକ୍ତି ରଜ୍ଜୁଟି ଧରି ସେ ଗୃହେଁ ଟାଣି ନେଇଯିବ ପ୍ରଭୁଙ୍କୁ, ତା ଜୀଇଁବାର ଶେଷମୁଣ୍ଡ ଯାଏଁ । କୁହାଯାଏ....."ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମଂ ନ ବିଦ୍ୟତେ" । ରଥ ଉପରେ ପ୍ରଭୁଙ୍କୁ ଦର୍ଶନ କରିବା ପରେ ତାର ଯେ ଜନ୍ମଜନ୍ମାନ୍ତରର ସମସ୍ତ କାମନା, ବାସନା ପୂର୍ଣ୍ଣ ହୋଇଯାଏ, କାହାକୁ ବା ପାଥେୟ କରି ସେ ପୁନର୍ବାର ଜନ୍ମଗ୍ରହଣ କରିବାକୁ ଆଶା କରନ୍ତା?

ବଡଦାଣ୍ଡର ଜନସମୁଦ୍ର ଭେଦି ଆଗେଇ ଚାଲି ତିନି ରଥ, ଠିକ୍ ଅତଳ ଜଳରାଶି ମଧ୍ୟରେ ଭାସମାନ ତିନୋଟି ନଉକା ପରି । ଗନ୍ତବ୍ୟସ୍ଥଳ, ଗୁଣ୍ଡିଚା ମନ୍ଦିର । ପ୍ରଚଳିତ ଏକ ବିଶ୍ୱାସ

ଅନୁଯାୟୀ, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପତ୍ନୀ ଗୁଣ୍ଡିଚାଙ୍କୁ ଦେଇଥିବା ଏକ ପ୍ରତିଶ୍ରୁତିର ଅନୁସରଣରେ ଜଗନ୍ନାଥ ମହାପ୍ରଭୁ ପ୍ରତି ବର୍ଷ ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ଏଠାରେ ସାତ ଦିନ ଅବସ୍ଥାନ କରନ୍ତି। ସେତିକି ଦିନ ଶୂନ୍ୟ ଶ୍ରୀମନ୍ଦିରକୁ ଦେଖିଲେ ଠିକ୍ ବୁଝିହୁଏ....ପରିସ୍ଥିତି ପରିବର୍ତ୍ତନଶୀଳ। ଆଜି ଯେ ରାଜା, ହୁଏତ, କାଲି ସେ ଫକର।

ସାତ ଦିନର ରହଣୀ ଉପରାନ୍ତେ ଦଶମୀ ତିଥୀରେ ତିନଠାକୁର ପୁଣିଥରେ ରଥାରୁଢ ହୁଅନ୍ତି ଶ୍ରୀମନ୍ଦିର ଉଦ୍ଦେଶ୍ୟରେ। ଏହା ବାହୁଡା ଯାତ୍ରା ଭାବରେ ପରିଚତ। ଯେମିତି ଯାଇଥାଆନ୍ତି, ଫେରିବା ସମୟରେ ମଧ ଠିକ୍ ସେମିତି, ପ୍ରଥମେ ଥାଏ ବଡଠାକୁର ବଳଭଦ୍ରଙ୍କ ରଥ ତାଳଧ୍ୱଜ, ମଝିରେ ଭଉଣୀ ସୁଭଦ୍ରାଙ୍କ ରଥ ଦେବଦଳନ ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ନନ୍ଦିଘୋଷ। ଏହିଠାରେ ହିନ୍ଦୁ ସଂସ୍କୃତି ଅନୁଯାୟୀ ପାରିବାରିକ ଚଳଣୀରେ ନାରୀର ମହତ୍ତ୍ୱ ସମ୍ବନ୍ଧରେ ସୂଚନା ମିଳେ। ନିଜର ଅତିପ୍ରିୟ ବା ମୂଲ୍ୟବାନ ଜିନଷଟିକୁ ଯେପରି ଆମେ ଲୋକଲୋଚନର ଅନ୍ତରାଳରେ ରଖିବାକୁ ଚେଷ୍ଟା କରୁ, ସେହିପରି ହିନ୍ଦୁ ପରିବାରରେ ନାରୀକୁ ପରିଜନଙ୍କ ସୁରକ୍ଷାବଳୟ ମଧ୍ୟରେ ରଖିବାର ବ୍ୟବସ୍ଥା ପ୍ରଚଳତ। ପ୍ରାଚ୍ୟର ପରିପକ୍ୱ ମାନସିକତା ଅନୁଯାୟୀ, ସାମାଜିକ ଚଳଣୀରେ ନାରୀମାନଙ୍କ ପ୍ରତି ଏହା ସମ୍ମାନ ତଥା ସ୍ନେହର ନଦର୍ଶନ। ତେଣୁ ବଡଦାଣ୍ଡରେ ଦୁଇଭାଇ ଆଗେଇ ଚାଲନ୍ତି ସ୍ନେହର ଘେରଉ ମଧ୍ୟରେ ସୁଭଦ୍ରାଙ୍କୁ ରଖି।

ଶରୀର ରୂପକ ରଥରେ ଆତ୍ମା ହିଁ ରଥୀ। ନାନା ପ୍ରକାର ଜାଗତିକ ସଂସ୍କାରରେ ଆଚ୍ଛନ୍ନ ହୋଇ ଆତ୍ମା ତାର ସ୍ୱରୂପ ବିସ୍ମୃତ ହୋଇଯାଏ। ସେ ଯେ ପରମାତ୍ମାଙ୍କ ଅଂଶବିଶେଷ ବା ସ୍ୱରୂପତଃ ପରମାତ୍ମାଙ୍କ ସଙ୍ଗେ ଏକ ଏବଂ ଅଭିନ୍ନ, ଏହି ସତ୍ୟଟିକୁ ଭୁଲିଯାଇ ନଜକୁ ଦୈହିକ ସୀମା ମଧ୍ୟରେ ଆବଦ୍ଧ କରିଦିଏ। ଭକ୍ତିର ଚରମ ସ୍ତରରେ ମନ ଯେତେବେଳେ ଜାତି-ଧର୍ମ-ବର୍ଣ୍ଣ ଆଦି ସମସ୍ତ ସଂସ୍କାରର ଊର୍ଦ୍ଧ୍ୱକୁ ଚାଲିଯାଏ, ସେତେବେଳେ ସେ ନଜ ମଧ୍ୟରେ ପ୍ରଭୁଙ୍କୁ ଅନୁଭବ କରେ ଏକ ଅଭିନ୍ନ ସତ୍ତା ହିସାବରେ। ଅନ୍ୟ ଅର୍ଥରେ ବୁଝିଲେ, ସେତେବେଳେ ଦେହ ରୁପକ ରଥରେ ସ୍ୱୟଂ ପରମାତ୍ମା ହିଁ ରଥୀ ରୂପେ ଆବିର୍ଭୂତ ହୁଅନ୍ତି। ମୋର ବ୍ୟକ୍ତିଗତ ବିଚାରରେ, ହୁଏତ ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ଅନ୍ତଃର୍ନିହିତ ମୂଳତତ୍ତ୍ୱ।

ଶତାବ୍ଦୀ ନଗର, ୟୁନଟ୍-୮, ଭୁବନେଶ୍ୱର

# ସୁନାବେଶେ ଜଗନ୍ନାଥ



ହିମାଂଶୁ ଶେଖର ବାରିକ୍

ଶ୍ରୀଗୁଣ୍ଡିଚ୍ଚା ଯାତ କରି ସମାପନ
ବାହୁଡା ଦଶମୀ ଦିନ
ଭାଇ ଭଗ୍ନୀ ସହ ଫେରି କଳା ମୁହଁ
ଦାଣ୍ଡରେ ଦଣ୍ଡାୟମାନ ॥

ମୁକ୍ତାକାଶ ତଳେ ମୁକ୍ତ ଦରଶନ
ଦେଉଛନ୍ତି ଦାରୁବ୍ରହ୍ମ
ବିବୁଧ ଶୟନ ଏକାଦଶୀ ଦିନ
ହେବେ ସ୍ୱର୍ଣ୍ଣ ପରିଧାନ ॥

ବରଷକେ ପାଞ୍ଚ ବାର ସୁନାବେଶ
ହୁଅନ୍ତି ବଡ ଠାକୁର
ବଡ ଦେଉଳରେ ହୁଏ ଚ୍ଚାରି ଥର
ବଡ ଦାଣ୍ଡେ ଏକ ବାର ॥

ରାଜା କପିଳେନ୍ଦ୍ର ଜିଣି ରାଜ୍ୟମାନ
ଆଣିଲେ ରତ୍ନ ସୁବର୍ଣ୍ଣ
ସେହି ସ୍ୱର୍ଣ୍ଣ ରତ୍ନ କରି ପରିଧାନ
ସୁନାବେଶ ଦାରୁବ୍ରହ୍ମ ॥

ସେହି ଦିନୁ ଏହି ପରମ୍ପରା ଚଳ
ଆସୁଛି ନୀଳାଚଳରେ
ସଜ୍ଜିତ ସୁବର୍ଣ୍ଣ ଅଳଙ୍କାର ଲାଗେ
ତିନ ଠାକୁର ଦେହରେ ॥

କୋଟି ସୂର୍ଯ୍ୟ ଦିପ୍ତୀ ଅପରୂପ କାନ୍ତି
ସୁନାବେଶେ ଜଗନ୍ନାଥ
ଦେଖି ବିମୋହିତ ସମବେତ ଭକ୍ତ
ହୃଦ ହୁଏ ପୁଲକତ ॥

ନଉ ଏ.ଜି. କଲୋନୀ,
ନୟାପଲ୍ଲୀ, ଭୁବନେଶ୍ୱର



# ସହରୀ ପାଠ



କମଳା ଶତପଥୀ

ଲଥ୍ କରି ଏରୁଣ୍ଡି ବନ୍ଧଟା ଉପରେ ବସିପଡିଲେ ଦୟାନିଧି । ଖସିପଡିଲା ଫୋନ୍‌ଟା ହାତରୁ । ଆଉ ଧୈର୍ଯ୍ୟ ନାହିଁ ଶୁଣିବାକୁ ସେ ନିଷ୍ଠୁର କଥା ସବୁ ଯାହା ବିନା କମା, ବିନା ପୂର୍ଣ୍ଣଚ୍ଛେଦରେ ପୁଅ ତାଙ୍କର ଏଇଲେ କହି ଚାଲିଯାଉଛି । ସେ କ'ଣ ଏଇଆ ଶୁଣିବେ ବୋଲି ପେଟରୁ ପିଠିରୁ କାଟି ପୁଅକୁ ପାଠ ପଢ଼େଇଥିଲେ? ଶରୀରର ପ୍ରତିଟି ରକ୍ତବିନ୍ଦୁ ନିଗାଡି ନିଗାଡି ମଣିଷ କରିଥିବା ପୁଅ କ'ଣ ଏଇଆ ଶୁଣେଇବାକୁ ଦିନେ ଇଚ୍ଛା କରିବ ବୋଲି ସେ କେବେ ଭାବିଥିଲେ? ଏବେ ବି ବିଶ୍ୱାସ ଆସୁନି ନିଜ ଉପରେ କି ନିଜ କାନ ଉପରେ । ସତରେ କ'ଣ ପୁଅ ତାଙ୍କର ତାଙ୍କ ହାତ ପାହାନ୍ତାରୁ ବାହାରି ଦୂର ବିଦେଶକୁ ଫୁର୍ କରି ଆଜି ଉଡି ଚାଲିଯିବ!

ନା, ନା, ସେ ନିଶ୍ଚୟ ଖରାପ ସ୍ୱପ୍ନଟେ ଦେଖୁଛନ୍ତି! ଆକାଶରେ ସୂର୍ଯ୍ୟ ଥାଉ କି ଚନ୍ଦ୍ର, ସ୍ୱପ୍ନ କ'ଣ ସେମାନଙ୍କୁ ଦେଖିକି ଆସେ କି! .. କିନ୍ତୁ .. ନିଜ ଇଚ୍ଛା ବିରୁଦ୍ଧରେ ଯଦି ଏତେ ଖରାପ ସ୍ୱପ୍ନଟେ ସେ ଏଇଲେ ଦେଖୁଛନ୍ତି, ସେଇଟା ଭାଙ୍ଗି ଯାଉନାହିଁ କାହିଁକି? ତାଙ୍କ ଆଖି ଖୋଲି ଯାଉନାହିଁ କାହିଁକି? ଓଲଟି ତା' ବଦଳରେ ଭାଙ୍ଗିଯାଉଛି ତାଙ୍କ ଆଶାର ମୀନାର, ତାଙ୍କ ଜୀବନ ବ୍ୟାପି ସାଧନା, ସବୁ ଦୁଃଖ ଦୂର ହେଇଯିବାର ମିଛ ଗୋଟେ ଆଶା! ଆଉ ଏତେ ସବୁ ସ୍ୱପ୍ନଭଙ୍ଗ ପରେ ସେ ନିଜେ କ'ଣ ନଭାଙ୍ଗି ରହିପାରିବେ! ହେଲେ ପୁଅ କ'ଣ ବୁଝିବ ସେକଥା। ସେ ତ ଏଇଲେ ଜାଗ୍ରତ ଆଖିରେ ଦେଖୁଛି ଆମେରିକାର ବିଳାଶପୂର୍ଣ୍ଣ ଜୀବନ ଭିତରେ ନିଜକୁ ହଜେଇ ଦେବାର ସ୍ୱପ୍ନ । ସେ ସ୍ୱପ୍ନ ଭାଙ୍ଗିଲେ ସିନା ବାପାମା' ସ୍ୱପ୍ନଭଙ୍ଗର କଷ୍ଟ ବୁଝିପାରନ୍ତା!

"କାହା ସହିତ କଥା ହେଉଛୁ? ... ତୋ' ସ୍ୱରଟା ଏତେ ଗୁମୁସୁମିଆ କାହିଁ ଶୁଭୁଛି .. ବାଇଆର ଫୋନ୍ କି? ଦେଲୁ ଦେଲୁ, ମୁଁ ଟିକିଏ ତା' ସହ କଥା ହୁଏ! କେତେ ଦିନ

ବିତିଗଲାଣି ତାକୁ ଦେଖିବାରେ! କି ଯେ ସହରମୁଖା ହେଲା .. ବାପମା', ଭାଇବନ୍ଧୁ, ଗାଁ ଦାଣ୍ଡ ସବୁକୁ ପାସୋରି ବସିଲା .. ଆସନ୍ତାନି ଦିନେ କି ଓଳଏ ପାଇଁ .. ତାକୁ ମନ ପୂରେଇ ଦେଖିବାକୁ ଭାରି ଇଚ୍ଛା ହେଉଛି ରେ ..”

ଅବସୋଶର ଛୋଟ ବଡ ଲହର ଘରର କାନ୍ଥବାଡରେ ଧକ୍କା ଖାଇ ଖାଇ ଦୟାନିଧିଙ୍କ ପାଖକୁ ଫେରି ଆସୁଥିଲେ । ମୃତ୍ୟୁ ପଥର ଯାତ୍ରୀ ବାପା, ତାଙ୍କ ଆଦରର ନାତି ‘ବାଇଆ’ର ବାଟ ଗୁହିଁ ଗଣି ଗଣି ନିଶ୍ୱାସ ନେଉଛନ୍ତି । କିନ୍ତୁ କେମିତି କହିପାରିବେ ଦୟାନିଧି ଯେ ଯାହାର ବାଟ ଗୁହିଁ ଗୁହିଁ ତାଙ୍କ ଆଖିରେ ପରଳ ମାଡି ଗଲାଣି, ସେ ଆଉ କେବେ ବି ଆସିବ ନାହିଁ! ବିଶେଷ କରି ତାଙ୍କ ପରି ମଣିଷଟିଏ ପାଇଁ ତ ମୋଟେ ନୁହେଁ । ଏଇଥିପାଇଁ କହିବେନି ଯେ ତାଙ୍କୁ ଉତ୍ତର ଦେଇ ଆସିବନି କି ସେ ଜାଣିନାହାନ୍ତି ବୋଲି, ବରଂ ଏଇଥିପାଇଁ କହି ପାରିବେନି, ଯଦି ପୁରୁଣା କ୍ଷତକୁ ଉଖୁରେଇ ବାପା ପ୍ରଶ୍ନ କରିଦିଅନ୍ତି – ଏଇ ସେ ସହରୀ ପାଠ, ଯାହା ପୁଅକୁ ପଢେଇବା ପାଇଁ ତୁ ମୋ ସହ ରୀତିମତ ଯୁକ୍ତିତର୍କ କରି ଆମ ସାତ ପୁରୁଷିଆ ଭିତହାଣ୍ଡିକୁ ପର ହାତକୁ ଟେକି ଦେଲୁ? ବୋହୂର ଗହଣା ସହିତ ଘର ଡିହ ବାଡି ସବୁ ବନ୍ଧା ପକେଇ ଦେଲୁ! ୟା’ଠୁ ଭଲ କ’ଣ ଗାଁ’ର ପାଠ ନଥିଲା? କିଛି ନହେଇଥିଲେ ବି ସମସ୍ତଙ୍କ ପାଖରେ ପିଲାଟା ରହି ତ ଥାଆନ୍ତା! ମଲାବେଳକୁ ମୁହଁରେ ଟୋପାଏ ପାଣି ତ ଦେଇଥାଆନ୍ତା! କିନ୍ତୁ କି ଲାଭ ମିଳିଲା ସେସବୁରୁ ବାହାରକୁ ଯାଇ । ଖାଲି ସ୍ୱପ୍ନ ଦେଖିଲୁ କ’ଣ ନା ପୁଅ ତୋର ବଡ ଅଫିସର ହେବ । ହେଲା! କିଏ କ’ଣ ମନା କରୁଛି ସେକଥାକୁ! ତୋର କ’ଣ ହେବ? କେମିତି ଶୁଝିବୁ ମୁଣ୍ଡ ଉପରେ ଲଦିଥିବା ଋଣର ପାହାଡକୁ?

ଦୀର୍ଘଶ୍ୱାସ ଗୁଡା ଛାତି ଭିତରେ ମହଣେ ଜାଗା ମାଡି ବସିଛନ୍ତି । ସେସବୁକୁ କେମିତି ବାହାର କରାଯାଏ ବିଗତ କିଛି ବର୍ଷରୁ ଦୟାନିଧି ଭୁଲି ସାରିଲେଣି । କେମିତି ବଦଳଗଲା ପୁଅ ତାଙ୍କର ସତରେ! ଏଡୁଟେରୁ ଏଡେଟେ କରିଥିଲେ ଏଇ ଆଶା ରଖି ରଖି ଯେ ପିଲାଟା ପାରେଇଗଲେ ସବୁ ସମସ୍ୟାର ସମାଧାନ ହେଇଯିବ । ବାପାଙ୍କ ଗୃଷଜମି ଫେରିଆସିବ, ପତ୍ନୀଙ୍କ ଗହଣା ଦି’ ଖଣ୍ଡ ବନ୍ଧାରୁ ମୁକୁଳା ହେଇଯିବ, ବୋଉକୁ ବଡ ଡାକ୍ତରଖାନାରେ ଦେଖେଇହେବ, ଡିହରେ ଦୁଇ ମହଲା କୋଠା ସଦର୍ପରେ ମୁଣ୍ଡ ଟେକି ଠିଆ ହେବ .. ହେଲେ କାହିଁ କିଛି ବି ତ ପୂରା ହେଲାନାହିଁ!

ପୁଅ ଯେ ଗୁକରି ପାଇଲାନ, ସେକଥା ନୁହେଁ । ହେଲେ ସେତକ ପଇସା ତାକୁ ନଅଣ୍ଟ ହେଉଛି ବୋଲି ଆଜିଯାଏଁ କାଣି କଉଡିଟିଏ ପଠେଇଲା ନାହିଁ । ତା' ସାଙ୍ଗକୁ ଏବେ ବିଦେଶକୁ ଗୁଲିଯିବାର ଯୋଜନା କରିଲାଣି । ସେଠି କୁଆଡେ ଆହୁରି ଭଲ ଦରମା ମିଳବ ତାକୁ ।

ତାହାହେଲେ**?**

ଆମର ସବୁ ଦୁଃଖ ଦୂର ହେଇଯିବ ବାପା**!** ବିଦେଶ ମାଟିରେ ସୁନା ଫଳୁଛି, ତାକୁ ଗୋଟେଇବା ପାଇଁ ଆମ ପରିକା ଲୋକ ଆଖି କାନ ବୁଜି ଧାଉଁଛନ୍ତି । ସେ ଦୌଡରେ ତୁମ ପୁଅ ବି ସାମିଲ୍ ହେବାକୁ ଗୁହୁଁଛି । ତୁମେ ମନା କରିବ ନାହିଁ ।

ମନା କରଦେଲେ କ'ଣ ତୁ ମାନଯିବୁ**?** ମନକୁ ଆସୁଥିବା ପ୍ରଶ୍ନଟା ମନରେ ରହିଗଲା । ତା' ପୂର୍ବରୁ ଫୋନ୍ କଟି ଯାଇଥିଲା । ଅର୍ଥ ସର୍ବସ୍ୱ ସହରରେ ପହଞ୍ଚି ପୁଅ ତାଙ୍କର ଏମିତି ଭେଳେକା ହେଇଯାଇଛି ଯେ ଅର୍ଥ ବାଦେ ଜୀବନରେ ଆଉ କଛି ବି ରହିଛି, ସେକଥାର ହେତୁ ରଖୁନାହିଁ । ଘରେ ବୁଢ଼ାବାପା ମରଣ ଶେଯରେ, ସେ ଗଲା ଦିନଠୁ ବୁଢ଼ୀମାଆର ଆଖି ଦାଣ୍ଡ ଗୋହିରୀରେ, ବାପ ମା'ଙ୍କ କଥା ନକହିବା ଭଲ, ହେଲେ ତାକୁ କ'ଣ ସେମାନେ ସତରେ ମହତ୍ତ୍ୱପୂର୍ଣ୍ଣ ଲାଗନ୍ତି**!** ସେମାନଙ୍କ ବ୍ୟାକୁଳତା କ'ଣ ତା' ଆଖିକୁ ଦେଖାଯାଏ**!**

କେଜାଣି କଏ କହିପାରିବ**!** ଦୟାନଧି ତ ଏକଥା ବି କହି ପାରିବେନ ଯେ ଯୋଉ ପୁଅ ଘରୁ କୋଡିଏ ମାଇଲ୍ ଦୂରରେ ରହି ବାପମା'ଙ୍କୁ ପଗୁରିବାକୁ ଫୁରସତ୍ ପାଉନଥିଲା, ସେ ହଜାର ହଜାର ମାଇଲ୍ ଦୂରରେ ରହିଲେ କେମିତି ପଗୁରିବ**!** ପଗୁରିବ କେମିତି, ତା' ଆଖିକୁ ସିନା କାହାର ଦୁଃଖକଷ୍ଟ କଛି ଦେଖାଗଲେ**!** ବାସ୍ତବରେ ତାକୁ କେହି ଦେଖା ଯାଆନ୍ତିନ କ ଜାଣିଶୁଣି ସେ ଦେଖିବାକୁ ଗୁହେଁନ, ସେକଥା ଦୟାନଧି ଜାଣନ୍ତିନ । କନ୍ତୁ ଏକଥା ନଷ୍ଚୟ ଜାଣନ୍ତି ଯେ ଯୋଉ ପୁଅର ହାତ ଧରି ଧରି ତାକୁ ଗୁଲିବା ଶିଖେଇଥିଲେ, ସେ ଏବେ ଜୀବନ ଦୌଡରେ ପ୍ରତିଯୋଗୀଟିଏ ହୋଇଯାଇଛି । ଆଉ ଦଉଡି ଦଉଡି ଏତେ ଆଗକୁ ଗୁଲିଯାଇଛି ଯେ ଗୁହିଁକ ବି ସେ ତା' ପାଖରେ କେବେ ପହଞ୍ଚି ପାରିବେ ନାହିଁ ।

ଗାଁ ସ୍କୁଲ୍‌ର ସାମାନ୍ୟ ମାଷ୍ଟର ଗୁକରିର ସୀମିତ ଆୟରେ ପେଟରୁ କାଟି ପୁଅକୁ ଇଂଜିନୟରିଙ୍ଗ୍ ପଢ଼େଇଲା ବେଳେ କ୍ରୋଧରେ ଚତ୍କାର କରିଉଠିଥିଲେ ବାପା – "କାହିଁ ଏତେ

କଷ୍ଟ କରିବୁ ତୁ! ଜାଣିଛୁ, ଯୋଉ ସହରୀ ପାଠ ପଢ଼େଇବା ପାଇଁ ତୁ ଜିଦି କରୁଛୁ, ସେଥିରେ ତୋ' ହସଖୁସି, ଭଲମନ୍ଦ ସବୁକିଛି ବାଜି ଲାଗିଯିବ । ପିଲାଙ୍କୁ ଏତେ ବି ଆଗକୁ ଠେଲିବା ଉଚତ ନୁହେଁ, ଯାହା ପରେ ସେମାନେ ଆଉ ଆମ ଝାଟିମାଟିର ସଂସାରକୁ ଫେରିଆସିବେ ନାହିଁ। ସେତେବେଳେ ମୁଣ୍ଡ ବାଡେଇ କାନ୍ଦୁଥିବୁ, କନ୍ତୁ ସେ କାନ୍ଦ ଦେଖି ତୋ' ଆଖିର ଲୁହ ପୋଛିବାକୁ ପୁଅ ତୋର ପାଖରେ ନଥିବ ।

ମୋ କଥା ମାନ, ସେ ବିଦେଶୀ ପଢ଼ା ନପଢ଼େଇ ଏଇଠି ଆମର ଯାହା ପଢ଼ିବାକୁ ମିଳୁଛି ତାକୁ ଶେଷ କରି ଗାଁ କଲେଜରେ ମାଷ୍ଟର କରିଦେ । ତୁ ସ୍କୁଲରେ ଥିଲୁ, ସେ କଲେଜରେ ରହିବ । ମାଷ୍ଟର ଗ୍ଚକରିଠୁ ବଳ ମହତ ଗ୍ଚକରି ଆଉ କଛି ନାହିଁ । ପାଠ ସହିତ ସଂପର୍କ ରହିବା ସାଥେ ସାଥେ ଆମ ସହିତ ବି ସଂପର୍କ ରଖିବ ପିଲାଟା । କୋଉ ନଅଟା ହେଇଛି ନା ଛଅଟା ହେଇଛି, ଯେ ତାକୁ ବାହାରକୁ ପଠେଇ ଦେବାର ମସୁଧା କରୁଛ! ସେ ଗଲା ପରେ ଏ ଘରେ କ'ଣ କରିବା ଆମେ ଗ୍ଚରି ପ୍ରାଣୀ? ତା' ବିନା ତୁମେମାନେ ନଷ୍ଚିନ୍ତରେ ପେଟକୁ ମୁଠାଏ ଖାଇ ପାରିବ ଭଲା?"

ଯଦିଓ ବାପାଙ୍କ କଥାରେ ସତ୍ୟତା ଥିଲା, ତଥାପି ସେ ଶୁଣିନଥିଲେ । ପୁଅ ତାଙ୍କର ଗାଁ ମାଟି ଛାଡିବ ହିଁ ଛାଡିବ । ଆଉ ଦଶଜଣଙ୍କ ପରି ସହରରେ ରହି ସହରୀ ଗ୍ଚଲିଚଳନକୁ ଆପଣେଇବ । ତାଙ୍କ ପୁଅକୁ ସମସ୍ତେ 'ସାହେବ' ବୋଲି ଡାକବେ । ମୁଣ୍ଡ ନୁଆଁଇ ଜୁହାର ହେବେ । ଏଇଥିପାଇଁ ତାଙ୍କୁ ଗ୍ଚରି ପାଞ୍ଚ ବର୍ଷ କଷ୍ଟ କରିବାକୁ ପଡିବ ତ! ପଡୁ । ସେଥିକୁ ସେ ଆଦୌ ଭୟ କରିବେ ନାହିଁ । ପିଲାଟି ଦିନରୁ ଅଭାବ ଅସୁବିଧାକୁ ସାଥୀ କରି କରି ଆଗକୁ ବଢ଼ିଛନ୍ତି । ସେଥିରେ ଆଉ ଦି' ଗ୍ଚରି ବର୍ଷ ଯୋଡି ହେଇଯିବ | ଏଥିକୁ ଏତେ ଚନ୍ତା କଲେ କ'ଣ ଚଳବ! ନଜ ପୁଅ ପାଇଁ ଏତିକ କଷ୍ଟ ତ ସବୁ ବାପାମାନେ କରନ୍ତି । ତାଙ୍କ ବାପା ତ ପୁଣି ପାଠଶାଠ କଛି ନପଢ଼ି ସେ ଯୁଗରେ ତାଙ୍କୁ ମାଷ୍ଟର କରେଇଥିଲେ । ଆଉ ସେ ଯଦି ତାଙ୍କ ଠାରୁ ଦୁଇ ପାଦ ଆଗକୁ ନଯିବେ, ତେବେ ତାଙ୍କ ବାପପଣିଆର ମହତ୍ତ୍ୱ କ'ଣ ରହିବ?

"ହେଲେ ତୁ ଦୁଇ ପାଦ ନୁହେଁ, ଦୁଇ ଶହ ପାଦ ଆଗକୁ ଯିବା କଥା ଭାବୁଛୁ । ତତେ ଦି' ଅକ୍ଷର ପାଠ ପଢ଼େଇଲି ବୋଲି ଏ ମୂର୍ଖ ବାପାର କୋଉ କଥା ତୋ' ମନକୁ ଯାଉନାହିଁ । ଗାଁ ଝିଅ ହେଇ ବି ତୋ' ମାଇପକୁ ଆମ ଗ୍ଚଲିଚଳନ, କଥାବାର୍ତ୍ତା, ବେଶଭୂଷା କଛି ପସନ୍ଦ

ଆସୁନ । ନିତି ରାତି ପାହିଲେ ତୋ’ ବୋଉ ସାଙ୍ଗେ ତା’ର ଝଟାପଟା କଳି । ଥରେ ଚିନ୍ତା କଲୁ, ଗାଁରେ ରହି ବି ଆମ ଦୁଇଜଣଙ୍କର ମାନସୀକତା ମୋଟେ ମିଶି ପାରୁନାହିଁ ଯେତେବେଳେ, ସହରୀ ପୁଅ ସହିତ କେମିତି ତାଳମେଳ ବସେଇବୁ? କାଲିକୁ ତା’ ସ୍ତ୍ରୀ ଆସିଲେ, ତମମାନଙ୍କୁ କେମିତି ବ୍ୟବହାର କରିବ, ସେକଥା ମୁଁ ତ ଜଳଜଳ କରି ଦେଖିପାରୁଛି । ତୋ’ ଆଖିକୁ କ’ଣ ସତରେ ଦେଖାଯାଉନି?”

ବାପାଙ୍କ କଥାରେ ଛାତି ଭିତରେ ଅଣଗୁଷ ପବନ ସୃଷ୍ଟି ହେବା ପୂର୍ବରୁ ପୁଅ ତାଙ୍କର ବୁଝେଇ ଦେଇଥିଲା, “କାହିଁ ଶୁଣୁଛ ସେ ଜେଜେଙ୍କ କଥା! ଦିନେ କାଳେ ତ ସ୍କୁଲ୍ ମାଡିନାହାନ୍ତି, ସେ କେମିତି ଜାଣିବେ ଉଚ୍ଚଶିକ୍ଷାର ମୂଲ୍ୟ କେତେ! ଆଜିକାଲି ଇଂଜିନିଅରିଙ୍ଗ୍ କିଏ ନପଢୁଛି! ତାଙ୍କୁ ସିନା ଏଇଟା ଭାରି ବଡ କଥାଟାଏ ବୋଲି ଲାଗୁଛି, ହେଲେ ସହରକୁ ଯାଇ ଦେଖ, ସେଠି ପ୍ରତି ଘରିଜଣଙ୍କ ଭିତରେ ଜଣେ ଇଂଜିନିଅର୍ ଥିବ । ତୁମେ ଆଉ ବିଳମ୍ବ ନକରି ମୋର ଆଡ୍‌ମିଶନ୍ ପାଇଁ ପଇସା ଜମା କରିଦିଅ । ମୁଁ ଚାକରି କଲା ପରେ ତୁମର ସବୁ ଉଧାର ଆସ୍ତେ ଆସ୍ତେ କରି ଶୁଝିଦେବି । ତମକୁ ଚିନ୍ତା କରିବାକୁ ପଡିବ ନାହିଁ ।”

ପୁଅ କଥା ମାନି ସେ ଧାର୍ ଉଧାର କଲେ, ଡିହବାଡି ବିକ୍ରି କଲେ, ବାପାଙ୍କ ମନରେ ଦୁଃଖ ଦେଲେ । କେବଳ ଗୋଟିଏ ଆଶାରେ ଯେ ପୁଅ ସବୁ ସମସ୍ୟାର ସମାଧାନ କାଉଁରି କାଠି ବୁଲେଇ ଦୂର କରିଦେବ । କିନ୍ତୁ ଏ କ’ଣ, ପୁଅ ତ କାଉଁରି କାଠି ବୁଲେଇ ନିଜେ ଦୂରେଇ ଯାଉଛି! ଖାଲି ଯାଉଛି ବୋଲି ନୁହେଁ, ଏତିକି ଦିନ କାଳ ସହରରେ ରହି ଯାହା କିଛି ଖର୍ଚ୍ଚବାର୍ଚ୍ଚ କରିଥିଲା, ତାହାର ଲମ୍ବା ବିଲ୍‌ଟିଏ ବଢ଼େଇଦେଇ ଯାଉଛି । ତା’ ପାଖରେ କୁଆଡେ ଆଦୌ ପଇସା ନାହିଁ ସେସବୁ ଶୁଝିବାକୁ ।

ଆଶ୍ଚର୍ଯ୍ୟ ହେବାକୁ ବି ଆଉ ସାହାସ ନାହିଁ । ପଚଷ ହଜାର ଟଙ୍କା ଦରମା ପାଉଥିବା ପୁଅ ଯଦି ପାଞ୍ଚ ହଜାର ଟଙ୍କା ଦରମା ପାଉଥିବା ବାପା ପାଖକୁ ନିଜ ଖର୍ଚ୍ଚର ତାଲିକା ପଠେଇ ଦେଇପାରିବ, ତେବେ କୋଉ ମୁହଁରେ ଆଉ ଆଶ୍ଚର୍ଯ୍ୟ ହେବେ ସେ! କେବଳ ଲୁଚେଇ ଲୁହ ପୋଛିବା ଛଡା!

“ଆଟଲାଣ୍ଟା”, ନେରୁଲ, ନବି ମୁମ୍ବଇ



# ଦୁନିଆ ଏକ ରଙ୍ଗମଞ୍ଚ

ଶଶଧର ମହାପାତ୍ର

ଦୁନିଆର ଏହି ରଙ୍ଗମଞ୍ଚକୁ
ଆସିଛି ଅତିଥି ହୋଇ
କଳାକାରଭାବେ କାମ ସରିଗଲା
ଚାହିଁଛି ବିଦାୟ ପାଇଁ

ବିଚିତ୍ର ରଙ୍ଗରେ ରେଙ୍ଗେଇଥିଲି ମୁଁ
ମୁହଁ, ହାତ, ଗୋଡ ମୋ'ର
କାଲିଥିଲା ରଙ୍ଗ ଆଜି ଲିଭିଗଲା
ଫିକା ପଡିଲା ଶରୀର

କାଲି ଗର୍ଜୁଥିଲି ରଙ୍ଗମଞ୍ଚରେ
ଆଜି ନରମିଛି ସ୍ୱର
ଯେଉଁମାନଙ୍କୁ ମୁଁ ଡରାଇଲି କାଲି
ଆଜି ଦେଖି ତାଙ୍କୁ ଡର

କେତେବେଳେ ହେଲି ଖଳନାୟକ ମୁଁ
କେତେବେଳେ ହେଲି ହୀରୋ
କେତେବେଳେ ହେଲି ମୁଁ କୋଟିପତି
କେତେବେଳେ ହେଲି ଜିରୋ

ଥରେ ହୋଇଥିଲି ଗାଁ ସାହୁକାର
ଥରେହେଲି ରାଜନେତା
ଡାହାମିଛ କହି ପ୍ରତିଶ୍ରୁତି ଦେଇ
ଭକୁଆ ହେଲେ ଜନତା

ରଙ୍ଗମଞ୍ଚେ କେବେ ହୋଇଥିଲି ରାଜା
କେବେ ହୋଇଥିଲି ପ୍ରଜା
ସାଙ୍ଗସାଥୀମେଳେ କେତେ ହସି, କାନ୍ଦି
କରିଥିଲୁ କେତେ ମଜା

ସଂପୂର୍ଣ୍ଣ ଭାବରେ ହଜିଯାଉଥିଲି
ଚରିତ୍ର ଭିତରେ ପଶି
ସଂଘର୍ଷ କାହାଣୀ ନଏ ମନଟାଣି
ଅଶ୍ରୁଧାର ଯାଏ ଭାସି

ଦୁଃଖେ, ସୁଖେ କେତେ ବିତିଗଲା ରାତି
ଚାହୁଁ ଚାହୁଁ ଅଜାଣତେ
ସମୟ ଯେ ବଡ ବଳବାନ ପ୍ରଭୁ
ସୂଚାଇଦିଏ ସେ ମୋତେ

ଜୀବନର ଦୀପ ଲିଭିତ ଗଲାଣି
ଯିଏ ଥିଲେ ବାଲ୍ୟ ସଖା
ଦୁଃଖ ରହିଗଲା ବିଦାୟ ବେଳାରେ
ହେଇପାରିଲାନି ଦେଖା

ତୁମ ଡାକଶୁଣି ବିଦାୟ ନେଲେଣି
ପ୍ରଫୁଲ୍ଲ, ଲକ୍ଷ୍ମଣ, ଯୋଶୀ
ଏଡେ ଅଚାନକ ସେ ଡାକରା ଦିନେ
ପହଞ୍ଚିଲା ପାଖେ ଆସି



ତୁମେ ରହିଅଛ ତାଙ୍କ ପାଶେପାଶେ
ଏହି କଥା ନିଶ୍ଚେ ସତ
ଖୁସି ହେଉଥିବେ ଶ୍ରୀମୁଖକୁ ଦେଖି
ଚାଖି ଚରଣ ଅମୃତ

ରାଜା, ପ୍ରଜା, ଧନୀ, ଦରିଦ୍ର ସମାନ
ହୁଏ ମୃତ୍ୟୁ ସାମନାରେ
କଏ ଯାଏ ଆଗେ, କଏ ଯାଏ ପଛେ
ଏ'ତ ନୀତି ସଂସାରରେ

ଯାହା ଜୀବନରେ କର ନିଜପାଇଁ
ପରିବାର ପାଇଁ ହିତ
ଯାହା ଜଗତର ହିତ ପାଇଁ କର
ଝରିହୁଏ ହିଁ ଜଗତ

ଶୟନେ, ସପନେ ଏହି ମନ୍ତ୍ର ଦିଅ
ବାକଥିବା ଏ ଜୀବନେ
କାମନା, ବାସନାଠାରୁ ଦୂରେ ରଖ
ଏ' ପ୍ରାର୍ଥନା ଶ୍ରୀଚରଣେ ॥

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ନିର୍ବନ୍ଧ



ଡ. ବିଜ୍ଞାନୀ ଦାସ

ଘରେ ସମସ୍ତେ ଜମା ହୋଇଥିଲେ । ଯାବତୀୟ ବନ୍ଧୁବାନ୍ଧବ, ପିଉସୀ ଓ ପିଉସା, ଦୁଇ ମାମୁଁ ଓ ମାଇଁମାନେ ବି ସକାଳୁ, ସକାଳୁ ପହଞ୍ଚିଗଲେ । ବୋଉକୁ ବହୁତ କାମ କରିବାକୁ ପଡୁଥାଏ। ଘରେ ତ କେବଳ ସେଇ ହିଁ କର୍ତ୍ତ୍ରୀ । ଆଉ ସମସ୍ତେ ଅତିଥି । ଏମିତି କି ଦାଦା, ଖୁଡୀ ବି ଅତିଥିଙ୍କ ଭଳି, ଯେହେତୁ ସେମାନେ କୋରାପୁଟରେ ରହନ୍ତି; ବର୍ଷକରେ ଦୁଇ-ତିନି ଥର ଘରକୁ ଆସନ୍ତି । ବୋଉର ଅବସ୍ଥା ଦେଖି ପଦ୍ମାକୁ କଷ୍ଟ ଲାଗୁଥାଏ । ତା'ର ଅଠେଇଶ ତାରିଖରେ ଫେରିବାର ଥିଲା, ହେଲେ ଘରେ ହଠାତ୍ ଏତେ ବନ୍ଧୁବାବାନ୍ଧବ ଜମା ହୋଇଯିବାରୁ ସମସ୍ତଙ୍କ ଅନୁରୋଧରେ ତାକୁ ଆଉ ଦୁଇଦିନ ରହିଯିବାକୁ ବାଧ୍ୟ କରାଗଲା । ଜେଜେମାର ଦେହ ଖରାପ ପାଇଁ ସମସ୍ତେ ଦେଖିବାକୁ ଆସିଥାଆନ୍ତି; କିନ୍ତୁ ଲାଗୁଥାଏ ଯେମିତି ଘରେ କାହାର ବାହାଘର ହେଉଛି । ବହୁତଦିନ ପରେ ସମସ୍ତଙ୍କୁ ଦେଖି ଯେତିକି ଭଲ ଲାଗୁଥାନ୍ତା, ପଦ୍ମା ସେତେଟା ଖୁସି ହୋଇପାରୁନଥାଏ । ତାର ଅଣତିରିଶ ତାରିଖ ଦିନ ରବିକୁ ଭେଟିବାର ଥିଲା ଭୁବନେଶ୍ୱରରେ, ହେଲେ ସେଇଟା ଏବେ ଅସମ୍ଭବ । ତାପରେ ରବି କୋଉଠି ଥିବେ କେଜାଣି**?** ତାଙ୍କ ମାମୁଁଙ୍କ ଘରେ କି ହୋଟେଲରେ କି କେଉଁ ସାଙ୍ଗ ଘରେ **?** ସିଏ କଣ ଟିକେ ମେସେଜ୍ କରି ପାରନ୍ତେନି**?**

ଘରେ ମେଞ୍ଚାଏ ଲୋକ ଜୁଟ ହେଲେ ଏଣୁତେଣୁ ଗପନ୍ତି । ମାଇଁ ଗପିବା ଆରମ୍ଭ କରିଦେଲେ, "ପଦ୍ମା ପାଇଁ କୋଉଠି ପାତ୍ର ଦେଖିଲଣି **?**"

ବୋଉ ସକେଇ ପକେଇଲା । "କଣ କହିବି କୁହ, ଝିଅଟା ଜମା ବୁଝୁନି । ଏତେ ଭଲ ପାତ୍ରଟିଏ ମିଳିଥିଲା, ସେମାନେ ରାଜି । ଦିଆନିଆ କିଛି ବି ତାଙ୍କର ଲୋଡାନାହିଁ । ହେଲେ ପଦ୍ମା ଜମା ରାଜି ହେଉନି ।"

ମାଇଁ କହିଲେ, "ଆଉ ତମେ ପଦ୍ମା କଥା ମାନି ବସିଯାଉଛ । ତାକୁ ବୁଝେଇ ପାରିଲନି **?** ନହେଲେ ପ୍ରମୋଦକୁ କହିଲନି **?**"

"ସିଏ ତ ପଦ୍ମା ପଟ ହୋଇ ଲଢେଇ କରୁଛି | ଆମେ କହିଲୁ, ବାହାଘର ନହେଲା ନାହିଁ, ବରଂ ତା'ର ପରୀକ୍ଷା ପରେ ହେବ; ହେଲେ ଏବେ ନିର୍ବନ୍ଧଟା ହୋଇଯାଉ | ହେଲେ ପଦ୍ମା ସହିତ ପ୍ରମୋଦ ବି ମିଶିଯାଇଛି |"

ବୋଉର କଥା ଶୁଣି ମାଇଁ ଟିକେ ଭାବିଲେ | ତାପରେ କହିଲେ, "ହୋଉ, ମୁଁ ତମ ଭାଇଙ୍କ ସହିତ କଥା ହୁଏଁ | କିଛି ଗୋଟିଏ କରିବା |"

ଗୁଡିଆ ସାହିର ସୁକାନ୍ତି ମୁଢି ବିକ୍ରି କରିବାକୁ ଆସିଥିଲା | ବୋଉ ଓ ମାଇଁଙ୍କ କଥା ତା' କାନରେ ପଡିଲା | ସିଏ କହିଲା, "ହଁ ମ ନୂଆବୋଉ, ଆଜିକାଲିଆ ପିଲାମାନଙ୍କ କଥା ଜମା କୁହନା | ହେଇପରା ଶୁଣିକ ଆଇଲି, ଆମ ବାବୁଙ୍କ ସାନପୁଅ ରବିବାବୁ ମ, ସିଏ କୁଆଡେ ଗୋଟିଏ ଆମେରିକା କିରସ୍ତାନ ଝିଅକୁ ବାହାହେବେ | ମା' ସାନ୍ତାଣୀ ତ ଭାରି ରାଗିଥିଲେ | ହେଲେ ଆଜିକାଲି ପିଲା କଣ ବାପା, ମା'ଙ୍କ କଥା ଭାବୁଛନ୍ତି ?

ଏସବୁ କଥା ପଦ୍ମା କାନରେ ପଡିଲା | "କଣ ହେଲା, ରବି ଜଣେ ଆମେରିକାନ୍ ଝିଅକୁ ବାହାହେବେ ? ତେବେ ସେକଥା ତ ସିଏ କେବେ ପଦ୍ମାକୁ କହିନାହାନ୍ତି ? ଆଉ ସେମାନଙ୍କ ସଂପର୍କର ଭବିଷ୍ୟତ କଣ ହେବ ? ନା, ନା, ଏମିତି ହୋଇନଥିବ ?"

ସୁକାନ୍ତିର ଏକଥା ଶୁଣି ମାଇଁ ଓ ବୋଉ ଦୁହିଁଙ୍କର ଆଗ୍ରହ ବଢିଲା | ସେମାନେ ପଚାରିଲେ, "ଆଲୋ, ତୁ କୋଉଠୁ ଶୁଣିଲୁ ?"

ସୁକାନ୍ତି ଆହିରି ଆଗ୍ରହାନ୍ୱିତ ହୋଇ ବର୍ଣ୍ଣନା କରିବାରେ ଲାଗିଲା | "ମଲା, ଏକଥା ବଜାର ସାରା ସମସ୍ତେ ଜାଣିଲେଣି, ଆଉ ତମକୁ ଅଛପା ଅଛି | ସେ ଝିଅଟି କୁଆଡେ ଆମ ରବିବାବୁଙ୍କ ସାଙ୍ଗରେ କାମ କରୁଛି | ଜୁଲି ଦେଇ ତ ସେଇଆ କହିଲେ |"

ପଦ୍ମାର ମୁଣ୍ଡ ଝିମ୍‌ଝିମ୍ ହୋଇଗଲା | ଯଦି ଏକଥା ସତ ନ ହୋଇଥାଆନ୍ତା, ତେବେ ସୁକାନ୍ତି ଏତେ ଦମ୍ଭର ସହିତ କେମିତି କହିଥାନ୍ତା ? ତାପରେ ସିଏ ଜୁଲି କହିଲାବୋଲି ବି କହୁଛି | ଜୁଲି ତ ମିଛ କହିବନି |

ପଦ୍ମା ଭାବିପାରୁନଥିଲା କଣ କରିବ | ଇଚ୍ଛା ହେଉଥିଲା ସାଙ୍ଗେ ସାଙ୍ଗେ ଭୁବନେଶ୍ୱର ଫେରିଯାଇ ରବିଙ୍କୁ ଦେଖାକରିବ ଓ ଏ ବିଷୟରେ ପଚାରିବ | ହେଲେ ତାର ମୁଣ୍ଡ ଗୋଳମାଳ ହୋଇଯାଉଥିଲା | ସତରେ ଯଦି ରବି ଭାବିଛନ୍ତି ସେ ଆମେରିକାନ୍ ଝିଅକୁ ବାହାହେବେ, ପଦ୍ମା

ତେବେ କଣ କରିପାରିବ ? ରବିଙ୍କ ଉପରେ ତାର କଣ ଅଧିକାର ? ସେମାନଙ୍କ ଭଲପାଇବା ଉପରେ ବି ତ ସମାଜର ଏତେ ବଡ ପ୍ରତିବନ୍ଧକ ରହିଛି | ଆଉ କେଉଁ ସାହସରେ ସିଏ ଦୃଢ ପଦକ୍ଷେପ ନେଇ ଏବେ ସମସ୍ତଙ୍କ ଆଗରେ ରବି ବିଷୟରେ କହିପାରିବ ?

ତଥାପି !

ରବିଙ୍କୁ ଫୋନ୍ ଲଗେଇଲା ପଦ୍ମା | ଜାହ୍ନବୀ ଧରିଲା | ପଚାରିଲା, "କିଏ, ପଦ୍ମା କି଼ଲୋ |"

କଣ କୈଫିୟତ୍ ଦେବ ଭାବିନପାରି ପଦ୍ମା କହିଲା, "ମୁଁ ପି.ଏଚ୍.ଡି. ପାଇଁ ଆପ୍ଲାଏ କରିବି ତ; ସେଇ ବିଷୟରେ.... |"

"ହଉହଉ, ମୁଁ କହିଦେବି | ମିଷ୍ଟର୍ ତ ଏବେ କୋଉ ଆମେରିକାନ୍ ଝିଅର ପ୍ରେମରେ ପଡି ଯାଇଛନ୍ତି; ଆଉ ତୋ ପି.ଏଚ୍.ଡି କଥା ମନେ ରଖିଥିବେ କି ନାହିଁ | ମୁଁ କିନ୍ତୁ କହିଦେବି | ସିଏ ଏବେ ରାତି ଅନିଦ୍ରା ହୋଇ ନଘୋଡ ନିଦରେ ଶୋଇଛନ୍ତି, ଉଠିଲେ ମୁଁ ଜଣେଇଦେବି |"

ପଦ୍ମା ସ୍ଥିର ହୋଇଗଲା | ସିଏ ଜାହ୍ନବୀ ଅପାଙ୍କୁ ଭଲଭାବେ ଜାଣିଛି | ତାଙ୍କୁ ତ ଅବିଶ୍ୱାସ କରିହେବନି | ସିଏ କଣ ମିଛ କହିବେ ?

ମନକଥା ମନରେ ରହିଲା | ଭାଇ ଖାଇବେଳେ ଦୁଇଜଣ ସାଙ୍ଗଙ୍କୁ ଧରି ପହଞ୍ଚିଲା, ସେମାନେ ପଦ୍ମା ଘରେ ଖାଇଲେ | ତାଙ୍କ ଭିତରୁ ଜଣେ ଭାଇକୁ ପଚାରିଲା, "ଆରେ ପ୍ରମୋଦ, ଏ ରବି ବିଷୟରେ ଶୁଣିବା କଥାଟା କଣ ସତ?"

"କି କଥା ?" - ପ୍ରମୋଦ ପଚାରିଲା

"ଏଇମା, ସିଏ ଆମେରିକାନ୍ ଝିଅଟିଏ ବାହାହେବାକୁ ସ୍ଥିର କରିଥିବା କଥା |"

"ସତରେ ନା କଣ ?" - ପ୍ରମୋଦ ଆଶ୍ଚର୍ଯ୍ୟ ହୋଇ ପଚାରିଲା |

"ହଁ ପରା, ଆମେ ତ ସେକଥା ହାଟ ଉପରୁ ଶୁଣି କରି ଆଇଲୁ |"

"ହଁ, ସେଠିତ ସିଏ ସାତ, ଆଠ ବର୍ଷ ରହିଲାଣି | କିଛି ଅସମ୍ଭବ ନୁହେଁ |" - ପ୍ରମୋଦ ଏତିକି କହି ବୋଉକୁ ଆଉ ଟିକେ କୋବି ତରକାରି ପରଶିବାକୁ ଡାକିଲା |

ପଦ୍ମାର ମୁଣ୍ଡ ଭିତରଟା କେମିତି କେମିତି ହୋଇଗଲା | ଛାତି ଭିତରେ ଯେମିତି କଏ ଛୁରି ଭୁସିଦେଲା | ଏତେଦିନରୁ ଦେଖି ଆସିଥିବା ସ୍ୱପ୍ନଟିର ରୂପରେଖ ସତେ ଯେମିତି କଏ ଧ୍ୱସ୍ତବିଧ୍ୱସ୍ତ କରିଦେଲା | ସିଏ ତେବେ କଣ କରିବ ?

ରବିଙ୍କର ଫୋନ୍ ଆସିଲାନ |

ପଦ୍ମାଘରେ ଭିଡ ଜମୁଥିଲା | ସମସ୍ତେ ପଦ୍ମାକୁ ପଦେପଦେ ଶୁଣାଇବାର ସୁଯୋଗ ପାଇଲେ | "ରାଜି ହେଇଯା ଲୋ ପଦ୍ମା, ତୋ ଜେଜେମା ବୁଢୀ ହେଲେ ଟିକେ ଶାନ୍ତିରେ ମରିବ | କେଡେ ସୁନ୍ଦର ପିଲା ସେ ପାତ୍ରଟି ମ, କେତେ ଯୋଗ୍ୟ | ଆମ ଜାତିରେ ଏମିତି ଯୋଗ୍ୟପାତ୍ର କେତେ ମିଳବ ? ତୋ ବାପା, ମା'ଙ୍କ କଥା ଟିକେ ଭାବେ | ସେମିତି ବାପା, ମା' ବୋଲି ତୋ ଉତ୍ତରକୁ ଅପେକ୍ଷା କରି ବସିଛନ୍ତି, ଆଉ କଏ ହେଇଥିଲେ, ଏତେବେଳକୁ ଜବାବ ଦେଇ ବାହାଘର ବନ୍ଦୋବସ୍ତ କରିସାରନ୍ତାଣି | ତୁ ହଁ କରିଦେ |"

ସାଇପଡିଶାର ଲୋକ ବି ଆସି ମନ୍ତବ୍ୟ ଦେଇଯାଉଥାନ୍ତି | ବୋଉ ସେତେବେଳକୁ ସମସ୍ତଙ୍କୁ ଫଟୋ ଦେଖେଇ ସାରିଥାଏ ଓ ବରପାତ୍ରଟି ବିଷୟରେ ସମସ୍ତଙ୍କୁ କହିସାରିଥାଏ | ସିଏ ଯେତିକ ଲୋକଙ୍କୁ କହିଥାଏ, ଏ କାନରୁ ସେ କାନ ହୋଇ ସେକଥା ଆହୁରି ବ୍ୟାପି ଯାଇଥାଏ| "ପଦ୍ମା ସାଙ୍ଗରେ ସେ ପୁଅଟିର ଜୋଡି ରାଧାକୃଷ୍ଣଙ୍କ ଜୋଡି ଭଳ ଲାଗିବ | କେଡେ ସୁଧାର ପୁଅଟିଏ ମ | ଏତେ ପାଠ ପଢିଛି, ଆମେରିକାରେ ଚାକରି କରିଛି; ହେଲେ ଗର୍ବ, ଅହଂକାର କଛି ବି ନାହିଁ |"

ଚାରିଟା ବେଳକୁ ବଡମାମୁଁ ପଦ୍ମାକୁ ଦାଣ୍ଡଘରକୁ ଡକାଇଲେ | ବଡମାମୁଁ ପଦ୍ମାକୁ ବଡ ସ୍ନେହ କରନ୍ତି | ଯେତେବେଳେ ସେମାନଙ୍କର ଅବସ୍ଥା ଏତେ ସ୍ୱଚ୍ଛଳ ନଥିଲା, ସେତେବେଳେ ଏଇ ବଡମାମୁଁ ହିଁ ତାଙ୍କର ଆଶ୍ରୟଥିଲେ | ଦୁଃଖ, କଷ୍ଟ ସମୟରେ ସିଏ ହିଁ ଆସି ପାଖରେ ଠିଆ ହେଉଥିଲେ | ପଦ୍ମାକୁ ସିଏ ମୁରବୀ ଭଳ ବ୍ୟବହାର କରନ୍ତିନ, ବରଂ ଜଣେ ବନ୍ଧୁ ଭଳ ବ୍ୟବହାର କରନ୍ତି | ସେଥିପାଇଁ ପଦ୍ମା ବି ତାଙ୍କୁ ବହୁତ ଭଲପାଏ | ଦାଣ୍ଡଘରୁ ସିଏ ସମସ୍ତଙ୍କୁ ବାହାର କରିଦେଲେ ଓ ପଦ୍ମା ସହିତ ଏକା କଥା ହେବାକୁ ଚାହିଁଲେ |

ମାମୁଁ ପଚାରିଲେ, "ପଦ୍ମା, ତୁ କାହିଁକି ଏ ପ୍ରସ୍ତାବରେ ରାଜି ହେଉନୁ ? କଣ ନଜେ କାହାକୁ ବାହାହେବାକୁ ଠିକ୍ କରିଛୁ | ଯଦି ସେମିତି କଥା, ତେବେ ମତେ କହ, ମୁଁ ଚଳେଇନେବି|"

ଏକଥା ଭାଇ ବି ପଗ୍ଭରିନଥିଲା | ହେଲେ ମାମୁଁ ପଗ୍ଭରିଦେଲେ | ସତ କହିବ କ ନାହିଁ କଛି ବି ଭାବି ପାରିଲାନ ପଦ୍ମା | ଚଳେଇ କହିଲା, "ମାମୁଁ, ତମେ ତ ଜାଣିଛ, ମୋ ଫାଇନାଲ୍ ପରୀକ୍ଷା ସରିନ, ତେଣୁ ମୁଁ ଏ ସମୟରେ କୋଣସି ପ୍ରକାରର ରିସ୍କ ନେବାକୁ ଗ୍ଭହୁଁନ |"

"ହେଲେ ରିସ୍କ କଣ ? ଆମର ତ ଖାଲି ନର୍ବନ୍ଧ କରିବାର ଯୋଜନା ହେଉଛି ନା ଏବେ ? ଖାଲି ତୁ ହଁ କଲେ ଆମେ ପୁଅପକ୍ଷକୁ ଖବର ଦେବୁ ଓ ନର୍ବନ୍ଧଟା କରିଦେବୁ | ବାହାଘର ତୋ ପରୀକ୍ଷା ପରେ ହିଁ ହେବ | ଆଉ ନର୍ବନ୍ଧରେ ତୋର କଣଟା ବିଘ୍ନ ହେଇଯିବ ବୋଲି କହୁଛୁ ? ଯଦି ତୁ ନଜେ କାହାକୁ ସ୍ଥିର ନକରିଛୁ, ତେବେ, ଆଉ କୌଣସି କୈଫିୟତ୍ ଦେନା | ଏଭଳ ସୁଯୋଗ ବାରମ୍ବାର ଆସେନ | ତାପରେ ତୁ ବି ତ ଗ୍ଭହୁଁଛୁ ଆମେରିକା ଯାଇ ଉଚ୍ଚଶିକ୍ଷା କରିବୁ, ତାହେଲେ ତ ଏଇଟା ସୁବର୍ଣ୍ଣ ସୁଯୋଗ | ମନାକରୁଛୁ କାହିଁକ ?"

ମାମୁଁଙ୍କୁ ରବିଙ୍କ ବିଷୟ କହିପାରିଲାନ ପଦ୍ମା | ମାମୁଁ ତାପରେ ଘରେ ଜଣେଇଦେଲେ, "ପଦ୍ମାକୁ ମୁଁ ବୁଝେଇ ଦେଇଛି | ଆମେମାନେ ଏବେ ସେ ପୁଅଟିର ଘରଲୋକଙ୍କ ସହିତ ଯୋଗାଯୋଗ କରିବା, ଆଉ ତାଙ୍କର ଯଦି ଆପତ୍ତି ନଥାଏ, ତେବେ ଆମେ କାଲି ନର୍ବନ୍ଧ କରେଇଦେବା |"

କଏ ଜଣେ ଯାଇ ଏ ଖବର ଜେଜେମାକୁ ଦେଇଦେଲା | ଜେଜେମା ଖୁସିରେ ଦୁଇହାତ ଜୋଡି ଠାକୁରଙ୍କୁ ପ୍ରଣାମ ଜଣେଇଲା ଓ ପଦ୍ମାକୁ ପାଖକୁ ଡକେଇଲା | ପଦ୍ମା ମୁଣ୍ଡରେ ହାତ ରଖି କହିଲା, "ଠାକୁର ତୋର ମଙ୍ଗଳ କରନ୍ତୁ | ତୋ ବାହାଘର ଦେଖେ କ ନଦେଖେ, ହେଲେ ତୋ ବରକୁ ତ ଦେଖିକ ମରିବି |"

ସାଙ୍ଗେସାଙ୍ଗେ ମାମୁଁ ସେ ଦୂର ସଂପର୍କୀୟା ମାଉସୀଙ୍କ ସହିତ ଯୋଗାଯୋଗ କଲେ | ସନ୍ଧ୍ୟାବେଳକୁ ସେମାନେ ମାଉସୀଙ୍କ ଘରେ ବରପାତ୍ରଙ୍କ ପରିବାର ସହିତ ମିଶିବେ ଓ କାଲି ଆଡକୁ ନର୍ବନ୍ଧ ବ୍ୟବସ୍ଥା କରେଇବାର ବନ୍ଦୋବସ୍ତ କରିବେ | ସବୁ ସଂଯୋଗ ଠିକ୍ଠାକ୍ ହୋଇଗଲା | ଘରେ ସମସ୍ତେ ଖୁସି | ବରପାତ୍ର ଘର ବି ବଡ ଆନନ୍ଦିତ ବୋଲି ସମସ୍ତେ କୁହାକୁହି ହେଉଥାଆନ୍ତି |

ତା ପରଦିନ ପଦ୍ମାର ନର୍ବନ୍ଧ ହୋଇଗଲା | ଗାଁ ଜାଗୁଳେଇ ମନ୍ଦିରରେ ପୂଜା ହେଲା | ଦୁଇ ପରିବାରର ଘରଲୋକ, ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କ ଗହଣରେ ଭାବର ଆଦାନପ୍ରଦାନ ହୋଇ ବନ୍ଧୁବାନ୍ଧିବାର ଶପଥ ନଆଗଲା | ଶଙ୍ଖ ବାଜିଲା, ହୁଳହୁଳ ପଡିଲା, ଠାକୁରାଣୀଙ୍କୁ ଶାଢୀ ଦିଆଗଲା |

ଶାଶୁ ଆସି ଚେନ୍‌ଟିଏ ପିନ୍ଧାଇ ଦେଇଗଲେ | ପଦ୍ମାର ଘର ତରଫରୁ ବରପାତ୍ରକୁ ଗୋଟିଏ ମୁଦି ଓ ସୁନାଚେନ୍ ଦିଆଗଲା | ମାମୁଁ ଖାଇବାପିଇବାର ବନ୍ଦୋବସ୍ତ ସବୁ କରିଥିଲେ |

ବରପାତ୍ରଟିର ନାଁ ହେଲା ପରମେଶ୍ୱର | ଯଦିଓ ଓଡିଆ ଘରେ ସେମିତି ହୁଏନାହିଁ, ତେବେ ଆମେରିକାରୁ ଏ ପ୍ରଥା ଶିଖିଥିଲା ପରମେଶ୍ୱର | ତା' ବାପା, ମା' ବି କଲିକତା ସହରରେ ବହୁତ ଦିନ ଧରି ରହିଲେଣି | ତେଣୁ ସେମାନଙ୍କ ପରାମର୍ଶରେ ପଦ୍ମା ଆଙ୍ଗୁଠିରେ ମୁଦି ପିନ୍ଧେଇଲା ପରମେଶ୍ୱର | ବରପାତ୍ରଟିକୁ ଦେଖି ସମସ୍ତଙ୍କର ଆଖି ଖୋସି ହେଇଗଲା | "ସତରେ ମ, ଭଗବାନ କେମିତି ଏ ଜୋଡି ଠିକ୍‌କଲେ ? ରୂପ ସାଙ୍ଗକୁ ନାଁ ବି ମିଶିଗଲା, ପରମେଶ୍ୱରକୁ ପଦ୍ମାବତୀ | ଇଏତ ରାମସୀତାଙ୍କ ଜୋଡି ?" ସମସ୍ତେ ପଦ୍ମାକୁ ଆଶୀର୍ବାଦ କରୁଥିଲେ |

ପଦ୍ମା ଭାବୁଥିଲା, "ଲୋକମାନେ କାହିଁକି ଏମିତି ରାଧାକୃଷ୍ଣ, ରାମସୀତାଙ୍କ ଜୋଡିକୁ ଉଦାହରଣ ଦିଅନ୍ତି କେଜାଣି ? ରାଧାକୃଷ୍ଣ ତ କେବେ ମିଳମିଶି ସଂସାର କରିପାରିଲେନ | ଆଉ, ସତରେ କଣ ରାମ-ସୀତାଙ୍କ ଜୋଡି ସବୁଠାରୁ ଉତ୍ତମ ଦାମ୍ପତ୍ୟ ଜୀବନର ଉଦାହରଣ ? ପ୍ରଥମେ ତ ଚଉଦ ବରଷ ବନବାସ, ସୀତାଙ୍କ ହରଣ, ପୁଣି ଗର୍ଭବତୀ ଅବସ୍ଥାରେ ସ୍ୱାମୀଙ୍କର ତ୍ୟାଗ ଓ ସୀତାଙ୍କର ଅରଣ୍ୟବାସ | ଏସବୁ କଣ ଉତ୍ତମ ଦାମ୍ପତ୍ୟ ଜୀବନର ସୁଖ ? କେବେ ବି ନୁହେଁ? ତଥାପି କାହିଁକି ସମସ୍ତେ ରାମସୀତାଙ୍କ ନାଁ ନେଇ ଆଶୀର୍ବାଦ କରନ୍ତି, ବୁଝିହୁଏନ ?"

ଛାଡ | ଏବେ ତା' ଜୀବନରେ ଏ ଯେଉଁ ମୋଡ ଆସିଛି, ତାର ଗତିପଥ କେମିତି ହେବ କିଏ ଜାଣେ ? ସିଏ ରବିଙ୍କ ସହିତ ଦାମ୍ପତ୍ୟ ଜୀବନର ପରିକଳ୍ପନା କରିଥିଲା | କିନ୍ତୁ ରବି ଯଦି ସେ ବିଦେଶିନୀ ନାରୀକୁ ବିବାହ କରିବାକୁ ସ୍ଥିର କରିଛନ୍ତି, ତାଙ୍କ ଜୀବନରେ ଆଉ ପଦ୍ମାର ସ୍ଥାନ କେଉଁଠି ରହିଲା ? ଆଉ ଏ ଯେଉଁ ଯୁବକଙ୍କ ସହିତ ତାର ନିର୍ବନ୍ଧ ହୋଇଗଲା; ଯାହାଙ୍କ ସହିତ ତାର ବାହାଘର ହେବାପାଇଁ ଦିନ ଧାର୍ଯ୍ୟ କରାଯାଉଛି; ଯାହାଙ୍କୁ ସିଏ ଚହ୍ନିନ କି ଜାଣିନ; ତାଙ୍କ ସହିତ ଜୀବନ କେଉଁ ମୋଡ ନେବ କିଏ ଜାଣେ ?

ପ୍ରମୋଦ ଆସି ଡାକଲା, "ଏ ପଦ୍ମା, ଆ, ଟିକେ ପରମେଶ୍ୱରଙ୍କ ସହିତ ଯାଇ ଜେଜେମାଙ୍କୁ ଦେଖା କରିଆସେ |"

**ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା**


# ପୁତ୍ର ପାଇଁ



ସୁଲୋଚନା ପଟ୍ଟନାୟକ

ବିଳମ୍ବିତ ଅପରାହ୍ନେ କରିଥିଲି ପୁତ୍ରର ଅପେକ୍ଷା
ଗୋଧୂଳିର ଧୂଳି ତେଣେ ଭରିଥିଲା ଗଗନ ପବନ
ବତ୍ସା ଧେନୁ ଫେରୁଥିଲେ ଦେଇ ହମ୍ବାରଡି
କୃଷ୍ଣ ମୋର ଦିଶୁ ନାହିଁ, ଯଶୋଦାର ଲାଗେ ନାହିଁ ମନ ।

ମାତା ପ୍ରାଣ କାନ୍ଦେ ତା'ର ବାତ୍ସଲ୍ୟ ପ୍ରେମରେ
ଡେରୀ ହେଲେ କେବେ ଦିନେ କୃଷ୍ଣର ଆଗମେ
ମନରେ ସହସ୍ର ପ୍ରଶ୍ନ, ଆଶଙ୍କାର ପ୍ରଶ୍ନବାଚୀ ଘେରେ
ଅବୁଝା ସେ ମା' ମନ, ଅସ୍ଥିରତା ବେଳୁବେଳ ବଢେ ।



ମୁଁ ବି ତ ମାଆ ଏକ ବଢାଇଛି ପୁତ୍ର କନ୍ୟା ଏ ବିଦେଶ ଦେଶେ
ପୁଅ ଝିଅ ଯେବେ ଯାନ୍ତି ସଂଧ୍ୟାବେଳେ ସାଥୀଙ୍କ ଗହଳେ
ଚନ୍ତା ମୋର ଘୋଟି ଯାଏ ଫେରିବାକୁ ରାତି ଡେରିହେଲେ
ଫୋନକଲ୍, ଟେକ୍ସଟିଂର ଉତ୍ତରଯେ ଆସେନା ସଅଳେ ।

ଆଖି ମୋର ଖୋଲାରହେ ବିଛଣାରେ ରହିଥାଏ ପଡି
ଦୀର୍ଘ ଶ୍ୱାସ ଯାଏ ଗଳି, ଯେତେବେଳେ ଖୋଲେ କେ କବାଟ
ଉଠିବାକୁ ଇଛା ହୁଏ, ଇଛା ହୁଏକ ରିବି କ ପ୍ରଶ୍ନ
ସେ ପୁରୁଣା କଥା ପୁଣି ଦୋହୋରିବ, ମନକୁ ମୁଁ କରଇ ଆକଟ ।

'ସୁପ୍ରଭାତ' କହେ ମୋତେ, ହସି ମୁଁ ଯେ କହେ 'ସୁପ୍ରଭାତ'
ମନ କଥା ମନେ ରହେ, ପୁଣି ଗଡେ ଦିନ ପରେ ଦିନ
ଜୀବନର ଗତି ଏ ଯେ ଏଥି କେବେ ନାହିଁ ବ୍ୟତିକ୍ରମ
ଆସେ ପୁଣି ଶୁକ୍ରବାର, ପୁଣି ଶନିବାର, ବଢାଇ ମୋ ଆଶଂକତ ମନ ।

ମୁଁ ଏକ ଅବୁଝା ମନ, ମୁଁ ଯେ ଏକ ଭାରତୀୟ ନାରୀ
ମାତୃତ୍ୱରେ ପୂର୍ଣ୍ଣତା ମୋ, ଗ୍ଭହେଁ ହେବି ସେ "ଯଶୋଦା" ପରି
ବାତ୍ସଲ୍ୟ ମମତା ଘେନ, ଭାବୁଛି ଓ ଭାବୁଥିବି ସଦା
ମନେ ମୋ ଏତିକି ଆଶା, ଆର୍ଶୀବାଦ ଦିଅ ଆଜି କରୁଛି ଗୁହାରୀ ।

ଉପ-ସଭାପତି,
ଦି ଓଡିଶା ସୋସାଇଟି ଅଫ୍ ଆମେରିକାଜ୍
ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

**"ବେଦାନ୍ତୀ ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଜୁଲାଇ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା:**

**vedantimagazine@gmail.com"**



# ଶେଷକଥା

ନୃସିଂହ ଚରଣ ବେହେରା

ସ୍ମୃତିର ଅଳନ୍ଦକୁ ସଫା କରି
ଢେର ବେଳଯାଏଁ ଭାବୁଛୁ ବସି
କ'ଣ ମୋ' କଥା?
କେତେ ଆଉ ଭାବିବୁ?
ତୁ ତ କେଉଁ କାଳୁ ହାତ ମୋ ଛାଡିଛୁ
ଭୁଲିଯିବୁଣି ବୋଧେ ମୋତେ
ତଥାପି ଥରେ ମନେ ପକା
ସେଇ ନୀଳ ସାଗର ଉପତ୍ୟକା
ଯହିଁ ଛାଡି ଆସିଛୁ ପୂର୍ଣ୍ଣିମାର ଜୁଆର
ବାଲ୍ୟକାଳର ସରଳତା
କୈଶୋରର ଉଦ୍ଦାମତା ଆଉ
ଯୌବନର ଚପଳତା
ଫଗୁଣର କୁହୁତାନ
ଆଉ ହଳଦୀବସନ୍ତର ଗୀତ,
ଅମାନିଆ ଦଲକାଏ ପବନ ହୋଇ
ଆକାଶକୁ ଧରିବାର ଓରମାନ ।

ସମୟର ସ୍ରୋତରେ
ସେ ସବୁ ଏବେ ଥୁଣ୍ଟା ବରଗଛର ରେଖାଚନ୍ଦ୍ର
କୁହୁଡିର ଘନ ଅନ୍ଧକାର ଗୃଦର ତଳେ
ଝାପ୍ସା ଦିଶିଲେଣି
ସାଇତା ସ୍ମୃତି ସବୁ ଅତୀତର
ପଛକୁ ଫେରି ଦେଖ ଥରେ
ବେଳ ହେଲାଣି ଉଚ୍ଛୁର
ଜୀବନର ଅନ୍ତିମ ସମୟରେ
କାହିଁକି କରୁଛି ଆଉ ଅବଶୋଷ
ବିତି ଯାଇଥିବା ଦିନ ଆଉ କ ଫେରିବ
ନରେଖି ଦେଖ ଥରେ ସେହି
ଅସରନ୍ତି ଦୁଃଖର କୋହ
ଆଉ ଅସମ୍ପୂର୍ଣ୍ଣ ଥିବା ସ୍ୱପ୍ନର ଭଗ୍ନସ୍ତୁପକୁ
ଆଉ ଜୀବନ ଯାତ୍ରାରେ ଗ୍ଲାଲିଗ୍ଲାଲି
ଅଧାବାଟରେ ଛାଡି ଆସିଥିବା ଦାୟିତ୍ୱକୁ ।

ଭୋଇନଗର, ଭୁବନେଶ୍ୱର

ବେଦାନ୍ତୀର ହ୍ୱାସଟଆପ୍ (Whatsapp) ନମ୍ବର ହେଲା- 9594993733
ଆପଣମାନେ ଏଥିରେ ଆମକୁ ସମ୍ପର୍କ କରିବା ସହ ନିଜ ନିଜର ମତାମତ
ଆଉ ଲେଖା ମଧ୍ୟ ପଠାଇପାରିବେ ।

# କାହାଣୀ ନଥିଲା, ଥିଲା ସତ


ଶାନ୍ତିଲତା ମିଶ୍ର

ତାଙ୍କୁ ହାସ୍ୟରସାତ୍ମକ ବା କରୁଣ କାହାଣୀ ପଢିବାକୁ ବହୁତ ଭଲ ଲାଗେ । ଅନ୍ୟ କାହାଣୀ ରେ ବିଶେଷ ଆସକ୍ତି ଦେଖାନ୍ତିନି ସତ, କିନ୍ତୁ ଗପ ପଢିବାକୁ ଭଲ ଲାଗେ ବୋଲି ସେ ସବୁ ପ୍ରକାର କାହାଣୀ ପଢି ଦିଅନ୍ତି । କିନ୍ତୁ ତାଙ୍କ ମନକୁ ଛୁଏଁ କିଛି ମାତ୍ର ଗଳ୍ପ। କିନ୍ତୁ ଆଜିର ଏ ଗଳ୍ପଟିକୁ ସେ କି ନାମେ ଦେବେ କିପରି ଅନୁଭବ କରିବେ, କିପରି ପ୍ରତିକ୍ରିୟା ଦେଖେଇବେ ବୁଝିପାରୁ ନଥିଲେ ।

"ମେଗିର" ଫୁନେର୍ାଲ କୁ ଯିବାକୁ ତିନି ଥର କଲ କରି ସାରିଲାଣି "ନାନସି"। ଆଉ ପାଞ୍ଚ ମିନଟ୍ ରେ କାମ ସାରି ଆସୁଛି କହି ଘଣ୍ଟେ ନେଇ ଗଲେଣି । ଏବେ ଯିବାକୁ ହେବ । ଅଫିସ ସାରା ଗ୍ରୁପ୍ ପରେ ଗ୍ରୁପ୍ ହୋଇ ଯାଉଛନ୍ତି । ସମସ୍ତେ ତ ଏକ ସଙ୍ଗେ ଅଫିସ ବନ୍ଦ କରି ଯାଇ ପାରିବେନି ।

ନାନସି ତା ଗାଡିରେ ପାଞ୍ଚ ଜଣ ଅଫିସ ସାଥୀଙ୍କୁ ନେଇ କରି ଯାଉଛି । ତାଙ୍କ ଭିତରୁ "ସୁଶିଳା" ବି ଜଣେ । ଆଜି ମେଗିର ଭିଜିଟେସନ ଡେ । ସକାଳ ଏଗାର ରୁ ଦିନ ତିନଟା ଯାଏ, ତା ପରେ ତାକୁ କଫିନ ରେ ଭର୍ତ୍ତି କରି ମାଟି ତଳେ କବର ଦେଇ ଦିଆଯିବ । ତାର ଜୀବନର କାହାଣୀ ହୁଏତ ସେଇଠି ହିଁ ସରିଯିବ । କିନ୍ତୁ ସୁଶିଳାଙ୍କ ମନ ଭିତରେ ଯେଉଁ କାହାଣୀ ଟି ସେ ସୃଷ୍ଟି କରିଦେଇଗଲା ସେ ତ ତାଙ୍କ ସାରା ଜୀବନ ପାଇଁ ରହିଯିବ ।

ମେଗି ସଙ୍ଗେ ତାଙ୍କର ପରିଚୟ ଦୀର୍ଘ ପନ୍ଦର ବର୍ଷର ଏ ଅଫିସରେ କାମରେ ଯୋଗ ଦେଲା ଦିନଠାରୁ । ମେଗି ବହୁତ ମେଳାପି ଖୋଲା ମିଜ୍ଞାସର ମଣିଷ । ତା ପେଟରେ ଲୁଣବି ମିଳାଏନି । ଆଉ ଦିନ ସାରା ଗପିଲେ ବି ସେ କେବେ ଥକେନି । ତେଣୁ ତାର ଅନେକ ଲୋକ ଜଣାଶୁଣା ଏ ଅଫିସରେ । କିନ୍ତୁ ସୁଶୀଳା ଏତେ ମେଳାପି ନଥିଲେ । ତାଙ୍କ ଭାରତୀୟ ସଂସ୍କୃତିରେ ଏତେ ଗପୁଥିବା ଝିଅମାନଙ୍କୁ ଭଲ ଦୃଷ୍ଟିରେ ଦେଖନ୍ତିନି ବୋଲି ତାଙ୍କର ଧାରଣା । ଏକ ରକ୍ଷଣଶୀଳ ପରିବାରରେ ବଢି ଥିବାରୁ ବିଶେଷ ନ ଗପିବା ତାଙ୍କର ଏକ ଅଭ୍ୟାସ ଥିଲା ।

ଆମେରିକା କିନ୍ତୁ ଏକ ଅଲଗା ଦେଶ । ବେଶୀ ଗପୁଥିବା ଲୋକକୁ ଫ୍ରେଣ୍ଡଲି ବା ବନ୍ଧୁପ୍ରିୟ ବ୍ୟକ୍ତି ବୋଲି ମାନନ୍ତି । ସକାଳେ ଅଫିସକୁ ଆସିଲେ ମେଗିକୁ ଯେତେ ଲୋକ ହାଏ ହ୍ୟାଲୋ କୁହନ୍ତି, ତା ସହିତ ଗପ କରନ୍ତି, ସୁଶୀଳାଙ୍କୁ ସେତେ କେହି କୁହନ୍ତିନ ବା ତାଙ୍କ ସହିତ ବେଶୀ ଗପନ୍ତିନ । ତେଣୁ ମେଗିର ଏତେ ବନ୍ଧୁ ସଂଖ୍ୟା ଦେଖି ତାଙ୍କୁ ବହୁତ ଖରାପ ଲାଗୁଥାଏ ।

ମେଗି କିଛିଦିନ ପରେ ତାଙ୍କ ସଙ୍ଗେ ବି ବନ୍ଧୁତ୍ୱ କରିନେଲା । ସୁଶୀଳା କିନ୍ତୁ ଅଳ୍ପ ସାଙ୍ଗ କରନ୍ତି ସତ କିନ୍ତୁ ଖୁବ୍ ନିଷ୍ଠାପରଭାବେ ବନ୍ଧୁତ୍ୱର ମର୍ଯ୍ୟାଦା ରଖନ୍ତି । ତେଣୁ ଧିରେ ଧିରେ ମେଗି ତାଙ୍କର ଅତି ନିକଟତର ବନ୍ଧୁ ହୋଇଗଲା । ତାପରେ ମେଗି ର ସମସ୍ତ ସାଙ୍ଗେ ତାଙ୍କ ନିଜର ବି ହୋଇଗଲେ ।

ମେଗି ଖୋଲା ବହି ପରି । ତାକୁ ଅନାୟସରେ ଯେ କେହି ପଢି ପରେଇବ ଖୁବ୍ ସହଜରେ । ବିଶେଷତଃ ମେଗି ସଙ୍ଗେ ମିଶିଲା ପରଠୁ ମେଗିର ମନ ଭିତରେ କଣ ଚାଲିଛି ସେ ଖୁବ୍ ସହଜରେ ଅନୁମାନ କରି ନିଅନ୍ତି ।

ମେଗିର ବୟସ ପଚାଶ ଉପରେ । ପଚଶ ବର୍ଷ ପୂର୍ବରୁ ସେ ଥରେ ବିବାହ କରିଥିଲା । ସେ ବିବାହ ଦଶ ବର୍ଷ ପରେ ଡିଭୋର୍ସରେ ଶେଷ ହୋଇ ଯାଇଥିଲା । କାରଣ ତା ସ୍ୱାମୀ ମେଗିଠାରୁ ଅଧିକ ସୁନ୍ଦରି ପତଳ ନିଜ ଅଫିସର ଜଣେ ଝିଅ ସହିତ ମିଶୁଥିବାର ମେଗି ଜାଣିଗଲା ପରେ ଡିଭୋର୍ସ ନେବାକୁ ବାଧ ହୋଇଥିଲା । ଦୁର୍ଭାଗ୍ୟକୁ ତାର ଛୁଆ ପିଲା ବି କେହି ନ୍ଥିଲେ । ସେବେଠୁ ଏକାକୀ । ଏ ଅଫିସ୍ ର ଲୋକେମାନେ ହିଁ ତାର ପରିବାର ।

ସେ  ଏଇ ପାଞ୍ଚ ବର୍ଷ ପୂର୍ବରୁ ପୁଣିଥରେ ବିବାହ କଲା । ସେ ପୁଣି ନିଜର ଦେଢଶୁରଙ୍କ ସହିତ । କଥା ଟା ଏତେ ସହଜରେ ହଜମ କରି ପାରିଲେନ ସୁଶୀଳା । ଯଦିଓ ଏତେ ବର୍ଷ ଏ ଆମେରିକୀୟ ସଂସ୍କୃତିକୁ ବହୁତ ପାଖରୁ ଦେଖି ଆସୁଛନ୍ତି ସେଥିରେ ଓତପ୍ରୋତ ଭାବେ ଜଡିତ ହୋଇ ସାରିଲେଣି, ତଥାପି ସେ ଏ ଘଟଣାକୁ ଏତେ ସହଜରେ ଗ୍ରହଣ କରି ପାରିଲେନ । ତାକୁ କଣ ଆଉ କେହି ମିଳଲେନ ବିବାହ କରିବାକୁ । ଏ ଅଫିସରେ ତ ତାର ଶହେ ପୁରୁଷ ବନ୍ଧୁ ଥିବେ । ସେମାନଙ୍କ ଭିତରୁ ଜଣଙ୍କୁ କାହିଁ ବାଛିଲାନ । ଦେଢଶୁର ବଡ ଭାଇ ସମାନ । ତାଙ୍କୁ ବିବାହ କରିବା ଅର୍ଥ ନିଜ ଭାଇ ସଙ୍ଗେ ବିବାହ କରିବା ସମାନ ।" ଏ ଦେଶରେ ସ୍ତ୍ରୀ କଣ ପୁରୁଷ କଣ, ତିନି ଚାରିଥର ବିବାହ କରିବା କିଛି ବଡ କଥା ନୁହେଁ ବା ସମାଜର ସେଥିରେ

କୌଣସି ଅସମ୍ମତି ନାହିଁ ବା ହସ୍ତକ୍ଷେପ ନାହିଁ । ତା ବୋଲି କଣ ଦେଢଶୁର ଙ୍କ ସହିତ । ଛି...ଛି...

ଭାରତୀୟ ପୁରାଣ ଶାସ୍ତ୍ରରେ ଏ ପରି ସ୍ତ୍ରୀଙ୍କୁ ଅସତୀ, କୂଳଟା ଆଖ୍ୟା କଥା ତାଙ୍କର ମନେ ପଡି ମନଟା କପରି ବିଷେଇ ଗଲା । ମେଗିକୁ ଦେଖିଲେ ଆଗେ ଯେପରି ଖୁସି ଲାଗୁଥିଲା ଏବେ ସେପରି ଲାଗୁନ । ସକାଳୁ ଆସିଲେ ତା ମୁହଁ ଦେଖିବାକୁ ଇଚ୍ଛା ହୁଏନ । ଭାବନ୍ତି ଦିନଟା ଖରାପରେ ଯିବ ବୋଲି ତାକୁ ସେ ଏଡେଇ ଯାଇ ଅନ୍ୟ ଦିଗକୁ ମୁହଁ କରି ଦିଅନ୍ତି । ଦେଖି ନଦେଖିଲା ପରି ଚାଲି ଯାଆନ୍ତି ।

ତାଙ୍କର ଏ ଖାପଛଡା ବ୍ୟବହାର ମେଗି ନିଶ୍ଚୟ ଅନୁଭବ କରୁଥିବ, କନ୍ତୁ କାରଣ ନିଶ୍ଚୟ ଜାଣି ନଥିବ । କାରଣ ତାଙ୍କ ସଂସ୍କୃତି ଅନୁସାରେ ସେ କଛି ଗହିର୍ତ୍ତ କାର୍ଯ୍ୟ କରିନାହିଁ । ସେ ବି ଏ ସବୁକୁ ଦେଖି ନଦେଖିଲା ପରି ଚାଲିଯାଏ । ଦେଖା ହୋଇଗଲେ ହାଏ "ସିସ୍" କହି ଚାଲିଯାଏ । କନ୍ତୁ କପରି ଅଛ କହି କଥା ବଢାଏନ । କ ଜାଣିବାକୁ ଚେଷ୍ଟା କରେନ ତାଙ୍କର ଏପରି ପରିବର୍ତ୍ତନର କାରଣ । ବିବାହ ପରେ ସେ ଆଗେ ଅପେକ୍ଷା ବହୁତ ଖୁସି । ତାର ଏ ଖୁସି ଦେଖି ବି ସୁଶୀଳାଙ୍କ ଦେହରେ ବେଶୀ ନିଆଁ ଲାଗିଯାଏ ।

ମେଗି ବିଷୟରେ ତାଙ୍କର ଏପରି ଅତିରିକ୍ତ ପ୍ରତିକ୍ରିୟା ଦେଖେଇବା ଉଚତ ଯଦିଓ ନୁହେଁ, ତଥାପି ସେ ଦେଖାନ୍ତି । ତାଙ୍କର କଛି ଯାଏ ଆସେ ରହିବା କଥା ନୁହେଁ । ମେଗି କାହାକୁ ବିବାହ କଲା ନକଲା ତାଙ୍କର ମୁଣ୍ଡ ଖେଳେଇବା ମୋଟେ ଉଚତ ନୁହେ । ଅନ୍ୟମାନେ ଯଦି ଏହାକୁ ଏତେ ସହଜ ଓ ସ୍ଵାଭାବିକ ଭାବରେ ଗ୍ରହଣ କରି ନେଇଛନ୍ତି ଏ ଦେଶରେ ସଂସ୍କୃତି ଭାବରେ ତାଙ୍କର ଏତେ ପ୍ରିତିକ୍ରିୟା, ମୁଣ୍ଡବ୍ୟଥା କାହିଁକ?

ତା ବିବାହରେ ବି ଯୋଗ ଦେଇ ନଥିଲେ । କଛି ପାରିବାରିକ କାର୍ଯ୍ୟକ୍ରମ ଯୋଗୁ ନିୟୁୟର୍କ ଯାଉଛନ୍ତି କହି ସପ୍ତାହେ ଛୁଟି ନେଇ ଘରେ ରହି ଯାଇଥିଲେ । ସମସ୍ତେ ତାକୁ ଗିଫଟ ସହିତ ଖୁସିରେ ବଧାଇ ଜଣାଇଥିଲେ । ସେ ବି ବିନା ଆନ୍ତରିକତାରେ ଗୋଟାଏ ଗିଫଟ୍ ଡାକ ହାତରେ ପଠେଇ ଦେଇଥିଲେ ନିଜର କୃତ୍ରିମ ଖୁସିର ବାର୍ତ୍ତା ସହିତ ।

ତା ସହିତ ମିଶିଲେ କାଳେ ତା ଅସତୀ ପଣିଆର ବିଷ ତାଙ୍କ ଦେହକୁ ଚରିଯିବ, ତେଣୁ ସେ ଡିପାର୍ଟମେଣ୍ଟ ଛାଡି ଆଉ ଗୋଟେ ଡିପାର୍ଟମେଣ୍ଟକୁ ଉପରିସ୍ଥ କର୍ମକର୍ତ୍ତାମାନଙ୍କୁ କୁହାକୁହି କରି

ଗ୍ଭଲି ଯାଇଥିଲେ, ମେଗିକୁ ସବୁଦିନ ଯେପରି ଦେଖି ହାଏ ହ୍ୟାଲୋ କରିବାକୁ ନପଡେ ବା କଛି ବାର୍ତ୍ତାଳାପ କରିବାକୁ ନପଡେ । ପ୍ରାୟ ପାଞ୍ଚବର୍ଷ ହେବ ମେଗି ସହିତ ତାଙ୍କର ବିଶେଷ ଦେଖା ସାକ୍ଷାତ ହୁଏନାହିଁ ବା ତାର କୌଣସି ଖବର ଅନ୍ତର ସେ ରଖି ନାହାଁନ୍ତି ।

ଆଜି ଯଦି ସମସ୍ତେ ତା ଫୁନେରାଲରେ ଶେଷ ଦେଖା କରିବାକୁ ଯାଉଛନ୍ତି, ଫରମାଲିଟି ଦୃଷ୍ଟିରୁ ଯିବାକୁ ତ ପଡିବ । ଆଜି ନ ଯିବାର ବାହାନା କରିବାର କଛି ମାନେ ହିଁ ନାହିଁ । ସେ ତ ଆଉ ଏ ସଂସାରରେ ନାହିଁ। ହଠାତ୍ ହାର୍ଟ ଆଟାକରେ ତାର ମୃତ୍ୟୁ ହୋଇ ଯାଇଥିବାରୁ ପୁରା ଅଫିସରେ ଶୋକର ଛାୟା ଖେଳଯାଇଛି । ଯାହାକୁ ଦେଖ, ତାରି କଥା ଗପି ଗ୍ଭଲିଛନ୍ତି । କେବଳ ସେ ନିରବ । ସେଇଆ ତ ହେବ ଏପରି ଅନାଗ୍ରହ ଜୀବନ ଜିଇଁଲେ । କନ୍ତୁ ସେ ମୁହଁ ଖୋଲି ନଥିଲେ । ଚୁପ୍ ଗ୍ଭପ୍ ଯାଇ ନାନସିର ଗାଡିରେ ବସିଲେ ।

ଫୁନେରାଲ୍ ହଲ୍ ରେ ଲୋକ ଭିଡ ଥିଲା ବହୁତ । ତାର ସ୍ୱାମୀ, ମାନେ ତା ଦେଢଶୁର ତା ପାଖରେ ଠିଆ ହୋଇ ଅଶ୍ରୁ ତର୍ପଣ କରୁଥିଲେ । ସାଙ୍ଗ ସାଥି, ବନ୍ଧୁ ବାନ୍ଧବ ସାନ୍ତ୍ୱନା ଦେଉଥିଲେ । କନ୍ତୁ ସୁଶୀଳାଙ୍କ ମୁହଁରୁ ଗୋଟାଏ ବି ସମବେଦନା ବା ସାନ୍ତ୍ୱନାର ଶବ୍ଦ ବାହାରି ନଥିଲା ।

ମେଗିର କଛି ସମ୍ପର୍କୀୟଙ୍କଠାରୁ ସେ ଜାଣିବାକୁ ପାଇଲେ ତା ଦେଢଶୁର ଆଠ ବର୍ଷ ତଳେ କ୍ୟାନସରରେ ମୃତ୍ୟୁ ସଙ୍ଗେ ଲଢୁଥିଲେ । ଡକ୍ଟର ତାଙ୍କୁ ମାତ୍ର ଦୁଇ ବର୍ଷ ସମୟ ଦେଇଥିଲେ । ତାଙ୍କ ନଜ ସ୍ତ୍ରୀ ଗ୍ଭରିବର୍ଷ ତଳେ ଗ୍ଭଲି ଯାଇଥିଲେ । ତାଙ୍କର ଏକମାତ୍ର ଝିଅ ସେ ବହୁ ଦୂରରେ ରୁହେ । କେହି ତଙ୍କର ସେବା ଯତ୍ନ କରିବାକୁ ରାଜି ହୋଇ ନଥିଲେ, ଏପରିକ ନଜ ସାନ ଭାଇ ବି କଛି ଅସୁବିଧା ଦର୍ଶାଇ । ସେତେବେଳେ ସେ ଏଇ ମେଗିକୁ ଫୋନ କରି ତାର ସାହାଯ୍ୟ ମାଗିଥିଲେ ।

ଆକୁଣ୍ଠ ଚତ୍ତରେ ଆଗେଇ ଆସିଥିଲା ସାହାଯ୍ୟ କରିବାକୁ ମେଗି । ତାର ସେବା ଯତ୍ନରେ ସେ ଭଲ ହୋଇ ଉଠିଥିଲେ । ଏପରିକ ସେ କ୍ୟାନସର ପରି ରାକ୍ଷସ ଉପରେ ବିଜୟ ପ୍ରାପ୍ତ କରିଥିଲେ । ସେ କ୍ୟାନସର ମୁକ୍ତ ହୋଇ ଯାଇଥିଲେ ସତ, କ୍ୟାନସରର ବା କଣ ଠିକଣା । ତାର ବର୍ଷକ ପରେ ମେଗିର ମାସିଭ ହାର୍ଟ ଆଟାକ ଆସିଥିଲା । ହାର୍ଟ ସର୍ଜରୀରେ ଗୁଡାଏ ଟଙ୍କା ତାର ଖର୍ଚ୍ଚ ହୋଇ ଯାଇଥିଲା । ଦୈନକ ଖର୍ଚ୍ଚ ତୁଲେଇବା ପାଇଁ ତାକୁ ସମୟେ ସମୟେ ଓଭର

ଟାଇମ୍ କାମ ବି କରିବାକୁ ପଡୁଥିଲା । ଯୋଇଟାକ ତା ସ୍ୱାସ୍ଥ୍ୟ ପକ୍ଷେ ନହାତି କ୍ଷତି କାରକ । ତାର ଏବେ ବହୁତ ବିଶ୍ରାମ ଦରକାର, କାମ ନୁହେଁ । ତେଣୁ ତାର ଦେଢଶୁର ମେଗିକୁ ବିବାହ ପ୍ରସ୍ତାବ ରଖିଥିଲେ, କାରଣ ତାଙ୍କ ଅନ୍ତେ ମେଗି ତାଙ୍କ ସମ୍ପତ୍ତିର ଉତ୍ତରାଧିକାରିଣୀ ହୋଇ ପାରିବ । ଏପରି ସ୍ତ୍ରୀ ଭାବରେ ସମ୍ପର୍କ ରହିଲେ ତା ନାମରେ ସବୁ ସମ୍ପତ୍ତି ହସ୍ତାନ୍ତର କରିଦେବା ସହଜ ହୋଇଯିବ । ତାକୁ ସାରା ଜୀବନ କାମ କରିବାକୁ ଯେପରି ପଡିବ ନାହିଁ ।

ଆଖିରୁ ସୁଶୀଳାଙ୍କର ଲୁହ ବି ଝରି ଆସିଲା । ଏ ତ କାହାଣି ନଥିଲା, ସତ ଘଟଣା ଥିଲା । ସେ ମେଗି ପ୍ରତି ବହୁତ ଅନ୍ୟାୟ କରିଛନ୍ତି । କଛି ନବୁଝି ନଶୁଝି ନଜକୁ ସତୀ ସାବିତ୍ରୀ ଆଖ୍ୟା ଦେଇ ତାକୁ ଅସତୀର କଳଙ୍କ ଦାଗ ଲଗେଇ ଦେଇଛନ୍ତି । ତାକୁ ସୁଯୋଗ ବି ଦେଇ ନଥିଲେ ତା କଥା ଶୁଣେଇବାକୁ । ପଗ୍ଚରିଥିଲେ ସେ ସବୁ ସତ କହି ଦେଇଥାନ୍ତା । କଛି ବି ଲୁଚେଇ ନଥାନ୍ତା ସେ ଏତେ ପ୍ରଗଳଭ ଯେ ।

ଆଜି ଲାଗୁଥିଲା ସେ ଦେବୀ ସେ ପୂଜ୍ୟା । ଯେ ପରକୁ ଆକୁଣ୍ଠ ଚତ୍ତରେ ସାହାଯ୍ୟ କରିପାରେ, ସେ କେବେ ଅସତୀ ହୋଇ ନପାରେ । ନଜ ଆଖିରେ କେତେ ଆଉ ଛୋଟ ହେବେ । ସେ ତ ଫୁଲଟାଏ ବି ଧରି କରି ଆସି ନଥିଲେ । ନାନସି ଆଣିଥିବା ଫୁଲ ତୋଡାରୁ ଦୁଇଟା ଫୁଲ ନେଇ ତା ପାଦ ତଳେ ରଖିଦେଲେ । ସମସ୍ତଙ୍କ ଅଲକ୍ଷରେ ତା ପାଦ ଧୂଳ ନେଇ ମୁଣ୍ଡରେ ବୋଳ ଏକ ବିରାଟ ପାହାଡର ଅବଶୋଷ ନେଇ ଅଫିସକୁ ଫେରିଥିଲେ ସତ, କନ୍ତୁ କାମରେ ମନ ଲାଗି ନଥିଲା ।

ତାଙ୍କ ପୁରାଣ ଶାସ୍ତ୍ରରେ ସତୀ ଅସତୀର ବର୍ଣ୍ଣନା, ବ୍ୟାଖ୍ୟା ତ ବହୁତ ହୋଇଛି, କନ୍ତୁ ଦେବୀତ୍ୱ ଉପରେ ବିଶେଷ କୋଉଠି ଲେଖା ହୋଇଥିବାର ବା ସେ ପଢିଥିବାର ତାଙ୍କର ମନେ ନାହିଁ । ପଢିଥିଲେ ହୁଏତ ମେଗି ପ୍ରତି ତାଙ୍କର ଏ ଜଘନ୍ୟ ମନୋବୃତ୍ତି ଆସିନଥାନ୍ତା । ଜାତି, ଧର୍ମ, ବର୍ଣ୍ଣ, ନୟମ, କାନୁନର ସର୍ବ ଉର୍ଦ୍ଧରେ ହେଉଛି ମାନବ ଧର୍ମ । ନସ୍ୱାର୍ଥପର ଭାବେ ଯେ ପରର ସେବା କରିପାରେ, ସେମାନେ ହିଁ ତ ଦେବୀ ଓ ଦେବତା ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# କୋଇଲିରେ ବାହୁନଲେ କବା ଲାଭ ?



କାଳକଙ୍କର

ବସନ୍ତର ଏମିତି ଭାଗ୍ୟରେ କୋଇଲି
ସେ ଛିଡା ହୋଇଥାଏ ଶୀତ ଓ ନଦାଘର ମଝିରେ
ତୋର ସୁମଧୁର କଣ୍ଠ ସଂଗୀତ ତାକୁ ବହୁତ ଭଲ ଲାଗେ ଆପଣାର ଲାଗେ
ସେ କନ୍ତୁ କଣ ସବୁଦିନ ତୋତେ ତା ପ୍ରେମର ପଣତରେ ବସାଇ ପାରିବ **?**
ନାରେ କୋଇଲି, ତୁ ଏମିତି ଅବୁଝା ହଅନା, ପ୍ରେମ ତୋର ପବିତ୍ର ସାତନଦୀ
ଗଙ୍ଗା ଯମୁନା ଗୋଦାବରୀ ନର୍ମଦା, ସିନ୍ଧୁ ଓ କାବେରୀ
ହୃଦୟ ତୋର ସାତ ସାଗର ଓ ପଂଚ ମହାସାଗର
ତେବେ ବସନ୍ତ କେବେ ନୁହେଁ ତୋର ଏକାନ୍ତ ନଜର
ଏଣୁ କୋଇଲିରେ ବାହୁନଲେ କବା ଲାଭ କହ **?**

ଫଗୁଣ ତୋ ଦେହର ସମସ୍ତ ସୁନ୍ଦର ଆଭୁଷଣ
ଭାଗ୍ୟ କନ୍ତୁ ହଟହଟା ଚୈତ୍ରର ଚଇତି ପବନ
ତଥାପି ସ୍ନିଗ୍ଧ ସମୀରଣରେ ଭାସିଯାଏ ଯେତେବେଳେ ତୋ କଣ୍ଠର ସ୍ୱର
ସରଗ ଓହ୍ଲାଇ ଆସେରେ ପୃଥିବୀକୁ, ତୁ ବସିଥିବା ଗଛର ଡାଳକୁ
ତୋ ପାଖକୁ ଶୁଣିବାକୁ ତୋ କଣ୍ଠର ଅମୃତ ମୂର୍ଚ୍ଛନା
ବସନ୍ତ ସଂଚରିଯାଏ ଯାଏ ମାଟି ଆଉ ପବନରେ ପତ୍ରେ ଫୁଲେ ଫଳର ସମ୍ଭାରେ
ତୋତେ ସେ ଆପଣାର ଭାବିଥାଏ ଚରକାଳ ସଜନୀର ସୌନ୍ଦର୍ଯ୍ୟ ସୁଖ ସ୍ୱପ୍ନ ନେଇ
ତେବେ କଣ ନଦାଘ ଆସିବ ନାହିଁ ଏ ବାଟରେ ଋତୁଚକ୍ରେ ପରିଚୟ ପାଇଁ
ଅଥବା ସେ ଶୀତ କଣ ସହଜରେ ଛାଡି ଦିଏ ବାଟ କେବେ ବସନ୍ତର ପାଇଁ **?**
ସବୁ ସେମିତି ଏ ଜୀବନ ଚକ୍ରରେ ଘୁରୁଥାଏ ଅନାଦି ଅନନ୍ତ କାଳରୁ
ଏଣୁ କୋଇଲିରେ ବାହୁନଲେ କବା ଲାଭ କହ **?**

ମୁଁ ଏଇଠି ବସିଛି ତୁ ବସିଥିବା ଗଛର ମୂଳରେ
କେତେ କାଳୁ ତୋ ପ୍ରେମରେ ବନ୍ଧା ପଡିଛି ବୋଲି
ରାତି ଦିନ ସବୁବେଳେ ଟେକ ଦେଇ ଏହି ମୋର ବେନହାତ
କହୁଛି ହେ ଈଶ୍ୱର ତୁମେ ଥରେ ମୋ ହାତରେ ଧରା ପଡନ୍ତନ ?
ମୁଁ ତୁମକୁ ପଚାରନ୍ତି ପ୍ରକୃତରେ ପ୍ରେମ କଣ ?
ରାଧା କଏ, କଏ ଗୋପାଙ୍ଗନା, ତୁମର ବଇଁଶୀ କଣ

ଏ କୋଇଲି  କଣ୍ଠରେ ତୁମେ ଭରିଦେଇ ମତୁଆଲା କରୁଅଛ ବସନ୍ତର ଦେହ ମନ ପ୍ରାଣ
ଆଉ ଶୁଣାଉଛ ଏ ସଂସାରେ ପ୍ରେମ ଏକମାତ୍ର ଜନ୍ମ ଆଉ ମୃତ୍ୟୁ ମଧ୍ୟେ ଅନନ୍ୟ ବନ୍ଧନ
ଶୀତ ସତ, ବସନ୍ତ ସତ, ସତ ଏଠି ଦାରୁଣ ନିଦାଘ, ସକରୁଣ ବର୍ଷା ଆଗମନ
ପୁଣି ଏଠି ଶିଶିର ଶରତ ଦେହେ ହେମନ୍ତର ହେମପୁଷ୍ପ ପ୍ରେମ ପ୍ରୀତି ପ୍ରଣୟର ସ୍ୱପ୍ନ
ଏଇମିତି ଗାଲିଥିବ କଏ ଜାଣେ କେତେକାଳ ତୋ ଭାଗ୍ୟରେ କେଉଁ ଆମ୍ରବନ
ଏଣୁ କୋଇଲିରେ  ବାହୁନଲେ କବା ଲାଭ କହ ?

ସୌଭଗିନୀ, ରଟିଲୋ, ରେଂଚ,ପୁରୀ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# କହିବାକ ତାକୁ



ମଧୁଛନ୍ଦା ବେହେରା

ଇଟା ପଥରରେ ତୋଳଦେଲେ,
କହିବା କ ତାକୁ ଘରଟିଏ
ଯେଉଁଠି ନଥିବେ ବାପା ମା
ଆଉ ସୁନ୍ଦର ପରିବାରଟିଏ ।
ଜନ୍ମ କରିଦେଲେ ଶିଶୁଟିକୁ
କହିବାକ ତାକୁ ମା ଟିଏ
ନିଜ ଦାୟିତ୍ୱକୁ ଅବହେଳା କରି
ସବୁ କିଛି ଯିଏ ଭୁଲିଯାଏ ।
ବେଶି ପାଠ ଯିଏ ପଢିଅଛି,
କହିବାକୁ ତାକୁ ଜ୍ଞାନୀଟିଏ
ଭେଦଭାବ ଆଉ ଗରବ ହିଂସାରେ
ହୃଦୟ ଯାହାର ପୂରିଥାଏ ।
ଗାଦିପରେ ଯିଏ ଦାବିରେ ବସଇ
କହିବାକୁ ତାକୁ ନେତାଟିଏ
ନେତା ହୋଇ ସିଏ କଣକରିବ
ନିଜକୁ ପଗ୍ଘରେ ନିଜେ ଯିଏ ।

ସୈନ୍ୟ ବାହିନୀରେ ନ ରହିଲେ କଣ
କହିବାନ ତାକୁ ବୀରଟିଏ
ଅନ୍ୟାୟ ଅନୀତି ପାଇଁ ଲଢିକରି
ଦେଶ ପାଇଁ ଯିଏ ପ୍ରାଣ ଦିଏ ।
ତୁଣ୍ଡେ ଯାର ନୀତି ରାମ ନାମ ଥାଏ
କହିବାକୁ ତାକୁ ଭକ୍ତଟିଏ
ଧର୍ମ ନାମରେ ଅଧର୍ମ କରି ସେ
ଲୋକଙ୍କୁ ଯେମିତି ଠକୁଥାଏ ।
ଧନୀ ବୋଲି ଆମେ କହିବାକୁ ତାକୁ
ଧନ ରଖିଅଛି ବେଶୀ ଯେ
ଦୁଃଖୀ ଦରିଦ୍ରଙ୍କୁ ନ ମିଶି
ନିଜ ପାଇଁ ଯିଏ ସଞ୍ଚୁଥାଏ ।

କଟୱାରିଆ ସରାଇ, ନୂଆଦିଲ୍ଲୀ

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ସ୍ୱପ୍ନର ପରିଧୀ



ଆଶା ସାହୁ

ଦୁଇଟି ଇଟାକୁ ଯୋଡି ଯାଡି ତା ରି ଉପରେ ବସିଛି ସିଏ । ପଥର ଭାଙ୍ଗୁଛି ଫ୍ଲାଇ ଓଭର କାମ ସକାଶେ । ଦୁଇ ଆଣ୍ଠୁ ସନ୍ଧିରେ ମୁଣ୍ଡଟି ଗୁଞ୍ଜି ମଜ୍ଜି ଯାଇଛି କାମରେ । ପିଠିରେ ନାଉକରି ବାନ୍ଧିଥିବା ପ୍ରାୟ ସାତ-ଆଠ ମାସର ଛୁଆଟିଏ ଗ୍ରୀବା ଧରି କାନ୍ଦୁଥାଏ । ଚକ୍କଣ କଳା ପିଠିଟା, ତାର ଛୁଆର ଲୁହ, ସିଂଘାଣି ବୋଳ ହୋଇ ଆହୁରି ଚହଟି ଉଠୁଥାଏ । ମଝିରେ ମଝିରେ ମୁଣ୍ଡ ଟେକି ନଜର ପକାଏ ତାର ଦେଢ ବର୍ଷର ଝିଅ ଉପରେ । ଝିଅର ଗୋଟିଏ ଗୋଡ ଓଢଣୀରେ ବାନ୍ଧି ଆର ମୁଣ୍ଡଟା ବାନ୍ଧି ଦେଇଥାଏ ଗୋଟିଏ ଗଛରେ । କାଳେ ଖେଳୁ ଖେଳୁ ଝିଅଟା ରାସ୍ତା ମଝିକୁ ଗୁଲିଯିବ! କାଳେ ଗାଡି ଚଢିଯିବ ତା ଉପରେ! ତାର ଛାତି ଦାଲୁକନ ଉଠେ ପଡେ । ଜଣେ ବାବୁ ଥରେ ଗାଡି ବ୍ରେକ ତାକୁ ଗାଳ ଦେଇଥିଲେ ଛୁଆଟାକୁ ଏମିତି ଅମାନୁଷିକ ଭାବେ ବାନ୍ଧିଛି ବୋଲି ।

ସେ ତାକୁ ଖୋଲି ଦେଇଥିଲା । ସେ ବାବୁଟି ଗୁଲିଗଲା ପରେ ପୁଣି ବାନ୍ଧି ପକାଇଲା । ଖାଲି ବଡ ବଡ କଥା । ତା ଝିଅର କିଛି ହେଲେ କଣ ସେ ବାବୁ ପିଠିରେ ପଡିବ । ନ ବାନ୍ଧିଲେ ବା ସେ କାମ କରିବ କେମିତି । ସେମାନେ ଖାଇବେ କଣ?

ଫର୍ଜନା, ଖୁବ୍ ସୁନ୍ଦରୀ ନହେଲେ ମଧ୍ୟ ଅସୁନ୍ଦରୀ ନୁହେଁ । ଆକର୍ଷକ ତୀଖ ନାକ ଆଖି । ସେତେ ଅବା କଳା ମୁଗୁନ ପଥରର ସୁଗଠିତ କୋଣାର୍କ ସୁନ୍ଦରୀର ମୂର୍ତ୍ତିଟିଏ ।

ପଥର ଭାଙ୍ଗୁ ଭାଙ୍ଗୁ ଆକାଶ ପାତାଳ କେତେ କଥା ଭାବି ଯାଉଛି ସିଏ ଏକା ଲୟରେ । ଛୁଆର କାନ୍ଦଆଡେ ତାର ନହ ନାହିଁ । କାନ୍ଦୁ, କାନ୍ଦିଲେ ତାକତବର ହେବ । ବଳେ ବଳେ ତୁନ ହେବନ କି?

ଏଇ ପଥର ସବୁ ଭାଙ୍ଗିବାକୁ କଣ୍ଟ୍ରାକ୍ଟର ବାବୁ କହି ଯାଇଛନ୍ତି । ଜଲଦି ଜଲଦି ଭାଙ୍ଗିଲେ ସିନା ସେ ତାର ବସାକୁ ଯାଇ ଖାନା ବନେଇବ । ବଡ ପୁଅଟି ଆଠବର୍ଷର ହେଲାଣି । ସେ କେଉଁ ରାସ୍ତାକଡରେ ଫୁଲତୋଡା, ନହେଲେ ବେଲୁନ ବିକୁଥିବ । ଘରକୁ ଗଲେ ସେମାନେ ସମସ୍ତେ ମିଶି ଖାଇବେ । ଘର ବୋଇଲେ ଆଉଗୋଟେ ଫ୍ଲାଇଓଭର ତଳର ଜାଗା । ସେହିଠାରେ ସେ ବିଛଣା, ଲୁଗା, ବାସନ ସବୁ ସାଇତି ଥାଏ । ଆହୁରୀ କେତେ ମଜଦୂର, ରିକ୍ସାବାଲା ସେଠାରେ

ରୁହନ୍ତି । ଆପସ୍ ରେ କେବେ ଗ୍ଲେରି କରନ୍ତି ନାହିଁ । ତଥାପି ସେ ମଲ୍ଲିକା ଗୃଚକୁ କହି ଆସିଛି । ଆଜି ମଲ୍ଲିକା ଗୃଚ ତା ଗେଙ୍ଗ୍ ସାଙ୍ଗରେ ଯାଇନାହିଁ । ତାର ମୁଣ୍ଡ ବିନ୍ଧୁଥିଲା । ମଲ୍ଲିକା ଗୃଚ କନ୍ତୁ ଭଲ କାମ କରେ ନାହିଁ । ତାର ଗେଙ୍ଗ୍ ର ଓ୍ୱରତ ମାନେ ବସରେ ଚଢି ଭୀଡ ଭିତରେ ସୁବିଧା ଦେଖି ମନପର୍ସ ଗ୍ଲେରୀ କରନ୍ତି । କଣ୍ଡକ୍ଟର ମାନଙ୍କୁ ହାତ କରିଥାନ୍ତି । ବେଳେ ବେଳେ ବହୁତ ପଇସା ମିଳେ । ସେଥିରୁ ଗୃରିଭାଗରୁ ଭାଗେ କଣ୍ଡକ୍ଟର ନଏ । ଆଉ ବେଳେ ବେଳେ ଖୁବ୍ ବେଇଜ୍ଜତି ମଧ୍ୟ ହୁଏ । ସେତେବେଳେ କଣ୍ଡକ୍ଟର ମାନେ ହାତ ଝାଡି ଦିଅନ୍ତି । ହଃ, ବେଇଜ୍ଜିତ! ଏଇ ମଜଦୂରମାନଙ୍କର ପୁଣି ବେଇଜ୍ଜତି ଗୋଟେ କଣ । ମାଡ କନ୍ତୁ ପଡେ ନାହିଁ । ଲୋକଙ୍କର ଡର ଆଜିକାଲିକାର "ମହିଳା କାନୁନ୍"କୁ ।

ଫର୍ଜନାକୁ କନ୍ତୁ ଏସବୁ ଭଲ ଲାଗେ ନାହିଁ । କନ୍ତୁ ରମଜାନ୍ କାଶ୍ମୀର ଗଲା ପରେ ଏଇ ମଲ୍ଲିକା ଗୃଚ ହିଁ ତ ତାର ସାହାରା । ନହେଲେ ସିଏ କଏ ଆଉ ଦିଲ୍ଲୀ କଏ? କେତେଥର ଫ୍ଲାଇ ଓଭର ତଳର ତାର ଜାଗା ଗ୍ଲଖଣ୍ଡକ ଅନ୍ୟ ମଜଦୂର୍ ମାନେ ମଉକା ଦେଖି ମାରି ନେବାକୁ ଗ୍ଲହାନ୍ତି କନ୍ତୁ ମଲ୍ଲିକା ଗୃଚର ରାଜସ୍ଥାନ ଚେହେରାକୁ ଭାରି ଭୟ କରନ୍ତି । ମର୍ଦମାନଙ୍କର ଛାତିରେ ଛାତି ଲଗେଇ ଦିଏ ସେ । ଗୋଟିଏ ଗୋଟିଏ ଝାଙ୍କରେ ସମସ୍ତେ ଲାଙ୍ଗୁଳ ଜାକ କୁତ୍ତା ବନଯାନ୍ତି ।

ଆଜିଠାରୁ ଦଶବର୍ଷ ତଳେ ସେ ରମଜାନ୍ ସାଙ୍ଗରେ ନକାହ କରି ଦିଲ୍ଲୀ ଆସିଥିଲା । ଶାଗୁଆ ରଙ୍ଗର ଗର୍‌ରା ସୁଟ ପିନ୍ଧି ମେହେନ୍ଦି ଲଗା ଥାକୁଲ୍ ଥାକୁଲ୍ ପାଦ ଦୁଇଟି ଯେତେବେଳେ ସେ ନୂଆଦିଲ୍ଲୀ ଷ୍ଟେସନ୍ ର ପ୍ଲାଟଫର୍ମରେ ଥାପିଲା, ତାର ଛାତି କୁଣ୍ଢେମୋଟ ହେଇଗଲା । ପଡିଶାଘରେ ଟି.ଭି. ରେ ସେ କେତେ ଫୋଟ ଦେଖିଥିଲା ଦିଲ୍ଲୀର । ଭାରତର ରାଜଧାନୀ ଦିଲ୍ଲୀ । ସେ କଣ ସ୍ୱପ୍ନରେ ଭାବିଥିଲା ରମଜାନ୍ ସାଙ୍ଗରେ ତାର ନକାହ ହେବ ଆଉ ସେ ଦିଲ୍ଲୀରେ ରହିବ?

ରମଜାନ୍ ସାଙ୍ଗରେ ତାର କପରି ନକାହ ହେଲା ତାହା ବି ଏକ ଚମତ୍କାର । ରମଜାନ୍, ଅନାଥ ପିଲାଟିଏ । ଅମ୍ମି, ଅବ୍ବା ତାର ଆଲ୍ଲାକୁ ପ୍ୟାରେ ହୋଇ ଯାଇଥିଲେ ଯେତେବେଳେ ସିଏ ଦଶ ଏଗାର ବର୍ଷର ପିଲା ଥିଲା । ଅମ୍ମି, ଅବ୍ବାଙ୍କ ମୌତ ପରେ ସେ ଭଦ୍ରଖ ଷ୍ଟେସନ୍ ରେ କଛି ଦିନ କୁଲି କାମ କଲା । ଦିନେ ଜଣକର ଆସବାବ ପତ୍ର ପୁରୁଷୋତ୍ତମରେ ଥୋଉ ଥୋଇ ଗାଡି ଛାଡିଦେଲା । ସେ ଆଉ ଓହ୍ଲେଇ ପାରିଲାନାହିଁ । ସେ ଗଲା ତ ଗଲା । ତା ପରେ ଦିଲ୍ଲୀ ଯାଇ ସେଠାରେ କୁଲି କାମ କଲା, ତା ପରେ ମଜଦୁର କାମ କଲା । ବେଶ୍ ଦି ପଇସା ରୋଜଗାର କଲା । ବଡ ହେଲା ପରେ କେମିତି କେଜାଣି ଓଡିଶା କଥା ମନେ ପଡିଲା । ଯେଉଁଦିନ ସେ

ଭଦ୍ରଖରେ ପହଞ୍ଚିଲା, ଫର୍ଜାନା ଯାଇଥିଲା ତା ବେହୋଶ ମାତାଲ ଆବ୍ବାକୁ ଘରକୁ ନେବାକୁ । ସାଙ୍ଗରେ ତାର ସାନ ଦୁଇଭାଇ । ହେଲେ ଏତେ ବଡ ମଣିଷଟାକୁ ସେ ନେବ କେମିତି? ଆବ୍ବାର ତ ହୋଶ୍ ହିଁ ନାହିଁ । ଏତିକିବେଳେ କେଜାଣି କାହିଁକି ରମଜାନ୍ ଟ୍ରେନରୁ ଓହ୍ଲାଇ ସିଧା ଆସିଲା ପାଖକୁ । ତାର ଆଟାଚଟା ତା ଭାଇକୁ ଧରେଇ ଦେଇ ଏକା ହାତରେ କାନ୍ଧକୁ ଟେକିନେଲା ତା ଆବ୍ବାର ବେହୋଶ ଶରୀରଟାକୁ । ଫର୍ଜାନା ଆବାକାବା ହୋଇ ଆଗେ ଆଗେ ଚାଲିଲା । ଘରେ ଅମ୍ମି ପ୍ରଶ୍ନିଳ ଆଖିରେ ଅନେଇଲା ଫର୍ଜାନାକୁ । ସମସ୍ତଙ୍କୁ କାବା କରିଦେଇ ରମଜାନ୍ ସିଧା ସଳଖ ପ୍ରସ୍ତାବ ବାଢିଦେଲା ଫର୍ଜାନାକୁ ତାର ବିବି କରିବାକୁ । ନଜର ପରିଚୟ ସବୁ ଗାଇଗଲା । ଆଣିଥିବା ସବୁ ଟଙ୍କା ଅଜାଡି ଦେଲା ଅମ୍ମିର ଆଁଚଲରେ । ବାସ୍! ଅମ୍ମି ଖୁସ୍! ଆବ୍ବା ଖୁସ୍! ଆଉ ରମଜାନ୍ ଭି ଖୁସ୍! ଆଉ ଫର୍ଜାନା? ସେ ନଜର ଦୁପଟ୍ଟାକୁ କାମୁଡି କନଖିରେ ଦେଖୁଥିଲା ହୀରୋ ମାଫିକ୍ ରମଜାନ୍ କୁ ଓ ସତରଙ୍ଗି ସ୍ୱପ୍ନ ଦେଖୁଥିଲା ଦିଲ୍ଲୀର ।

ଷ୍ଟେସନ୍ ରୁ ବାହାରକୁ ଆସିଲା ପରେ ଆଖି ତାର ଖୋସି ହୋଇଗଲା । ଯେମିତି ଏଠାରେ କାହାରେ ନକାହ ଚାଲିଛି । ଜନ୍ନତ ଭଳି ଦେଖାଯାଉଛି । ଏତେ ବିଜୁଳି ଆଲୁଅ, ଏତେ ଗାଡି ମଟର, ଏତେ ଲୋକ ଆଉ ଏତେ ଧାଁ ଧପଡ । ସେ କାବା ହୋଇ ଆଖି ତରାଟି ଅନେଇ ରହିଲା । ରମଜାନ୍ ତାର ବାହୁ ଧରି ହଲେଇ ଦେଲା । ହେଇ, ଫର୍ଜାନା, ଶୀଘ୍ର ଚାଲ, ପରେ ପୂରା ଦିଲ୍ଲୀ ବୁଲେଇଦେବି । ଆହୁରି କେତେ କଣ ଦେଖିବୁ । ସତରେ କେତେ ସୁନ୍ଦର ଥିଲା ସେ ମହୁଲିଆ ମତୁଆଲା ଦିନ ସବୁ । ଗୁଲାବ୍ ର ମହକ ଥିବା ଗୋଲାପି ରାତି ସବୁ । ସେତେବେଳେ ରମଜାନ୍ ଗୋଟିଏ ଝୋପଡପଟ୍ଟିରେ ରହୁଥିଲା ଗୋଟେ ବଖୁରିକିଆ କୁଡିଆରେ, ଭଡାରେ । ସଫାସୁତୁରା କୁଡିଆରେ ଗୋଟେ ଟେବୁଲ ପଙ୍ଖା ଆଉ କଳାଧଳା ଛୋଟ ଟି.ଭି.ଟିଏ ମଧ୍ୟ ଥିଲା । ସେ ଖୁସିରେ କୁରୁଳି ଉଠି ରମଜାନ୍ କୁ କୁଣ୍ଢେଇ ପକେଇଥିଲା । ରମଜାନ୍ ମଧ୍ୟ ରାତିସାରା ତା ପାଇଁ ତରଳଥିଲା ।

ଭଦ୍ରଖରେ ଏକ ମୁସଲିମ୍ ବସ୍ତିରେ ସେମାନଙ୍କର ନଡା ଛପର ଦିଆ ବଖୁରିକିଆ କୁଡିଆ ବକଟେ ଥିଲା । ଆଠ ଭାଇଭଉଣୀ ରହୁଥିଲେ ସେ କୁଡିଆରେ ଅମ୍ମି ଆବ୍ବାଙ୍କ ସହ । ରାତିରେ ସବୁ ଭାଇ ଭଉଣୀ ତଳେ ଶୋଉଥିଲେ । କାହାର ହାତ କାହାର ପେଟ ଉପରେ ତ କାହାର ଗୋଡ କାହାର ବକକୁ ଚାପିଦେଇ ଅଣନଶ୍ୱାସି କରି ଦେଉଥିଲା । ଖରାଦିନ ଭଲ ବାହାର ଅଗଣାରେ ସମସ୍ତେ ଶୋଉଥିଲେ । ଜାଗାର ଅଭାବ ନାହିଁ ।

ଆବ୍ବା ଥିଲା ତାର ଭଦ୍ରଖ ଷ୍ଟେସନ୍ ରେ କୁଲି । କେବେ କେବେ ବାହାର କାମ ଭି କରୁଥିଲା । ହେଲେ କଣ ହେବ, ସେ ଯେତେ କମଉଥିଲା ତା ଠାରୁ ଅଧିକ ନଶା ପାଣିରେ ଉଡଉଥିଲା । ଅମ୍ମି ବେଳେ ବେଳେ ଝଗଡା କରି ମାଡ ଖାଉଥିଲା । ଅମ୍ମି ବିଗୁରୀ ପାଖ ହୋଟେଲରେ ବାସନ ମାଜି ସବୁ ଛୁଆଙ୍କୁ ପାଳୁଥିଲା ଆଉ ଆବ୍ବାର ସବୁ ଜରୁରତ୍ ମଧ୍ୟ ପୂର୍ କରୁଥିଲା । ଯାହା ହେଉ, ରମଜାନ୍ ଏତେ ଶରବ୍ ପିଉନଥିଲା । କେବେ କେବେ ପିଉଥିଲା । ଫର୍ଜାନା ଗୁସ୍ସା କଲେ ତାର କସମ୍ ଖାଉଥିଲା ଆଉ ଦିନେ ପିଇବ ନାହିଁ ବୋଲି । କନ୍ତୁ ଫର୍ଜାନା ତାକୁ ଛୁଟ୍ ମଧ୍ୟ ଦେଉଥିଲା ଯେତେବେଳେ ତାର ସାଙ୍ଗ ଅଟୋବାଲା କାଲୁ ଭାଇଜାନ୍ ଆସିବାକୁ ଥିଲା । କାଲୁ ଭାଇଜାନ୍ ର ଏହସାନ୍ ଭି ତ ଅଛି । ପୂର୍ ଦିଲ୍ଲୀ ସହର ସେ ବୁଲି ଦେଖିଥିଲା ଏଇ କାଲୁ ଭାଇଜାନ୍ ର ଅଟୋରେ । କେତେ ସୁନ୍ଦର ଇଣ୍ଡିଆ ଗେଟ୍, କେତେ ଉଁଚ କୁତୁବ୍ ମିନାର୍ । ତାକୁ ସବୁଠୁ ଭଲ ଲାଗିଥିଲା ଲୋଟସ୍ ଟେମ୍ପଲ୍ ଆଉ ଚଡିଆ ଘର ।

ଲୋଟସ୍ ଟେମ୍ପଲ୍ ଦେଖି ଦୂରରୁ ସେ ଭାବିଥିଲା ଦିଲ୍ଲୀରେ ବୋଧେ ଏତେ ବଡ ବଡ କମଲ ଫୁଲ ଫୁଟେ । ଅବୁଝା ଆଖିରେ ସେ ରମଜାନ୍ କୁ ପଗ୍ରରେ, "ଏତେ ବଡ କମଲ୍"? ରମଜାନ୍ କୁହେ, "ଦୂର୍ ପଗଲି, ଏଟା ତ ଗୋଟେ ମକବର୍ । ଇଟା ସିମେଣ୍ଟରେ ତିଆରି ।" ଆଉ ଚଡିଆ ଘରେ ଏତେ ଚଡିଆ ଆଉ ଜାନବର୍ ଦେଖି ଛୋଟ ଛୁଆ ଭଳ ସେ ତାଳ ମାରୁଥିଲା ଓ ଡେଇଁଥିଲା । କାଲୁ ଭାଇଜାନ୍ ତାକୁ ଅନେଇଥିଲା ସ୍ନେହରେ ଆଉ ରମଜାନ୍, ସେ ତ ତାର ହସରେ ହଜି ଯାଉଥିଲା ଯେମିତି । ତାର ଭାଇ ଭଉଣୀମାନେ ଓ ସେ କେତେ ମନ କରୁଥିଲେ ନନ୍ଦନ କାନନ ଯିବା ପାଇଁ, କନ୍ତୁ କେବେ ହେଲେ ତାଙ୍କର ସ୍ୱପ୍ନ ପୂର୍ ହେଉନଥିଲା ।

ଏଥର ସେ ତାର ଭାଇଭଉଣୀଙ୍କୁ ଦିଲ୍ଲୀ ଆଣି ଚଡିଆଘର ଜରୁର୍ ଦେଖାଇବ । ହେଲେ ସେମାନେ ରହିବେ କେଉଁଠି? ହଁ, ଆସପାସ୍ ଝୋପଡିମାନଙ୍କରେ ସେ ତାଙ୍କୁ ଶୁଆଇ ଦେବ କାହାକୁ ଖୁସାମଦ କରି ।

ହେଲେ କାହିଁ । ସେତେ ଆଣିପାରିଲା ନାହିଁ ତାର ଭାଇ ଭଉଣୀମାନଙ୍କୁ କ ନଜେ ମଧ୍ୟ ଥରେ ହେଲେ ଆଉ ଫେରି ପାରିଲା ନାହିଁ ଭଦ୍ରଖକୁ । ରମଜାନ୍ ଏଠାରେ କାମ କରି ଭଲତ କମାଇ କରୁଥିଲା । ଜଣେ କଣ୍ଟ୍ରାକ୍ଟର ତାକୁ ପଠାଇ ଦେଲା କାଶ୍ମୀର ଆହୁରି ବେଶି କମାଇ କରିବ ବୋଲି । ଏଇ ସାନ ଛୁଆଟା ପେଟରେ ରହିଲାଦିନୁ ସେ ଯାଇଛି ଯେ ଯାଇଛି । କାଲୁ ଭାଇଜାନ୍ ମଧ୍ୟ ତା ସାଥିରେ ଯାଇଛି ।

କଣ୍ଟ୍ରାକ୍ଟର ତାର "ରମଜାନ୍" ନାଁ କୁ ବଦଳେଇ ତାକୁ ଡାକୁଥିଲା "ରାମାନୁଜ" । ସେ କହୁଥିଲା, ହଁ, ଏକକଥା, "ନାମ୍ ମେ କ୍ୟା ରଖା ହୈ" । ଫର୍ଜାନାକୁ ଭଲ ଲାଗୁନଥିଲା । ସେ ଗୁଣ୍ଡା ସରିଖା

କଣ୍ଟ୍ରାକ୍ଟର ମଧ୍ୟ ଭଲ ଲାଗୁନଥିଲା । ତାର ଆଖିରେ ଗ୍ରହାଁଣି ତାକୁ ଖାଇ ଗୋଡଉ ଥିଲା । ସେ ନିଜର ଓଢଣୀକୁ ମୁହଁ ଉପରେ ପକାଇ ଦେଉଥିଲା ।

ଆଜିକାଲି ସେପରି ଗ୍ରହାଁଣୀ କଣ, ଆହୁରି କେତେ କଣ ତାକୁ ଖରାପ ଲାଗୁନାହିଁ । ଦେହସୁହା ହୋଇ ଗଲାଣି । ସେ ଜାଣେ ରମଜାନ୍ ବିନା ତାକୁ ତିଷ୍ଠିବାକୁ ପଡିବ । ସେ କହି ଯାଇଛି ବହୁତ ପଇସା କମାଇ କରି ଆଣିବ । ତା ପରେ ସେମାନେ ୱାପସ୍ ଭଦ୍ରଖ ଯାଇ ଘର ତୋଳବେ ତାଙ୍କର ଖୋଲା ଅଗଣାରେ । ଯାହାହେଲେ ଦିଲ୍ଲୀ ପରାଇ ଯାଗା ।

ଆଜି ପର୍ଯ୍ୟନ୍ତ ସେ ତାକୁ ଅପେକ୍ଷା କରିଛି । ରମଜାନ୍ ଏଇ କଣ୍ଟ୍ରାକ୍ଟର ଜିମାରେ ତାକୁ ଛାଡି ଯାଇଥିଲା । ଏ ବାବୁଟି ଭଲ ଲୋକ । ତାର ଗ୍ରହାଁଣୀରେ ମଧ୍ୟ ହବସ୍ ଥାଏ, କିନ୍ତୁ ସେ କେବେ ତାର ଫାଇଦା ନେଇନାହିଁ ବରଂ ଅନେକଥର ତାକୁ ସାହାଯ୍ୟ କରିଛି । ସାଥିରେ କାମ କରୁଥିବା ଟାହୁଲିଆ ଟୋକାସବୁ ବିଭିନ୍ନ ଆଳରେ ତାର ଦେହକୁ ଛୁଇଁ ପକାନ୍ତି । କିନ୍ତୁ ସେ ଖାତିର୍ କରେ ନାହିଁ, ହସିଦିଏ । କେହି ବେଶି ପରେଶାନ୍ କଲେ ବାଧ୍ୟ ହୋଇ ତା ସାଙ୍ଗରେ ଯାଏ । କ୍ଷତି କଣ, କିଛି ପଇସା ମଧ୍ୟ ଅଧିକା ମିଳେ ଆଉ ସଦଭାବ ମଧ୍ୟ ବଢେ । ସୁରକ୍ଷାରେ ଆଉ ଗୋଟିଏ ବଳୟ ବଢିଯାଏ ।

ଦିନସାରା ଖଟି ଖଟି ଓ ସାଥି ମଜୁରିଆଙ୍କ ସାଥିରେ କେତେବେଳେ ଖୁସି ଗପ, କେତେବେଳେ ଦୁଃଖ ଦର୍ଦ ବାଣ୍ଟି ବିତିଯାଏ । କିନ୍ତୁ ରାତିଟା ତାକୁ ବଡ ନିଛଟିଆ ଲାଗେ । ଫ୍ଲାଇ ଓଭର୍ ତଳେ ଏତେ ଲୋକ ଶୋଇଥାନ୍ତି ଅଥଚ ତାକୁ ଲାଗେ ଖାଁ ଖାଁ । ଦିଲ୍ଲୀରେ ତ କେବେ ରାତି ହୁଏନା । ଭାଁ...ଭାଁ ଗାଡି ଚାଲିଥାଏ ରାତିସାରା । ତେବେ ବି ତାକୁ ଗାଉଁ ଗାଉଁକା ଲାଗେ । ରମଜାନ୍ ର କଳା ଲୋମଶ ଛାତିଟା ମନେ ପଡେ । ତିନୋଟି ଛୁଆଙ୍କୁ ବେଢେଇ ଧରି ସେ ଶୋଇବାକୁ ଚେଷ୍ଟା କରେ ।

ବେଳେ ବେଳେ ତେଜିରେ କୌଣସି ଗାଡି ଛୁଟି ଆସିଲେ ସେ ଚମକି ଉଠି ବସେ । କାଳେ କୌଣସି ଶରାବୀ ତା ଗାଡିକୁ ଚଢି ଦେବା ତା ଛୁଆଙ୍କ ଉପରେ । ହେଇପରା, କିଛି ଦିନ ତଳେ ଆଠଟା ଲୋକଙ୍କୁ ଦଳି ଚକଟି ଗୋଟିଏ ଗାଡିବାଲା ଫେରାର୍ ହୋଇଯାଇଛି । ଧରା ପଡିଥିଲେ ଅଧିକା ବା କଣ ହୋଇଥାଆନ୍ତା । ଅମୀରଜାଦାଙ୍କର କେବେ ବି କିଛି ହୁଏନାହିଁ । ବରଂ ନିଜେ ସାବଧାନ ହେବା ଭଲ ।

ତା ପାଖରେ ଶୋଇଥିବା ରୁମରୁ କୁଉଆଟା ହଠାତ୍ ଭୂକି ଉଠେ । ସେ ତାକୁ ଟିକେ ଥାପୁଡେଇ ଦିଏ । ରମଜାନ୍ ପାଳିଥିଲା ତାକୁ । ନାଁ ଦେଇଥିଲା ଚନ୍ଦୁ । କାଳିଆ ଦେହଟାରେ ମୁଣ୍ଡରେ

ଗୋଟିଏ ସଫେଦ ଚାଁଦ । ଏଯାଏ ଚନ୍ଦୁ ତାକୁ ଛାଡି ଯାଇନାହିଁ । ଖୁବ୍ ବଫାଦାର । ଅନ୍ୟମାନେ ମଧ୍ୟ ଚନ୍ଦୁକୁ ଭଲପାଆନ୍ତି । ସେ ସବୁ ଲୋକଙ୍କର ମାଲମତ୍ତାର ରଖବାଲି କରେ ।

ପୁଣି ଚନ୍ଦୁ ଭୂକଲା । ସେ ଯୋରରେ ଗୁପୁଡାଟିଏ ବସାଇ ଦେଲା । "କ୍ୟା, ସୋନେ ନହିଁ ଦେଗା?" ଏକ ତୋ ମଚ୍ଛରମାନେ ଦାଉ ସାଧୁଛନ୍ତି । ପୁଣି ଇଏ ରହି ରହି ଭୂକୁଛି । ଚନ୍ଦୁ ବିକଳରେ କ୍ୟାଉଁ କ୍ୟାଉଁ ହେଲା । ଫର୍ଜାନାକୁ ରହମ୍ ଆସିଲା । ତାକୁ ପାଖକୁ ଟାଣି ଆଣିଲା ଓ ଛୁଆ ଭଳ ତାକୁ ଥାପୁଡେଇଲା । ତା ଆଖି ବୁଜି ହୋଇ ଆସୁଥିଲା ।

ହଠାତ୍ ସେ ଶୋଇଥିବା ଜାଗାରୁ କଛି ଫର୍ଲାଂଶ ଦୂରରେ କଣ ଗୋଟାଏ ଧସ୍ କନା ପଡିଲା ଗୋଟିଏ ଟେମ୍ପୋ ଟ୍ରକରୁ । ଏଥର କନ୍ତୁ ଚନ୍ଦୁ ଆଉ ସମ୍ଭାଳ ହେଲାନାହିଁ । ଭୂକ ଭୂକ ଛୁଟିଲା ସେ ଜାଗାକୁ । ଆଉ ଗୋଟାଏ କଣ ଫୋପାଡି ଦେଇ ଟ୍ରକଟା ଖୁବ୍ ଜୋରରେ ଗ୍ଲଲିଗଲା ।

ଏ ଭିତରେ ସମସ୍ତେ ଉଠି ପଡିଥିଲେ । ଏ ଶବ୍ଦରେ ଆଉ ଚନ୍ଦୁର ଭୂକା ଶୁଣି । ସମସ୍ତେ ଅତର୍ଛିଆ ଧାଇଲେ ସେ ଜାଗାକୁ । ଦିଟା ମୁହଁ ବନ୍ଧା ବୋରି ଫୋପଡା ହୋଇଛି । ସମସ୍ତେ ତାକୁ ଘେରି ହୋ ହଲ୍ଲା କରୁଥାଆନ୍ତି । ଭୟରେ ପାଖକୁ ଯାଉନଥାନ୍ତି । କେଜାଣି କଣ ଥିବ? ଏବେ ତ ବମ୍ ଫୁଟୁଛି ସବୁ ଜାଗାରେ । ପୋଲିସ୍ ମାନେ ସବୁବେଳେ ତାଗିଦ୍ କରୁଛନ୍ତି । ଲାବାରିସ ଚଜକୁ ହାତ ନ ଲଗେଇବା ପାଇଁ । କେହି ଜଣେ ପୋଲିସ୍ କୁ ଫୋନ୍ କରି ଦେଲା ।

ଫର୍ଜାନା ଆକାଶଉ ଅନେଇଥାଏ । ଆଉ କଛିଦିନ ପରେ ରମଜାନ୍ ଆରମ୍ଭ ହୋଇଯିବ । ଉପରେ ଇଦ୍ ର ଗ୍ଲନ୍ଦଭଳ ଗ୍ଲନ୍ଦଟିଏ ଚମକୁଛି । ଖାଲି ତାସ୍ୱିଟି ଯାହା ତା ଉପରେ ନାହିଁ । ଏଥର ପୁଅ ମଧ୍ୟ ରୋଜା ରଖିବ ବୋଲି କହୁଛି ।

ଆଉ ଶୋଇବାର ଯୋଗ ନାହିଁ ଆଜି । ସୁବହ ହେବାକୁ ଅଳ୍ପ ୱକ୍ତ ବାକ ଅଛି । ପୋଲିସ୍ ଜୀପ୍ ଟିଏ ଆସିଲା । ଖୁବ୍ ସାବଧାନରେ ସେ ବୋରିର ମୁହଁ ଖୋଲାହେଲା । ସେଥିରୁ ବାହାରିଲା ଦୁଇଟି ଡ୍ରମ । ଡ୍ରମର ଢାଙ୍କୁଣି ଖୋଲିବା ମାତ୍ରକେ ଗୋଟିଏ ଉତ୍କଟ ଗନ୍ଧ ଖଣ୍ଡମଣ୍ଡଳରେ ବ୍ୟାପିଗଲା । ସମସ୍ତେ ଯେମିତି ଅଣନଶ୍ୱାସି ହେଇ ପଡିଲେ । ସୱାଲିଆ ଆଖିରେ ସମସ୍ତେ ଏକ ଦୁସରେକୁ ଦେଖୁଥାନ୍ତି । ନାକରେ ହାତ ଦେଇ କେହି କେହି ପାଖକୁ ଗଲେ । ପୋଲିସ୍ ଟର୍ଚ୍ଚ ଲଗାଇ ତାଙ୍କୁ ତଡିଦେଲା । ମଲ୍ଲିକା ଗ୍ଲଚର ସାଥି ଜଣେ ଯୋର କରି ପାଖକୁ ଯାଇ ଭୟରେ ଆଖି ତସ୍ୱିଟି ୱାପସ୍ ଧାଇଁ ଆସିଲା । ଥରୁଥାଏ ଗୋଟା ପଣେ ପିପଲ୍ ପତ୍ର ପରି । ପାଟି ଖନ ମାରିଯାଉଥାଏ । ତା ପାଟିରୁ କନ୍ତୁ ଯେଉଁ ଲବ୍ଜ ଦୁଇଟା ବାହାରିଲା ନାରଖାର କରିଦେଲା ଫର୍ଜାନାର ଜୀବନକୁ । ଫର୍ଜାନା ପାଇଁ ୱକ୍ତ ଗୋଟିଏ ଜାଗାରେ ସ୍ଥିର ହୋଇ ରହିଗଲା ।

ଡ୍ରମ ଭିତରୁ ବାହାରିଥିଲା ରମଜାନ୍ ଓ କାଲୁ ଭାଇଜାନ୍ ର ଲାଶ୍। କରୁଣ ହୋଇଗଲା ବାତାବରଣ। ସମସ୍ତଙ୍କର ଆଖିରେ ଲୁହ ଭରିଗଲା। ଫର୍ଜାନାର ଛୁଆମାନେ କାନ୍ଦୁଥିଲେ ଗ୍ରହା ଧରି। ମଲ୍ଲିକା ଗୃହ ଛାତି ବାଡଉଥିଲା। ସମସ୍ତେ ଦେଖିଲେ। ମଲ୍ଲିକା କିନ୍ତୁ ଅବିଚଳତ ଭାବରେ ଠିଆ ହୋଇଛି ଖମ୍ବଟିଏ ପରି।

ପୋଲିସମାନେ ସବୁ କଏ କୁଆଡେ ଫୋନ୍ କରୁଥାନ୍ତି। ଅନେକ ପୋଲିସ୍ ଜୀପ୍ ଓ ଲମ୍ବା ଲମ୍ବା ଗାଡିରେ ଗ୍ରେଡ ଜାମ୍ ହୋଇଗଲା। ସମସ୍ତେ କଣ ସବୁ ଚର୍ଚ୍ଚା କରୁଥାଆନ୍ତି। ଫର୍ଜାନା କାନରେ କେବଳ "ପତଥରବାଜ୍" ଶବ୍ଦଟି ବାରମ୍ବାର ପ୍ରତିଧ୍ୱନତ ହେଉଥାଏ। ତାର ମନେ ପଡିଯାଉଥାଏ ସେଇ କଣ୍ଡାକ୍ଟର ଯିଏ "ରମଜାନ୍" କୁ ଡାକୁଥିଲା ଗ୍ରମାନୁଜ। ତାରି ମୁହଁରୁ ଏଇ ଶବ୍ଦଟା ସିଏ ଶୁଣିଥିଲା ସେଇ ସମୟରେ।

ହେଇତ**!** ସେ କ୍ରଣ୍ଡାକ୍ଟର ମଧ ଆସିଛି। ଫର୍ଜାନା ଆଗପଛ ନଭାବି କୁଦି ଗଲା ତା ସାମନାକୁ। ଆଖି ଦିଟା ଯେମିତି ଜଳୁଥାଏ ରଡନଆଁ ପରି। କେହି କଛି ଜାଣିବା ପୂର୍ବରୁ ସେ କଣ୍ଡାକ୍ତର ଛାତିରେ ବସାଇଦେଲା ଗୋଟିଏ ଶକ୍ତ ଘୁସି, ଆଉ ଗଳା ଫାଡି ଚତ୍କାର କଲା,

"କାହାଁ ହେ ମେରା ରମଜାନ୍**?**"

ଆଉ କଛି ତା ମୁହଁରୁ ବାହାରିବା ପୂର୍ବରୁ ମହିଳା ପୋଲିସ୍ ତାକୁ ଧରିନେଲେ, ତା ପାଟିକୁ ମଧ ଗ୍ରିପିଦେଲେ। ସମସ୍ତଙ୍କ ମୁହଁରେ ଗ୍ରପା ଗୁଞ୍ଜରଣ – "ବାଓ୍ୱଲି ହୋ ଗଇ ହେଁ**!**"

ମଲ୍ଲିକା ଗୃହ ଓ ଅନ୍ୟମାନେ ତାକୁ ନେଇ ଆସିଲେ ସେଠାରୁ। ତାକୁ ଶାନ୍ତ କରିବାକୁ ଚେଷ୍ଟା କଲେ, ତାକୁ ବୁଝାଇଲେ –

"ପଗଲି, ତୁ ରମଜାନ୍ କୋ ଭୂଲ ଜା। ୟେ ସବ ତୋ ୟହାଁ ହୋତା ରହତା ହେଁ। ହମ କହାଁ ଔର ୟେ ବଡେଲୋଗ କହାଁ। ଜ୍ୟାଦା ଚୁଁ ଚପଡ କରନେ ସେ ୟେ ଲୋଗ ତେରେ ବଚୌଁ କୋ ଭି କୀଡେ ମକୋଡୌଁ କ ତରହ ମସଲ ଦେଁଗେ।"

ଧିରେ ଧିରେ ସେ ଧୈର୍ଯ୍ୟ ଧରିଲା। ଛୁଆମାନଙ୍କ ମୁହଁକୁ ଅନାଇଲା। ସେମାନଙ୍କୁ ତ ପୁଣି ମଣିଷ କରି ଦୁନୟାରେ ଛିଡା କରାଇବ। ଥରେ ଥରେ ଭାବେ ପିଲାଙ୍କୁ ନେଇ ଭଦ୍ରଖ ପଳାଇବ। କିନ୍ତୁ ରମଜାନ୍ ବିନା**!** ତାର ଶରୀର, ମନ ସବୁ ଶୀହରି ଉଠେ।

ଏବେ ମେଶିନ ଭଳ ସେ କାମ କରିଗ୍ଲେ। ସେ ଯେପରି ଏକ ଜିଅନ୍ତା ଲାଶ୍। ଭୋକ ନଥାଏ, ଖାଏ। ନଦ ନଥାଏ, ଶୁଏ। ଆଖି ଖୋଲାଥାଏ, କଛି ଦେଖିପାରେନା। କାନରେ କୌଣସି ଶବ୍ଦ

ବାଜେନା । ପାଟିରୁ କୌଣସି ଶବ୍ଦ ବାହାରେନା । ବାସ୍, ସିଏ କାମ କରେ । ପଇସା ନିଏ । ପିଲାଙ୍କ ମୁହଁରେ ଆଧାର ଦିଏ ।

ଭିତରେ ଭିତରେ କୁହୁଳୁଥାଏ ରମଜାନ୍ ଯାଦ ର ଚିଂଗାରି । ମନ ଭିତରେ ହାତୁଡି ମାରୁଥାଏ କେତୋଟି ଶବ୍ଦ । ରାମାନୁଜ, ରମଜାନ୍, ପତଥରବାଜ, କାଶ୍ମୀର ।

ଦିନେ କାମ କରୁ କରୁ ଅଗ୍ଯନକ ଉତକ୍ଷିପ୍ତ ହୋଇ ଦଉଡି ପଳାଏ, ଛୁଆ ଦୁଇଟିକୁ ସେମିତି ରାସ୍ତାକଡରେ ଛାଡି । ସାଥି ମଜଦୁର ଜଣେ ମଲ୍ଲିକା ରାୟଚକୁ ଖବର କରେ ପିଲା ଦୁଇଟିକୁ ତା ଜିମାରେ ଦେଇ । ମଲ୍ଲିକା ରାୟଚ ତା ଗେଙ୍ଗର ଲୋକଙ୍କୁ ଲଗେଇ ଦିଏ । ଶେଷରେ ଫର୍ଜାନା ମିଳେ ଗୋଟିଏ ପୋଲିସ୍ ଥାନାରେ । କୌଣସି ମତେ କୁହାବୋଲା କରି ମଲ୍ଲିକା ରାୟଚ ତାକୁ ନେଇ ଆସେ । ଥାନା ବାହାରେ ଲମ୍ବା ଗାଡିରେ ସେହି କଣ୍ଟ୍ରାକ୍ଟର । ମଲ୍ଲିକା ରାୟଚର ଗୋଡହାତ ପାଣି ହୋଇଯାଏ ତାକୁ ଦେଖି ।

ଗୁପ୍ତ ସୂତ୍ରରୁ ମଲ୍ଲିକା ରାୟଚ ଜାଣି ସାରିଥାଏ ଯେ ରମଜାନକୁ କାଶ୍ମୀର୍ ପଠାଇଥିଲା ଏଇ କଣ୍ଟ୍ରାକ୍ଟର ଷଡଯନ୍ତ୍ର ଚଳାଇ । ରାଜନୀତିରେ ନଜର ଭଲୁ ସିଧା କରିବା ପାଇଁ । କାଲୁ ଓ ରମଜାନ୍ ପୋଲିସ୍ ଗୁଳରେ ମଲେ ନା ଆତଙ୍କବାଦୀର ଶୀକାର ହେଲେ, ଜଣାନାହିଁ । କିନ୍ତୁ ବିପକ୍ଷ ପାର୍ଟିରୁ ଯେ କଣ୍ଟ୍ରାକ୍ଟର ବହୁତ ଟଙ୍କା କମେଇଛି, ଏକଥା ଅଛପା ନାହିଁ ।

ମଲ୍ଲିକା ରାୟଚ ଫର୍ଜାନାକୁ ନେଇ ଆସି ବୁଝାଉଥିଲା ରମଜାନ୍ କୁ ଭୁଲିବା ପାଇଁ । ସେଇ ଲମ୍ବା ଗାଡିଟା ଆସି ହଠାତ୍ ବ୍ରେକ୍ ଦେଲା ଠିକ୍ ଫର୍ଜାନା ପୁଅର ଦେହକୁ ଲାଗି । ଚିତ୍କାର କରି ଉଠିଲେ ଫର୍ଜାନା ଓ ମଲ୍ଲିକା ରାୟଚ ।

ଗାଡି ଭିତରୁ କଣ୍ଟ୍ରାକ୍ଟର ବାହାରି ଆସି ତା ପୁଅର ଝୁଆ ଧରି ସିଧା ଆସି ଠିଆହେଲା ଫର୍ଜାନା ସାମନାରେ ଆଉ ଫୋପାଡି ଦେଲା ଟ୍ରେନ୍ ରିଜରବେସନ୍ ଟିକଟ ଦୁଇଟା ଓ ପାଞ୍ଚଶହ ଟଙ୍କା ନୋଟ୍ ର ଗୋଟିଏ ଗଡ୍ଡି । ଆଙ୍ଗୁଠିରେ ଇଶାରା କଲା ଏସବୁ ନେଇ ଚାଲିଯିବାକୁ । ପୁଅକୁ ପେଲିଦେଲା ଫର୍ଜାନା ଉପରକୁ ।

ଫର୍ଜାନାର କାନରେ ବାଜୁଥିଲା ହଜାର ହଜାର ରେଳଗାଡିର ସମ୍ମିଳତ ସିଟି....... ।

**ବସନ୍ତ ବିହାର, ନୂଆ ଦିଲ୍ଲୀ**

# ମାତୃ ରୂପେଣ ବନ୍ଦିତା



ପ୍ରବୋଧ ଚନ୍ଦ୍ର ମୁଦ୍ରା

ସୃଷ୍ଟି ରହସ୍ୟରେ ପୁରୁଷ ପ୍ରକୃତି
ଦୁହେଁ ଅଟନ୍ତି ସମାନ |
ଉଭୟଙ୍କ ବିନା ସୃଷ୍ଟିର ପ୍ରକ୍ରିୟା
କେବେ ନ ହୋଇବ ପୂର୍ଣ୍ଣ ||
ପ୍ରକୃତି ସୁଲଭ୍ ମାତୃସ୍ୱରୂପିଣୀ
ନାରୀ ଅଟେ ସର୍ବଂସହା |
ଧରିତ୍ରୀସମାନ ସହନଶୀଳା ସେ
ସକଳ ପ୍ରାଣୀଙ୍କ ସାହା ||
କେବେ ମାତୃକଳ୍ପା ଭଗିନୀ ଓ ଜାୟା
ବାନ୍ଧବୀ ସେ ସ୍ନେହମୟୀ |
କଦା ସୁସେବିକା ଆଶିଷଦାୟିନୀ
କେବେ ସେ କଲ୍ୟାଣମୟୀ ||
ଶାନ୍ତେ ଦୟାମୟୀ କ୍ରୋଧେ ଜ୍ୱାଳାମୁଖୀ
ବିବିଧ ରୂପେ ଭୂଷିତା |
ସନ୍ତାନ ପାଇଁ ସେ ଆଶିଷବତ୍ସଳା
ଦେବୀ ରୂପେ ଆବିର୍ଭୁତା ||
ବୈଦିକଯୁଗର ବିଦୁଷୀ ରମଣୀ
ଗାର୍ଗୀ-ମୈତ୍ରୀ –ଋତମ୍ଭର୍ |
ବୈଦିକ ମନ୍ତ୍ରର ତତ୍ତ୍ୱ ଓ ତଥ୍ୟକୁ
ପ୍ରଗ୍ଟରିଲେ ବିଶ୍ୱସାର୍ ||
ପୁରାଣଯୁଗର ସୀତା ଓ ସାବିତ୍ରୀ
ଅନସୂୟାସତୀ ନାରୀ |
ପତିବ୍ରତାରୂପେ ହୋଇ ପରିଚତ
ରଖିଲେ ଦେଶର ଶିରୀ ||

ଝାନସିର ରାଣୀ ଦେବୀ ଲକ୍ଷ୍ମୀବାଈ
ରଚ ଇତିହାସେ ସ୍ମୃତି |
ଶତ୍ରୁ ସଂହାରିଣ ହୋଇଲେ ଅମର
ରହିଗଲା ତାଙ୍କ ଖ୍ୟାତି ||
ଆଧୁନକା ନାରୀ ଇନ୍ଦିରା-ପ୍ରତିଭା
କଳ୍ପନା-ଲତା ପ୍ରଭୃତି |
ନାରୀତ୍ୱ ସୁଲଭେ କରି ରାଷ୍ଟ୍ର ହିତ
ରଖିଲେ ଦେଶର ଶିରୀ ||
ନାରୀର ପରମ ଭୂଷଣ ଅଟଇ
ମହାନ ଗୁଣଟି ଲଜ୍ଜା |
ସେହି ଗୁଣେ ନାରୀ ହୁଏ ମହୀୟସୀ
ସସମ୍ମାନେ ପାଏ ପୂଜା ||
ସୌନ୍ଦର୍ଯ୍ୟ ରୂପଟି ତା'ଶ୍ରେଷ୍ଠ ଭୂଷଣ
ସଯତ୍ନେ ରଖିଲେ ନାରୀ |
ଆପାଦମସ୍ତକ ହେଲେ ବସ୍ତ୍ରାବୃତ୍ତ
ନଥିବ କେ ତା' ବଇରି ||
ଭଦ୍ର-ଶିଷ୍ଟ –ନମ୍ର ମିଷ୍ଟଭାଷୀ ଗୁଣ
ଅଟେ ନାରୀ ଆଭୂଷଣ |
ସହାସ୍ୟ ବଦନେ ବିନୟ ବଚନେ
ଦିଏ ପରକୁ ସମ୍ମାନ ||
ନତ ମସ୍ତକରେ ଧୀରପଦପାତେ
ଗ୍ଟଲୁଥାଇ ଯେଉଁ ସ୍ତିରୀ |
ମସ୍ତକେ ଓଢଣା କରେ ସଦାବୃତ୍ତ
ସେ ତ ଶିରୀମତୀ ନାରୀ ||

ହୋଇ ପତିବ୍ରତା କରେ ସ୍ୱାମିସେବା
ଶାଶୁ-ଶ୍ୱଶୁରଙ୍କୁ ଭକ୍ତି ।
ମାନ୍ୟ ଓ ଶ୍ରଦ୍ଧାରେ ନଣନ୍ଦ-ଯାଆଙ୍କୁ
ସ୍ନେହ କରେ ଯଥାଶକ୍ତି ।।
ଦେଢ଼ଶୁର-ଦେଢ଼ଶାଶୁଙ୍କୁ ଯେ ନାରୀ
ଗୁରୁଜନ ତୁଲ୍ୟ ମାନେ ।
ମାତୃବତ ହୋଇ କନିଷ୍ଠଙ୍କଠାରେ
କରେ ଆଦର ସଯତ୍ନେ ।।
ପୁତ୍ରସମ ଦୁହେଁ ଦେବର-ପୁତୁରା
ବାତ୍ସଲ୍ୟେ କରେ ଆଦର ।
ସେହି ସ୍ତିରୀ ଲଭେ ପରମସୌଭାଗ୍ୟ
ନାରୀ ମଧ୍ୟେ ହୁଏ ସାର ।।
ଭୋଜନେ-ଶୟନେ ପଠନେ-ପାଠନେ
ଗୃହକାର୍ଯେ ଦେଇ ଧ୍ୟାନ ।
ସମଦର୍ଶୀ ହୋଇ କରିଲେ ସୁସେବା
ବଢେ ତା'ଯଶ-ସମ୍ମାନ ।।
ସୁଶିକ୍ଷିତା ନାରୀ ଦେଶର ସେ ଶିରୀ
ସମାଜକୁ ଦିଏ ଶିକ୍ଷା ।
ପରିବାର ସହ ସଭିଙ୍କ ମଙ୍ଗଳ
କରେ ପୁଣି ରାଷ୍ଟ୍ର ରକ୍ଷା ।।
ନାରୀ ଯେ ଅଟଇ ପିତୃକନ୍ୟାରତ୍ନ
ଶ୍ୱଶୁରଙ୍କ ସୁନା ବଧୂ ।
ଉଭୟ କୁଳର ଅଟେ ହିତୈଷିଣୀ
ସ୍ନେହ-ମମତାର ସିନ୍ଧୁ ।।
ପ୍ରତିବେଶୀଙ୍କର ଶ୍ରଦ୍ଧାର ଭାଜନ
ହୁଅଇ ଯେଉଁ ରମଣୀ ।
ପିତୃକୁଳ ସହ ଶ୍ୱଶୁର କୁଳରେ
ପ୍ରଶଂସିତ ହୁଏ ପୁଣି ।।
ଦାନ-ଧର୍ମ ସହ ବ୍ରତ ଉପବାସ
ଭକ୍ତି-ଶ୍ରଦ୍ଧାରେ ଯେ କରେ ।
ଗୁରୁଜନ ତଥା ଈଶ୍ୱର କୃପାରୁ
ଯଶ ଲଭଇ ମହୀରେ ।।
ସମସ୍ତଙ୍କ ସୁଖ ଦୁଃଖରେ ଯେ ନାରୀ
ଯଦି ହୁଏ ସମଭାଗୀ ।
ସଭିଙ୍କର ସେହି ଅତି ପ୍ରିୟପାତ୍ର
ହୁଏ ଜନ ଅନୁରାଗୀ ।।
ନାରୀ ହିଁ ଅଟଇ ନାରୀର ବଇରି
ଏହା ଅଟେ ଧ୍ରୁବ ସତ୍ୟ ।
ପରମ ହିଂସ୍ରିକ ଅଟଇ ସ୍ୱଜାତି
ଯୁକ୍ତିଟି ଅଟେ ଅକାଟ୍ୟ ।।
ନାରୀ ତ ନୁହଇ ଅବଳା ଦୁର୍ବଳା
କାହାର ସେ କ୍ରିଡନକ ।
ପୁରୁଷଙ୍କର ସେ ଅଟେ ସମକକ୍ଷ
ଜୟ କରେ ମହୀଲୋକ
ସମ୍ପ୍ରତି ନାରୀର ସଜ୍ଞା-ପରିଭାଷା
ଯାଇଛି ଆଜି ବଦଳ ।
ଆପଣା ହସ୍ତରେ ନିଜ ଜିହ୍ୱା ଛେଦି
ଆପଣାକୁ ଦିଏ ବଳ ।।
ଇଂରାଜୀ ଶିକ୍ଷିତା ଉଗ୍ର ଆଧୁନିକା
ହୋଇଣ ଗର୍ବେ ଉନ୍ମତ ।
ପରିବାରେ ଅବା ସମାଜେ ତାହାର
ନଥାଏ ଲଜ୍ଜା-ଇଜ୍ଜତ ।।
ଆଧୁନିକତାକୁ ଦ୍ୱାହି ଦେଇ ନାରୀ
ହୁଅଇ ସେ ପଥଭ୍ରଷ୍ଟ ।
ହୋଇ ସ୍ୱେଚ୍ଛାଚାରୀ ଜିଦଖୋର ଭାବେ
ନାରୀତ୍ୱକୁ କରେ ନଷ୍ଟ ।।
ସ୍ୱାଧୀନତା ଅର୍ଥ ନୁହେଁ ସ୍ୱେଚ୍ଛାଚାରୀ
ଏହା ଅବଶ୍ୟ ସ୍ୱୀକାର୍ଯ ।
ସ୍ୱେଚ୍ଛାଚାରିତାରେ ଥାଏ ମହାବିଘ୍ନ
ଜୀବନ ହୁଏ ବିଲୟ ।।

ସାଙ୍କୁଡା, ଗଞ୍ଜାମ, ଓଡିଶା

# ସେଇ ହୃଦୟ



ପ୍ରିୟମ୍ବଦା ସେଠି

ଖୋଜୁଛି ଆଜି ମୁଁ ସେଇ
ତୁମର ନର୍ମଳ ହୃଦୟ
ଯାହାକ ମୋତେ ଦିନେ ସେ
ଛୁଇଁଥିଲ୍ ଆଉ ଗାଉଥିଲ୍ ମୀଠା ଗୀତ ।
ଆଜିର ଏଇ ବ୍ୟସ୍ତ ଜୀବନ ଭିତରେ
କେଉଁଠି ଲୁଚ ଯାଇଛି ସେ କେଉଁ ଅନ୍ଧାରରେ
ଦିନେ ସେ ଫେରିବ ଆଉ ଖୋଜିବ ମୋତେ
ରଖିଛି ଏ ଆଶ ଏବଂ ବିଶ୍ୱାସ ମନ ଭିତରେ ।
ଜାଣିନ ସେ ଦିନ ମୁଁ ବଞ୍ଚିଥିବି କ ନାହିଁ
ବଞ୍ଚିଥିଲେ ନଶ୍ଚୟ ଶୁଣିବି ମୁହିଁ ।
ସମୟ ଗଡି ଚାଲିଛି ନଦୀର ସୁଅରେ
ବୟସ ବଢି ଚାଲିଛି ଜଞ୍ଜାଳ ଭିତରେ ।
ତଥାପି ତମେ ଭସିଆସ ମନ ପ୍ରାଞ୍ଜଳରେ
ହସି ଦେଇ ପୁଣି ଲୁଚଯାଅ ଆଢୁଆଳରେ ।
ତୁମ ପାଇଁ ଝୁରି ହୁଏ ଏ ମନ
କନ୍ତୁ ନ ପାଏ କଛି ଉପାୟ ଓ ଆଶ୍ୱାସନ
ତଥାପି ଖୋଜୁଥାଏ ସେ ଅଭୁଲ୍ ଦିନ
ଯାହାକ ଗୁଞ୍ଜରିତ କରେ ମନ ଓ ପ୍ରାଣ ।
କେଉଁଠି ଲୁଚେଇଛ ସେ ହୃଦୟକୁ
ଖୋଜି ଆଣ ତାକୁ ମୋ ପାଇଁ
ରହିଛି ମୁଁ ତା ଅପେକ୍ଷାରେ
ରହିଛି ମୁଁ ତା ଅପେକ୍ଷାରେ.....



ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ, ଭୁବନେଶ୍ୱର

# ଅମାନିଆ ଦିନେ

ଦେବଯାନୀ ସ୍ୱାଇଁ

ଦେବିକା ଆଜି ମନ ଭିତରେ ଗୋଟିଏ ଜିଦି, ଅଭିମାନକୁ ଧରି ଘରୁ ବାହାରିଛନ୍ତି |

ସବୁଦିନଭଳି ଘରୁ ପଦାକୁ ବାହାରିଲେ ସେ ଆଗେ ଅଇନା ଆଗରେ ଛିଡା ହେଇଯାନ୍ତି, କିଛି ପରଖିବା ପୂର୍ବରୁ ନିଜ ପୋଷାକ ସହିତ ଓଠର ରଙ୍ଗ ମ୍ୟାଚ କରୁଛି ନା ନାହିଁ ସେଇଟାକୁ ବହୁତ ଯତ୍ନର ସହିତ ପରଖନ୍ତି। ବେଳେବେଳେ ରଙ୍ଗ ମ୍ୟାଚ କରୁଥିଲେ ମଧ୍ଯ ତାଙ୍କ ମନକୁ ଛୁଇଁ ପାରେନି। ଡ୍ରେସିଙ୍ଗ ଟେବୁଲ୍ ଉପରେ ଥିବା ଦାମୀ ଲିପିଷ୍ଟିକ୍ ନିଜ ଭିତରେ ପ୍ରତିଯୋଗିତା ଆରମ୍ଭ କରି ଦିଅନ୍ତି କିଏ ପୁଣି ମ୍ୟାଡାମ୍ ଙ୍କ ସୁନ୍ଦର ଓଠକୁ ଚୁମ୍ବନ କରିବାର ସୁଯୋଗ ପାଇବ। ଦେବିକା ସବୁବେଳେ କେବଳ ଗୋଟିଏ ଲିପିଷ୍ଟିକକୁ ଲଗାନ୍ତି ନାହିଁ। ପୋଷାକର ମ୍ୟାଚିଙ୍ଗ ରଙ୍ଗର ଲିପିଷ୍ଟିକ୍ ସହିତ ସେ ଆଖପାଖ ରଙ୍ଗର ଅନ୍ୟ ଲିପିଷ୍ଟିକକୁ ମଧ୍ଯ ପରସ୍ତ ପରସ୍ତ କରି ଲଗାଇ ଏମିତି ଏକ ସୁନ୍ଦର ନୂଆ ରଙ୍ଗ ସୃଷ୍ଟି କରିଦିଅନ୍ତି ଯାହାକି ଅନ୍ୟମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ବାଧ୍ଯ କରିଥାଏ ଯେ ଏହା କେଉଁ ପ୍ରକାରର ଲିପିଷ୍ଟିକ୍ ବୋଲି। ପଡୋଶିଘରକୁ ତାଙ୍କର ପ୍ଲେଟ୍ ଫେରେଇବାକୁ ହେଉ କି ସକାଳର ମର୍ଣିଂ ୱାକ୍ ହେଉ, କି ଏମିତି ଟିକେ ତଳକୁ ଓହ୍ଲାଇଯାଇ ବିଲ୍ଡିଂର ଗାର୍ଡେନରୁ ପୂଜାଲାଗି ଦିଟା ତୁଳସୀପତ୍ର ଆଣିବାକୁ ହେଉ, ଦେବିକାଙ୍କ ଓଠ କେବେ ଲିପିଷ୍ଟିକ୍ ରଙ୍ଗରୁ ବଞ୍ଚିତ ପଡି ପାରେନି।

ହେଲେ ଆଜି କିନ୍ତୁ ସେ ସେମିତି କିଛି କଲେନି। ଅଭ୍ୟାସବଶତଃ ଆଇନା ଆଗକୁ ଚାଲିଆସିଲେ ସିନା ହେଲେ ଅନେଇଲେନି ଆଇନା ଆଡକୁ, ତଳ ଡ୍ରୟାରକୁ ହାତ ବଢାଇଲେ ଘରର ଚାବି ନେବାକୁ,

ଆରେ ସେ କଣ କରୁଛନ୍ତି!

ଚାବି କଣପାଇଁ ନେବାକୁ ବସିଛନ୍ତି!

ଆଉ ମୋବାଇଲ୍, ଯେଉଁଟା ତାଙ୍କର ଅତି ପ୍ରିୟ !

ଆଗରୁ ତ ସବୁକିଛି କାମ ତାଙ୍କର ଘର ଫୋନରେ ହେଇ ଯାଉଥିଲା। ମୋବାଇଲ୍ ଫୋନ୍ ପର୍ସରେ ପସି ଆଲମିରା ଭିତରେ ରହୁଥିଲା। କେବଳ ବାହାରକୁ ଗଲେ ପର୍ସ ସହିତ

ଦେବିକାଙ୍କ ପାଖରେ ରହୁଥିଲା । ବାହାଘରର ଦଶବର୍ଷ ପୁରି ଯାଇଥିଲା ବୋଲି ବିବାହବାର୍ଷିକ ଦିନ ସୂର୍ଯ୍ୟକାନ୍ତ ତାଙ୍କୁ ଏକ ସ୍ମାର୍ଟଫୋନ୍ ଉପହାରରେ ଦେଇଥିଲେ। ବାସ୍, ସେବେଠୁ ଦେବିକାଙ୍କୁ ଏ ମୋବାଇଲ୍ ନଶା| ହ୍ୱାଟ୍ ସପ୍ ଆଉ ଫେସ୍ ବୁକର ପିଙ୍ଗପଙ୍ଗ ପୁର୍‌ଦିନ ତାଙ୍କୁ ମୋବାଇଲ୍ ଆଡକୁ ଟାଣିଆଣେ। ଶୋଇଲାବେଳେ ତକଆ ତଳେ, ରୋଷେଇ କଲାବେଳେ ଡାଇନଙ୍ଗ ଟେବୁଲ୍ ଉପରେ, ଟିଭି ଦେଖିଲାବେଳେ ଟିପୟରେ ଆଉ ବାହାରକୁ ଗଲେ ହାତମୁଠାରେ। ଆଜି ସେ ମୋବାଇଲ୍ ଆଡକୁ ମଧ୍ୟ ଅନେଇଲେନ। ହଲ୍ ଭିତର ଦେଇ ସିଧା ପଦାକୁ ବାହାରିଗଲେ। ନାଥିଲା କଛି ତାଙ୍କ ହାତ ମୁଠାରେ, ନା ଥିଲା ଲିପିଷ୍ଟିକର ଚୁମା ତାଙ୍କ ଓଠରେ। ଗୋଟିଏ ଅମାନ ଆମନ, ଓଜନଆ ହୃଦୟ ନେଇ ଘରର କବାଟକୁ ଧଡ୍ କରି ପଦାରୁ ପକାଇଦେଲେ।

ମେନ୍ ଡୋର ବନ୍ଦ ହେବାର ଶବ୍ଦ ତାଙ୍କୁ ଟିକେ ସତର୍କ କରିଦେଲା। ଚ୍ଚାରିପଟକୁ ଚ୍ଚାହିଁଦେଲେ ସେ। ନଜ ମହଲାରେ ଥିବା ଆଉ ତିନଟା ଘରର କବାଟ ମଧ୍ୟ ବନ୍ଦ ଥିଲା। ତା ଭିତରେ ତାଙ୍କଭଳ ଏମିତି ଆହୁରି ତିନଜଣ ଘରର ସବୁ ଅଳଆ ଭିତରେ ଧନ୍ଧି ହୋଇ ଯାଉଥିବେ। ସେ କନ୍ତୁ ଆଜି ଏସବୁରୁ ମୁକ୍ତି ଚ୍ଚାହାଁନ୍ତି। ଆଉ ନୁହେଁ, ବହୁତ ହେଇଗଲାଣି, କଣ ଯେ ଏମିତି ଉପମାଟା ଟିକେ ଭଲ ହେଲାନ, ସେଥିପାଇଁ ଏତେ ତାନା, ଏତେ ତିରସ୍କାର!

ଖାଇବା ଜିନଷରେ ବହୁତ ସଉକ ସୂର୍ଯ୍ୟକାନ୍ତଙ୍କର। ସବୁ ଜିନଷକୁ ଖୁବ୍ ସହଜରେ ବାରି ଦିଅନ୍ତି। କାହିଁକ ବା ନ କରିବେ ! ଇଂଜିନୟରିଂ ପଢୁଥିଲାବେଳେ ସୂର୍ଯ୍ୟକାନ୍ତ ମେସରେ ରହୁଥିଲେ| ଆଉ ସେଠି ସେ ସବୁ ରାନ୍ଧିବା ଶିଖିଥିଲେ। ବହୁତ ଭଲ ରାନ୍ଧୁଥିଲେ ବୋଲି ତାଙ୍କର ସବୁ ସାଙ୍ଗମାନେ କୁହନ୍ତି। ଦେବିକା ମଧ୍ୟ ସୂର୍ଯ୍ୟକାନ୍ତଙ୍କ ହାତରନ୍ଧା ଖାଇଛନ୍ତି। ସ୍ୱାଦିଷ୍ଟ, ନଖୁଣ, ତ୍ରୁଟିହୀନ ରାନ୍ଧଣା ତାଙ୍କର| ବହୁତ ଯତ୍ନର ସହିତ ରାନ୍ଧନ୍ତି ସେ।

ଦେବିକା ମଧ୍ୟ ବହୁତ ଯତ୍ନର ସହିତ ରାନ୍ଧନ୍ତି ! ହେଲେ ବେଳେବେଳେ କଣହୁଏ କେଜାଣି, ତାଙ୍କର ସବୁ ଯତ୍ନ ପାଣି ଫାଟିଯାଏ|

ହଁ, ଏମିତି ବି ତାଙ୍କ ଯତ୍ନଲାଗି ଆଜିଯାଏ କେହିଭି ତାଙ୍କୁ ରତ୍ନ ଆଣି ଦେଇ ନାହାନ୍ତି, ହେଲେ ଟିକଏ ଅଯତ୍ନ ଲାଗି ହଟଗୋଳ ହେଇଯାଏ ଆଉ ତାଙ୍କୁ ବହୁତ କଛି ସଫେଇ ଦେବାକୁ ପଡିଥାଏ।

ବାହାଘରଠାରୁ ଆଜିଯାକେ ସୂର୍ଯ୍ୟକାନ୍ତଙ୍କ ସହିତ ଦେବିକାଙ୍କର ଝଗଡା କେବଳ ଏଇ ରୋଷେଇଲାଗି। ସତ କହିବାକୁ ଗଲେ ଦେବିକା ଝିଅବେଳୁ ଆଦୌ ରୋଷେଇଘରକୁ ପଶୁନଥିଲେ। ସେ ଅଲିଅଳ ଥିଲେ ସେକଥା ନୁହେଁ। କାହିଁକ କେଜାଣି ସେ ରୋଷେଇଘରକୁ

ଗଲେ କିଛିଗୋଟେ ଗଡବଡ କରି ଦେଉଥିଲେ| ଏଇ ଯେମିତି କୋଉଥିରେ ଲୁଣ ଅଧିକା ତ କୋଉଥିରେ ମସଲା ନାହିଁ। ସେଥିଲାଗି ମାତାଙ୍କର ରୋଷେଇଘରେ ତାଙ୍କୁ ପୁରଉନଥିଲେ। ମସଲାବାଟିବା, ଶାଗ ଧୋଇ ଚୂନ୍ ଚୂନ କରି କାଟିଦେବା, କିଏ ଆସିଲେ ତାଙ୍କଲାଗି ଗୁହା ସରବତ ବନେଇବା, ଏମିତି ସବୁ ରୋଷେଇର ଆଖପାଖ କାମ ଦେବିକା ଖୁବ୍ ଭଲଭାବେ କରୁଥିଲେ| ଯେତେବେଳେକି ତାଙ୍କ ସାନଭଉଣୀ ତାଙ୍କଠାରୁ ଦୁଇବର୍ଷ ସାନହେଲେ ମଧ ରୋଷେଇରେ ତାର ଅଧିକା ପାରିଲା ପଣିଆଥିଲା।

ହେଲେ ଯାଭିତରେ ଦେବିକା ରୋଷେଇରେ ନିଜକୁ ବହୁତ ପରିବର୍ତନ କରିଛନ୍ତି, ତଥାପି ତାଙ୍କର ବହୁତ ଭୁଲ୍ ବାହାରୁଛି| ଏଇ ଯେମିତି ଆଜି ସୂଜି ଉପମାରେ ଟିକେ ଅଧିକା ପାଣି ହେଇଗଲା। କାଦୁଆ ଉପମାକୁ ଜୋରଜାର କରି ଗ୍ଲାସ ବାଡେଇ ବାଡେଇ ଖାଉଥିଲାବେଳେ ଦେବିକାଙ୍କ ଆଡକୁ ଶବ୍ଦ ବାଣ ଫୋପାଡିଲେ ସୂର୍ଯ୍ୟକାନ୍ତ।

କଣ ଯେ ଏମିତି ମୋପାଇଁ ତୁମେ କରି ପକଉଛ! ମୁଁ ତ ସେଥିଲାଗି ଦି ପହରର ଖାଇବା ନେଉନ, ଅଫିସର କ୍ୟାଣ୍ଟିନରେ ଖାଉଛି| ଜଳଖିଆ ଟିକେ ଖାଉଛି ଯେ, ସେତକ ଭି ଠିକରେ ଟିକେ ବନେଇ ପାରୁନ!

ସୂର୍ଯ୍ୟକାନ୍ତଙ୍କର ଏଇ ଯାହାବି ମୁହଁରେ ଆସିଲା ଫଟକନା ଫୋପାଡିଲା ଭଳି କଥା କହିଦେବା ଗୁଣଟା ଦେବିକା ବହୁତ କଷ୍ଟରେ ହଜମ କରନ୍ତି| "କଣ ଯେ ତୁମେ ମୋପାଇଁ ଏମିତି କରି ପକଉଛ!" ସୂର୍ଯ୍ୟକାନ୍ତଙ୍କର ଏହି କଥାଟି ଦେବିକାଙ୍କୁ ଫୋଡି ହେଉଥିଲା। ଠିକ୍ଅଛି, ସେ କିଛି କରୁନାହାଁନ୍ତି ତ, ତାହେଲେ ତାଙ୍କର ଆଉ ଏଘରେ ରହିବା କଣ ଦରକାର ଅଛି !

ସୁଇଚ୍ ଦବାଇ ଲିଫ୍ଟ ଡାକଲେ ଦେବିକା| ଲିଫ୍ଟ ଆସିବାକୁ ଡେରି କରୁଥିଲା| ଦେବିକା ସିଡିଆଡକୁ ଅନେଇଲେ ଓହ୍ଲାଇଯିବାକୁ| ନାଁ, ନଅ ମହଲାରୁ ସିଡିରେ ଓହ୍ଲାଇବାକୁ ସମୟ ଲାଗିବ, ଠିକ୍ ଏତିକବେଳେ ଲିଫ୍ଟ ଆସି ଧଡ୍ କିନା ରହିଲା| ଲିଫ୍ଟର କାଚ ଡୋର୍ ସେପଟରୁ ମିସେସ୍ ମିଶ୍ର ତାଙ୍କୁ ଦେଖିଦେଲେ| ଡୋର ଖୋଲି କହିଲେ ଆରେ ଦେବିକା ମାଡାମ୍, ତଳକୁ ଆସିବେକି! ଆସନ୍ତୁ ଆସନ୍ତୁ!

କିଛି ନକହି ଦେବିକା ଲିଫ୍ଟ ଭିତରକୁ ପଶିଗଲେ। ଲିଫ୍ଟର ସୁଇଚ୍ ଆଗରୁହିଁ ଗ୍ରାଉଣ୍ଡ ଦବା ହେଇଥିଲା। ଡୋର୍ ବନ୍ଦ କରୁକରୁ ସେ ତଳଆଡକୁ ଧାଇଁ ଗଲିଲା।

ମିସେସ୍ ମିଶ୍ର ପୁଣି ପ୍ରଶ୍ନ କଲାଭଳି କହିଲେ, କଣ ଗାର୍ଡେନ ଯାଉଛନ୍ତି ବୋଧେ! ଦେବିକା ନିଜେ ଜାଣି ନ ଥିଲେ ସେ କୁଆଡେ ଯାଉଛନ୍ତି, ତେଣୁ ମୁହଁ ନଖୋଲି କୁଣ୍ଠିତ ହସ ସହିତ କେବଳ ମୁଣ୍ଡ ଟୁଙ୍ଗାରିଦେଲେ।

ମିସେସ୍ ମିଶ୍ର ପୁଣି କହିବାକୁ ଲାଗିଲେ| ଜାଣିଛନ୍ତି, ବହୁତଦିନ ହେଲାଣି ମୁଁ ଟିକେ ଗାର୍ଡେନ୍ ଆସିପାରୁନ, ଅଫିସରେ ଆଜିକାଲି ଅଧିକା କାମ ରହୁଛି, ପୁଣି ସିବୁନର ପରୀକ୍ଷା ଚାଲିଛି| ଅଫିସରୁ ଫେରିବାପରେ ଶୀଘ୍ର ଶୀଘ୍ର କଣଟିକେ ଖାଇବା କରିଦେଇ ତା ସହିତ ପଢା| ଟେବୁଲରେ ବିଳମ୍ବିତ ରାତିଯାକେ ବସିବାକୁ ପଡୁଛି।କାମଯୋଗୁଁ ଅଫିସରୁ ଛୁଟି........

ଏତିକବେଳେ ତାଙ୍କ ଫୋନ୍ ବାଜି ଉଠିଲା। ସେ ଫୋନରେ ଉତ୍ତରଦେବାକୁ ଯାଇ ଅଧାକଥାରେ ରହିଗଲେ| ମିସେସ୍ ମିଶ୍ରଙ୍କର ଏପରି ବ୍ୟସ୍ତ ଜୀବନ କଥା ଦେବିକାଙ୍କ ମନକୁ ଆହୁରି ଭାରି କରିଦେଲା। ନିଜକୁ ନିଜ ସେ ଅନେକ ପ୍ରଶ୍ନ ପଚାରିଗଲେ। କାହିଁକି ଆମ ସ୍ତ୍ରୀ ଲୋକମାନେ ସବୁ ଏମିତି? କାହିଁକି ସେମାନେ ସବୁବେଳେ ନିଜର ଖୁସିକୁ ପରବାୟ ନକରି ଅନ୍ୟମାନଙ୍କୁ ଖୁସି କରିବାରେ ଲାଗି ପଡିଥାନ୍ତି ? କାହିଁକି ସେମାନେ ଗୋଟିଏ ଭଲ ସ୍ତ୍ରୀ, ଭଲ ମା, ଭଲ ବୋହୁ ହେବାଲାଗି ଅଣନିଶ୍ୱାସୀ ହୋଇ ଦୌଡୁଥାନ୍ତି ? ଏଇ ଦୁନିଆ କଣ ସେମାନଙ୍କୁ ଭଲହେବାର ସାର୍ଟିଫିକେଟ ଦେଇଥାଏ କେବେ !!

ଏଇ ଦେଖୁନା ଯେମିତି ସିଏ ନିଜେ ନିଜ ରୁଚିର ଖାଇବାକଥା କେବେ ମନକୁ ଆଣନ୍ତିନି। ସବୁବେଳେ ସୂର୍ଯ୍ୟକାନ୍ତଙ୍କ ରୁଚି ଅନୁସାରେ ଖାଇବା ବନାନ୍ତି। ହେଲେ ସେକଥା କଣ ସୂର୍ଯ୍ୟକାନ୍ତ କେବେ ବୁଝିଛନ୍ତି ନା ଅନୁଭବ କରିଛନ୍ତି !! ଯଦି କରିଥାନ୍ତେ ତେବେକଣ ଏମିତି ଟିକେ ଭୁଲ୍ ହେଇଗଲା ବୋଲି ଏତେବଡ ଅପମାନ ଦେଇ କହିଥାନ୍ତେ ଦେବିକାଙ୍କୁ ସେ ଆଜି!!

ଲିଫ୍ଟ ଗ୍ରାଉଣ୍ଡ ଛୁଇଁଲା। ଦେବିକା ଆଗତୁରା ଲିଫ୍ଟର କବାଟକୁ ଖୋଲିଧରିଲେ କାରଣ ମିସେସ୍ ମିଶ୍ରଙ୍କ ଦୁଇହାତ ନିଯୁକ୍ତଥିଲେ| ଗୋଟିଏହାତରେ ଭାରୀ ଭ୍ୟାନିଟି ବ୍ୟାଗ୍ ଆଉ ଆରହାତଟି ମୋବାଇଲ୍ ଫୋନକୁ କାନ, ଓଠ ସହିତ ସଂଯୋଗ କରୁଥିଲା। ମିସେସ୍ ମିଶ୍ର ଇଙ୍ଗିତରେ ଦେବିକାଙ୍କୁ ଧନ୍ୟବାଦ ଜଣାଇ ଲିଫ୍ଟରୁ ବାହାରିଗଲେ ଆଉ ବ୍ୟାଗ୍ ଧରିଥିବା ହାତଟିକୁ ଧୀରେଧୀରେ ହଲାଇ ଦେବିକାଙ୍କୁ ବିଦାୟ ଜଣାଇ ଲମ୍ବାଲମ୍ବା ପାଦପକାଇ ବିଲ୍ଡିଂରୁ ବାହାରିଗଲେ ।

ଦେବିକା ମଧ୍ୟ ମିସେସ୍ ମିଶ୍ରଙ୍କ ପଛେପଛେ ବିଲ୍ଡିଂରୁ ବାହାରିଆସିଲେ। ସିକ୍ୟୁରିଟି କ୍ୟାବିନ୍ ଅତିକ୍ରମ କଲାବେଳେ ସେ ହାମିଦ୍ ବାହାଦୁର୍ ତାଙ୍କୁ ନିରେଖି ନିରେଖି ଦେଖୁଥିଲା। ବହୁତ

ପୁରୁଣା ବାହାଦୁର ଇଏ ତାଙ୍କ ବିଲ୍ଡିଂର| ପ୍ରାୟ ଆଠ ବର୍ଷ ଉପରେ ହେଇଗଲାଣି ଦେବିକାଙ୍କର ଏଇ ବିଲ୍ଡିଂରେ ରହିବାର। କେତେ ବାହାଦୁର ବଦଳ ହେଇଗଲେଣି ଯା ଭିତରେ, ହେଲେ ହାମିଦକୁ ସେ ପ୍ରଥମରୁ ହିଁ ଦେଖୁଛନ୍ତି। ମଝିରେ ପ୍ରାୟ ବର୍ଷେ ଖଣ୍ଡେ କୁଆଡେ ପଳାଇ ଯାଇଥିଲା ହେଲେ ପୁଣି ଆସିକି ରହିଲା। ସେ ବିଲ୍ଡିଂରେ ସମସ୍ତଙ୍କୁ ଭଲଭାବେ ଜାଣିଛି। ଦେବିକା ଗାର୍ଡେନ୍ କୁ ଆସିଲେ ସେ ବେଳେବେଳେ ଦେବିକାଙ୍କୁ ଉଚା କନିଅର ଗଛର ଫୁଲତୋଳିବାରେ ସାହାଯ୍ୟ କରେ| ଦିନେ ଦେବିକାଙ୍କୁ ଖୁସି କରିବାଲାଗି ଘରକୁଆସି କହିଥିଲା, ଜାଣିଛନ୍ତି ମାଡାମ୍, ଆପଣଙ୍କୁ ତୁଳସୀପତ୍ର ଦରକାର ପଡେ ବୋଲି ମୁଁ ୨ଟା ତୁଳସୀଗଛ ନିଜେ ଆଣି ଗାର୍ଡେନରେ ଲଗାଇଛି| ଗାର୍ଡେନର ତଦାରଖ କରିବାପାଇଁ ଦୁଇଜଣ ମାଳୀଥିଲେ, ତଥାପି ହାମିଦର କହିବା ଚାତୁରୀ ଦେଖି ଦେବିକା ମନେମନେ ହସିଲେ ସିନା ହେଲେ ଉପରେ ତାକୁ ବହୁତ ପ୍ରଶଂସା କଲେ| ଦେବିକାଙ୍କୁ ସେ ତାର ଘରବିଷୟରେ ବହୁତ କଥା ସବୁ କୁହେ। ଆଉ କୁହେ ମ୍ୟାଡାମ୍, ଆଜିକାଲିକା ଆଧୁନିକ ଯୁଗରେ ଆପଣଙ୍କ ଭଳି ଶାନ୍ତ, ସରଳ ଘରୋଇ ଲୋକବହୁତ କମ୍| ଆପଣଙ୍କୁ ଦେଖିଲେ ମୋର ଘରକଥା ମନେପଡିଯାଏ। ଦେବିକା ବହୁତଥର ଭାବନ୍ତି କିଛି ଭଲ ରାନ୍ଧିକରି ତାକୁ ଦେବାକୁହେଲେ ସେ କୋଉ ଏମିତି ରୋଷେଇରେ ପାରଙ୍ଗମ ଯେ, ଆମ ଓଡିଆ ଘରର ସ୍ଵାଦିଷ୍ଟ କାକରା, ଆରିସା, ମଣ୍ଡା ତାଙ୍କୁ କୋଉ ବନେଇଆସେ ଯେ, ସେ ହାମିଦ୍ କୁ ଖୁଆଇବେ!

କିନ୍ତୁ ଘରେ କେବେକିଛି ଭଲଜିନିଷ ବନିଲେ ସେ ନିଶ୍ଚୟ ତାକୁ ଡାକିକି ଦିଅନ୍ତି। ଦେବିକାଙ୍କ ମନଭିତରେ ହାମିଦ ଲାଗି ସ୍ନେହ ଭରି ରହିଥାଏ| ଆଜି କିନ୍ତୁ ଦେବିକା ମନେମନେ ତା ଉପରେ ବିରକ୍ତ ହେଉଥିଲେ। କାହିଁକି ସେ ଏମିତି ତାଙ୍କୁ ନିରଖୁଥିଲା !

ଓଃ ଆଚ୍ଛା !! ଦେବିକା ଆଜି ଅସଜଡା ଏକ ଅନିୟମିତ ଭାବରେ ଘରୁ ବାହାରି ଆସିଛନ୍ତି ପରା।

ନିଜଆଡକୁ ଅନେଇଦେଲେ ସେ ଟିକେ। ଆରେ ସେ ଓଢଣୀ ପକାଇନାହାନ୍ତି, ଗୋଟେ ସାଧାରଣ ଧଳା ସାଲୁଆର ସାଙ୍ଗକୁ ଫିକା ମୟୁରକଣ୍ଠର କୁର୍ତା| ଏଇ ଡ୍ରେସ୍ ଟି ତାଙ୍କର ମନ୍ଦିରଯିବା ଡ୍ରେସ୍| ସେ ପ୍ରାୟ ସମୟ ଏଇ ଡ୍ରେସରେ ଧଳାଓଢଣୀ ପକାଇ ମନ୍ଦିର ଯାଇଥାନ୍ତି| ମନଭିତରେ ମନ୍ଦିର ଶବ୍ଦଟି ଆସିବାମାତ୍ରେ ତାଙ୍କ ପାଦଦୁଇଟି ତାଙ୍କୁ ମନ୍ଦିରଆଡକୁ ବୋହିନେଇଗଲେ ଯେମିତି ଅନ୍ଧାର ରାତିରେ ଦିଗହରା ନାବିକକୁ ବତୀଘରର ଆଲୋକ ଦେଖାଯିବା ଭଳି।

ଦେବିକା ଯେତେବେଳେ ନୂଆ କରି ଏଠାକୁ ଆସିଥିଲେ ଆଖପାଖରେ ସବୁଠାରୁ ଆକର୍ଷଣ ଥିଲା ଏଇ ମନ୍ଦିରଟି। ତାଙ୍କ ପ୍ରିୟ ଭୋଳାନାଥ ବାବାଙ୍କରଏଇ ମନ୍ଦିରଟି| ଦେବିକା ରହୁଥିବା ଏଗାର ମହଲା ବିଲ୍ଡିଂ ଟି ସହରର କୋଳାହଳ ଠାରୁ ଦୁରେଇ ଆସି ସହରର ଗୋଟିଏ ପ୍ରାନ୍ତରେ ଅବସ୍ଥିତ। ଗୁଡାଏ ବିଶାଳକାୟ ପର୍ବତ ବିଲ୍ଡିଂ ର ପଛ ପାଖରେ ଅନତୀ ଦୂରରେ ଛିଡା ହେଇଛନ୍ତି ସତେ ଯେମିତି ହାତ ଧରାଧରି ହେଇ ସେମାନେ ସମସ୍ତେ ସହରର ଗୋଟିଏ ପ୍ରାନ୍ତ ଘୋଷଣା କରୁଛନ୍ତି। ସେଇ ବିଶାଳକାୟ ପର୍ବତ ମାନଙ୍କରୁ ଗୋଟିଏ ପର୍ବତରେ ଏଇ ମନ୍ଦିରଟି|

ପର୍ବତର ପାଦ ଦେଶରୁ ପ୍ରାୟ ପଚାଶଟି ପାହାଚ ଚଢି ଆସିଲେ ମନ୍ଦିରର ଉନ୍ମୁକ୍ତ ଦ୍ୱାର। ଦ୍ୱାରର ଠିକ୍ ପାଖ ଦେଇ ଆଉ ଏକ ଅସଂକୀର୍ଣ୍ଣ ରାସ୍ତା ପର୍ବତର ଶିଖର ଆଡକୁ ପ୍ରସାରିତ ହେଇଛି। ଦେବିକା ସେହି ରାସ୍ତା ଆଡକୁ ଅନାଇ ଦିଅନ୍ତି ବେଳେବେଳେ। ଆଖି ପାଏନା ତାଙ୍କର| ସେ ଦିନେ କୌତୁହଳ ବଶତଃ  ମନ୍ଦିରର ପୂଜାରୀଙ୍କୁ ପଚାରିଥିଲେ ସେହି ରାସ୍ତା ବିଷୟରେ। ଉତ୍ତରରେ ପୂଜାରୀ କହିଥିଲେ, ମା' ରେ, ଆମେ କେହି ଠିକ୍ ସେ ଜାଣିନୁ କେତେ ଦୂର ଲମ୍ବିଛି ଏ ରାସ୍ତା| କେହି କେହି ଡାଳ ପତ୍ର ସଂଗ୍ରହ କରିବା ପାଇଁ କିଛି ଦୂର ଯାଆନ୍ତି। ହେଲେ ଶୁଣାଯାଏ ବହୁତ୍ ଉପରକୁ ଗଲେ ଘଂଚ ଜଙ୍ଗଲ ଆଉ ଦୂରାଗ୍ରରୀ ମାନଙ୍କ ଆଡ୍ଡାସ୍ଥଳୀ।

ଦ୍ୱାର ମଧ୍ୟ ଦେଇ ପ୍ରବେଶ କରିଗଲେ ବହୁ ଦେବ ଦେବୀ ପରିବେଷ୍ଟିତ ଭୋଳାନାଥ ବାବାଙ୍କର ପ୍ରସସ୍ଥ ସ୍ଥଳ। ପ୍ରତି ସୋମବାର ଦିନ ଶହ ଶହ ଭକ୍ତଙ୍କର ସମାଗମ ହୁଏ ବାବାଙ୍କ ଶିରରେ ପାଣି ଢାଳିବାକୁ। ଦେବିକା ମଧ୍ୟ ସବୁ ସୋମବାର ଦିନ ଆସନ୍ତି। ସେମିତି କିଛି ମନରେ କାମନା ରଖି ସେ ଆସନ୍ତିନି, ହେଲେ ଏଇଟା ଗୋଟେ ତାଙ୍କର ଅଭ୍ୟାସଗତ| ତାଙ୍କର ଯାହା ମନେପଡେ ସେ ଯେତେବେଳେ ପ୍ରାୟ ପଞ୍ଚମ କି ଷଷ୍ଠ ଶ୍ରେଣୀରେ ପଢୁଥିଲେ ସେବେଠୁ ମା ତାଙ୍କର ତାଙ୍କୁ ମନ୍ଦିର ଯିବାକୁ କହୁଥିଲେ। ଆଉ ମଧ୍ୟ କହୁଥିଲେ ଶିବ ପୂଜା କଲେ ଭଲ ବର ପାଇବ ସବୁ| ଦେବିକା ଭଲ ବର ପାଇବା ଆଶାରେ ଯାଉନଥିଲେ। ହେଲେ ତାଙ୍କୁ କାହିଁକି କେଜାଣିଭଲ ଲାଗେ ମନ୍ଦିର ଯିବାକୁ| ହୁଏତ ମନ୍ଦିର ଯିବା ବାହାନାରେ ସେଦିନ ତାଙ୍କୁ  ସକାଳର ପାଠ ପଢାରୁ ଛୁଟି ମିଳିଯାଉଥିଲା ଅଥବା ଝିଅ ବେଳରେ ବାହାରକୁ ଯାଇ ଫୁଲେଇ ହେବାର ଚପଳତା ତାଙ୍କ ମନକୁ ଉଲ୍ଲସିତ ଆନନ୍ଦିତ କରୁଥିଲା। ସେଇ ଆନନ୍ଦ ସହିତ ଏକ ଶାନ୍ତ ଶୀତଳର ଆବେଗ ମଧ୍ୟ ଦେବିକାଙ୍କ ମନ ଭିତରେ ପ୍ରସ୍ଫୁଟିତ ହେଉଥିଲା। ହେଲେ ଆଜି ମା' ଙ୍କର ସେଇ ଭଲ ବର ପାଇବା କମ୍ବଦନ୍ତି କଥାଟି ଦେବିକାଙ୍କ ମନ ଭିତରେ ଆହୁରି ଅଭିମାନର ନିଁଆ କୁହୁଳେଉଥିଲା। ଆଉ ସେ ଇନିଁଆ ସବୁ ଯାଇ ଭୋଳେନାଥ ବାବାଙ୍କ ପାଖରେ ଠୁଳ

ହୋଇଗଲେ। ଦେବିକା ନିଁଆ ପ୍ରାୟ ହୋଇ ଭୋଳେନାଥଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କରି ଚାଲିଲେ।

କଣ ଏମିତି ଭଲ ବର ଦେଇ ପକାଇଚ ମୋତେ ବାବା ! ପିଲାଟି ବେଳୁ ମୁଁ ତୁମ ପାଖକୁ କେତେ ଆସିଛି, କେତେ ପାଣି ଢାଳିଛି, କେତେ କନିଅର ଫୁଲ ହାର ଗୁନ୍ଥି ପିନ୍ଧାଇଛି, ହେଲେ ମୋତେ ଆଜି କଣ ମିଳିଛି ! ଏମିତି ଗୋଟେ କୋପି ବର ଯାହାର କଥା କଥାକେ ଫୋପଡା କଚଡା !

ଏମିତିଆ ମଣିଷ ନେଇ ସେ କି ସଂସାର କରିବ ଯେ। ଦରକାର ନାହିଁ ତାଙ୍କୁ ଆଉ କିଛି ଏ ସବୁ। ସେଇ ରାଗ ନେଇ ଦେବିକା ଆଉ ମନ୍ଦିର ଦ୍ୱାର ଭିତରକୁ ପଶିଲେନି, ଦ୍ୱାରର ପାଖ ଦେଇ ଲମ୍ବିଥିବା ରାସ୍ତାରେ ଚାଲିବାକୁ ଲାଗିଲେ।

ବହୁତ କିଛି ରାସ୍ତା ସେ ଅତିକ୍ରମ କରିସାରିଲେଣି ତାଙ୍କୁ ଜଣା ନାହିଁ। ରାସ୍ତାର ଦୁଇ ପାର୍ଶ୍ୱରେ ଗବାକ୍ଷ ଗଛର ଘଂଚ ଜଙ୍ଗଲ। ଧିରେ ଧିରେ ରାସ୍ତା ମଧ୍ୟ ଆଉ ଜଣା ପଡୁ ନ ଥାଏ। ଗବ ଗଛର ପତ୍ର ଗୁଡିକ ଦେବିକାଙ୍କ ଦେହରେ ଆସି ଘଷି ହୋଇଯାଉଥାନ୍ତି। ଗଛ ଗୁଡିକର ଦୁର୍ବଳ ଡାଳ ଗୁଡିକୁ ଆଡେଇ ଆଡେଇ ଆଗକୁ ଆଗକୁ ଚାଲିଥାନ୍ତି ସେ। ଚାରିପଟେ ଶାନ୍ତ ନୀରବ, ଡାଳପତ୍ରଗୁଡିକୁ ଏପଟ ସେପଟ ଘୁଞ୍ଚେଇ ଦେବିକାଙ୍କର ନିର୍ବୀକାର ଚାଲି ସେ ନୀରବତାକୁ ଭଙ୍ଗ କରୁଥାଏ ଯାହା।

କିଛି ସମୟ ପରେ ଦେବିକା ଅନୁଭବ କଲେ ଆଉ ଏକ କାହାର ଉପସ୍ଥିତି ତାଙ୍କ ଆଖପାଖରେ। ହୁଏତ କିଛି ଛୋଟ ଜଙ୍ଗଲି ଜାନୁଆର ହୋଇଥାଇପାରେ। ଦେବିକା ଭ୍ରୁକ୍ଷେପ ନ କରି ତାଙ୍କର ଲକ୍ଷହୀନ ରାସ୍ତାରେ ଚାଲିବାକୁ ଲାଗିଲେ। ହଠାତ୍ ସେ କାହାର ଏକ ଗାମ୍ଭୀର୍ଯ୍ୟ ସ୍ୱର ଶୁଣିବାକୁ ପାଇଲେ। ପଛକୁ ବୁଲି ଅନାଇଲେ ସେ। ଏକ ବୃଦ୍ଧ ବାବା, ଦେହରେ ଶ୍ୱେତ ବସ୍ତ୍ର, ଡାହାଣ ହାତରେ କମଣ୍ଡଳୁ, ବାମ ହାତରେ ଆଶା ବାଡି, ଜଟା ଜର୍ଜରିତ କେଶ ସହିତ ଦିବ୍ୟ ପୁରୁଷ ଜଣେ। ସ୍ମିତହାସ୍ୟରେ ସେ ଦେବିକାଙ୍କୁ କିଛି କହୁଥିଲେ। ତାଙ୍କ ସ୍ୱରରେ ଦେବିକାଙ୍କ ଲାଗିକିଛି ନିର୍ଦ୍ଦେଶ ଥିଲା। ଦେବିକା କିନ୍ତୁ କିଛି ଶୁଣି ପାରୁନଥିଲେ, ହୁଏତ ତାଙ୍କର ବିବ୍ରତ ବିଚଳିତ ମନ ଯୋଗୁଁ। ମନକୁ ସ୍ଥିର କରିବାକୁ ଚେଷ୍ଟା କଲେ ଦେବିକା ଆଉ ବାବାଙ୍କ କଥା ଆଡକୁ କାନ ଦେଲେ।ତାଙ୍କୁ ଖାଲି ଏତିକି ଶୁଭିଲା, "ମା ରେ, ପଛକୁ ଫେରିଆସ, ଆଗରେ ଆଉ ରାସ୍ତା ନାହିଁ।

ଶୁଣି ମଧ୍ୟ ନଶୁଣିଲା ପରି ବେଖାତିର ଭାବରେ କେଇ ପାଦ ଆଗକୁ ଚାଲିଗଲେ ଦେବିକା| କାହିଁକି କେଜାଣି ହଠାତ୍ ଦେବିକାଙ୍କ ମନରେ ସେ ବାବାଙ୍କ ପ୍ରତି କୌତୁହଳ ଜନ୍ମିଲା।

ବାବାଙ୍କୁ ଦେଖିବାକୁ ସେ ପଛକୁ ବୁଲି ଚାହିଁଲେ, ହେଲେ ଏ କଣ ! ଏତେ ଶୀଘ୍ର ବାବା କୁଆଡେ ଚାଲିଗଲେ !

କିଛି କ୍ଷଣ ଲାଗି ସ୍ତବ୍ଧ ହୋଇ ରହିଗଲେ ଦେବିକା| ଉନ୍ମାଦ ମନ ଭିତରେ ତାଙ୍କର ଯେମିତି ଏକ ଶୀତଳ ଉଦକ ବହିଗଲା। ଉନ୍ମତ୍ତ ପାଦ ଦୁଇଟି ତାଙ୍କୁ ଏ ପର୍ଯ୍ୟନ୍ତ ଯେଉଁ ଏକ ଉନ୍ମାର୍ଗ ପଥରେ ବୋହି ଆଣିଥିଲେ, ଥମିଗଲେ ସେମାନେ। ଦେବିକା ଖୁବ୍ କ୍ଳାନ୍ତ ଅନୁଭବ କଲେ ଯେମିତି। ଚାରିପାଖର ନିସ୍ତବ୍ଧତା ତାଙ୍କୁ ଏବେ ଭୟଭୀତ କଲା। ଫେରି ଆସିଲେ ସେ।

ଫେରି ଆସିଲେ ସେ ତାଙ୍କର ସେଇ ନିତିଦିନିଆ କୋଳାହଳ ଭିତରକୁ। ଅଳ ଅର୍ଦଳୀର ଭିଡ଼ ଭିତରକୁ| ଯେଉଁଠି ରାଗ, ରୁଷା, ମାନ, ଅଭିମାନ, ଖେଳ ମାତ୍ର| ଦୈନନ୍ଦିନ ଜୀବନର କେବଳ ଏକ ଅଙ୍ଗ ବିଶେଷ।

ଧିରଜ୍ ଭ୍ୟାଲି, ଗୋରେଗାଁଓ ଇଷ୍ଟ, ମୁମ୍ବାଇ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ପ୍ୟୁଟରରେ ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହଯୋଗ ଦିଅନ୍ତୁ।

# A tale of Butto's whimsical flute

ଅରୁନୀତା ପ୍ରହରାଜ

With furrowed brows and wrinkled lips,
A young boy played at the mountain tips.
Ere three beautiful notes his flute uttered,
And inpraise, even the peaks muttered.

As the five-year-old flautist brought the magic of his flute alive, the mountains as his first audience wished him success and glory greater than themselves.

"My birthplace had a lot to do with my love for music," said Annada Prasanna Pattanaik, owing his musical journey to the mountains of Kiriburu, a hill station situated in the Eastern state of Odisha. "The air around me breathed music, the mountains echoed everything I ever played and my surroundings were an inspiration," said the artist.

Flute Butto as Pattanaik is fondly called first set his hands on a flute at the age of five. "It was a simple bamboo flute presented to me by my mother. I had recently watched the Bollywood movie 'Haathi mere Saathi' and tried playing its title track 'ChalChal Mere Haathi' and to my surprise, it was a success," said Pattanaik.

Using these basic notes as his foundation, the maestro began playing other similar and one-note tunes. But, soon the little artist felt rather dissatisfied. Elaborating on the root of his problem, he said: "I was dismayed at the fact that my flute had no high notes. I found it impossible to play a variety of tracks with higher notes. But then came the breakthrough.

"One day, my mother had a splitting headache and scolded me to put my flute down. Mischievous as I was, in an urge to irritate her, I played with greater force and Eureka! I hit a higher note!" And then there was no stopping the town's favourite 'Bansuriya' (flautist). Prior to any important meetings, little Pattanaik's ability to attract an instant crowd with his wondrous musical talents were put to great use. He was Kiriburu's official entertainer for multiple events and functions and it was in Kiriburu, that he staged his first solo performance at the age of seven. Over the years, having played the instrument for multiple Bollywood films and sharing a stage with world-renowned artists, Butto may have collected a variety of flutes in different sizes but his passion to learn and create remains just as alive as the five-year-old child with his bamboo flute.

What is even more inspiring about Butto's musical journey is that, it is one void of extensive training sessions. Lack of any professional flute tutors in his hometown kept him devoid of professional training till the age of seventeen. He said: "For most artists

and creatives, professionalism follows fame. However, in my case, fame followed professionalism.

"In 1992, I was performing in London when I happened to take a closer look at my audience. I stared into their deeply engrossed faces and almost had an epiphany. I felt that in some ways, I had not done justice to my flute and talents."Determined to polish and enhance his music, Pattanaik then approached internationally acclaimed flautist, Padmabhushan and PadmavibhushanPandit Hari Prasad Chaurasia. "Luckily for me, Panditjidecided to take time out and train me for a short period of few months, a period that I will remain eternally grateful for," said the humble disciple.

Having captured the art of playing a flute in his soul since the age of five, Butto today travels the world to represent India in multiple cultural meets, playing solo concerts and preceding over workshops on Indian music in various countries. He has also been a visiting professor at the University of Colorado, USA. Today, the world is truly Flute Butto's stage.

## Leaving Bahrain spellbound

Butto was invited to Bahrain by the Kingdom's Kannada Sangha on the occasion of Vasava Jayanti, where he mesmerised the audience with the magic of his flute. And the Kingdom can proclaim with certainty that the legendary Pied Piper of Hamelin fell short as Butto transformed into modern-day Krishna and led a dancing crowd onto the stage. With immense energy and effortlessness, he graced the Keraliya Samajam stage doing what he does best while a sea of people danced around him in spirals.

As a part of his trip, the maestro was also felicitated by the Bahrain Odiya Society at Mr. Arun Kumar Praharaj's residence for his contributions to Odisha's music industry.



## Tribute to his birthplace

In recent years, the maestro has been taken over by an urge to do something for his birth place which inspired him to create the 'Unforgettable Series', consisting of timeless Odia tracks recreated into instrumental pieces powered by his flute.

**"I believe roots and origin have a strong relationship with one's talents. While it is important to grow, develop and modernise, it is equally important to hold onto your roots and be culturally aware as this is what will give your creativity a unique spark," said the artist.**

**He also recommended that parents encourage children to learn more about their origin and culture as they form the basis of any artistic talents. He said: "Keep your children rooted in simple ways. Play more regional songs in your car, watch more regional movies and teach them to be proud of where they come from. This is the only route to harbouring unique and talented individuals."**



**Butto's inspiring musical journey is a tribute to dreamers across the world. It sings a message that if one sets out to to follow their passion with utmost creativity and dedication, the entire universe conspires to make your dreams come true. To end with the artist's favourite quote: "Creativity has nothing to do with an activity in particular. You can sing a song in an uncreative way whereas you can clean the floor in a creative way. Whatsoever we do, if we do it joyously, it becomes creative."**

**May Butto continue to spread the magic of his flute and creativity far and wide, as the mountains echo his praises with pride.**

***

# ତୁମ ପାଇଁ



ପ୍ରଦେଶ କୁମାର ପ୍ରଧାନ

ଭୋଗୀ ହେବା ପାଇଁ
ଇଛା ମୋ ନାହିଁ
ଯୋଗୀ ଟେ କରିଦେ
ଥାଉ ତୋ ଠାରେ ଧ୍ରୁବମ୍
ନାମ ତୋର ଯପୁ ଥିବି
ନାମ ତୋର ଭଜୁଥିବି
ସଂସାର ସାଗରେ ପାରି
ହୋଇଯିବ ମୋ ନାବ ।
ମାଗିବାକୁ ଯିବି ନାହିଁ
ଦୁଆରେ ତୋ
ଥିଲେ ଥାଉ ପଛେ
ଯେତେ ମୋ ଭେକ,
ହୃଦୟରେ ମୋର
ଗଢିବି ପ୍ରେମର ଦେଉଳ
କୈବଲ୍ୟ କଣିବା ପାଇ
ମେଣ୍ଟିବ ଦୁଃଖ ।
କଣ୍ଟକତ ପଥ ମୋର
ଭାବିବି ଶରଧା ବାଲି
ଛୁଇଁଯିବ କ୍ଷଣ ପ୍ରତିକ୍ଷଣ
ମୋର ତନ ମନ,
ଲୁହ ଲହୁ ଯିବି ଭୁଲି
ନନ୍ଦା ଅପମାନେ
କଲେ ଯେତେ ବି ସ୍ନାନ ।

ଆଖି ବୁଜିଦେଲେ
ଆଖି ଖୋଲି ଦେଲେ
ମହା ଶୂନ୍ୟରେ ଖୋଜିବି ତୁମରି ରୂପ,
ଜୀବନ ମୋ ହେବ ଧନ୍ୟ
ମିଳଯିବ କୋଟି ପୁଣ୍ୟ
ଅମା ଅନ୍ଧାରରେ ମିଳଗଲେ
ଥରେ ପ୍ରଭୁ ତୁମରି ଛାପ ।

ନଇଗୁଆଁ, ଅସ୍ତରଙ୍ଗ, ପୁରୀ



# ସେଇଦିନୁ ଖୋଜୁଛି କାଳିଆ



ଡ. ସୌମ୍ୟ ରଞ୍ଜନ ମିଶ୍ର

ସ୍ୱର୍ଗଦ୍ୱାର ଜମି ଜାଲିଆତି କଥା
ଜନୈକ ଭକ୍ତ ମୁଖୁ ଶୁଣି
ବଡ ଠାକୁର କ୍ଷଣକୋପୀ
ସଙ୍ଗେ ସଙ୍ଗେ ଗଲେ ତାତି ।
କହିଲେ, ଲଙ୍ଗଳରେ କୋଠାସବୁ ଦେବି ତାଡି
ଶାବଳରେ ଭୂଷି ଦେବି ଛାତି
ବୁଝାଇଲୁ ଟିକେ
ଏଠି କ ଫାର୍ସ ଚାଲିଛି
ବ୍ରହ୍ମାଣ୍ଡ ଯାକର କଥା ମୁଣ୍ଡାଉଛୁ
ନିଜ କାମ ବୁଝୁନାହୁଁ କିଛି ।
ଭାଇନାଙ୍କ ଦେଖି ଉଗ୍ରରୂପ
କାଳିଆ ଯୋଡିଦେଲେ ହାତ
କହିଲେ, ବୁଝାବୁଝି କରିବାକୁ ପଠାଇଛି
ଏଇନାଗେ ଆସୁଥିବେ ବାବା ଲୋକନାଥ ।
କିଛି ସମୟ ଉତ୍ତାରୁ ପହଞ୍ଚିଲେ
ଭୋଳାବାବା ଲୋକନାଥ
କ୍ରୋଧେ ଝାଳ ପୋଛୁଥାନ୍ତି
ବାରବାର ମୁଣ୍ଡରେ ଦେଉଥାନ୍ତି ହାତ
ଭୋଳାବାବାଙ୍କର ଦେଖିକ ହାଲତ
ଜଗନ୍ନାଥେ ସବୁ ବୁଝିଗଲେ
ଭାଙ୍ଗପଣା ପିଆଇବା ବାହାନାରେ
ଲକ୍ଷ୍ମୀ ଲକ୍ଷ୍ମୀ ଡାକ ଭିତରକୁ ଭିଡିନେଲେ ।

ବେଆଇନ୍ ଭାବେ କରି ନେଇଛନ୍ତି ପଟ୍ଟା
ଆର୍ଇ ଅମିନ ଆଉ ତହସିଲଦାର
ଯଦିଓ ମୋ ପାଖେ ସାଇତା ହୋଇଛି ସନନ୍ଦ
ଜଗନ୍ନାଥ ମହାପୁରୁ ବିଜେ ଶ୍ରୀମନ୍ଦିର ।
ଏସନ ରଥକୁ ପ୍ରଭୁ ନଜେ ଟିକେ
ସ୍ୱର୍ଗଦ୍ୱାର ଆଡେ ଆସନ୍ତୁ ବୁଲିକି
ନହେଲେ ସମୁଦ୍ରବି ଚଳୁ କରିଦେବେ
ଆଜି ଯାହା କିଛି ଅଛି ନଥିବ କାଲିକି
ଆପଣତ ସର୍ବ ବିଦ୍ୟମାନ
ବାଲିରଥେ ହୋଇଯିବେ ଉଭା
ସେଉଠୁ ଦେଖିବେ ସ୍ୱର୍ଗଦ୍ୱାର
ପରିସୀମା ଚତୁର୍ପାର୍ଶ୍ୱ ଶୋଭା ।
ଭୋଳାବାବା କଥାଶୁଣି କାଳିଆର ହସ ଯେ ଲିଭିଛି
ଏ ଯାଏଁ ବି ସେ ଦିଶୁଛି ବିମର୍ଷ
କେଉଁଠୁ ଖୋଜିବ ସିଏ
ଆଉଗୋଟେ ବଳରାମ ଦାସ
ଯିଏ ବାରାଙ୍ଗନା ସାଥିରେ ଥିଲେବି
ତା ଠାରେ ରଖିଥିବ ଧାନ
ଏବେ ତ ବଡଦାଣ୍ଡ ବଡ ଦେଉଳରେ
ଖାଲି ଦେହ ମାଳ ମାଳ
ମନ ଅଟକିଛି ଯାଇ
ସମୁଦ୍ର କୂଳର ଉଛୁଳା ଯୌବନ ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀଉ,
କେନ୍ଦ୍ରାପଡା

# ପ୍ରେମ, ବର୍ଷା ଓ ଫେଭିକଲ



ଦୀପକ ଷଡଙ୍ଗୀ

ଆଷାଢ ମାସର ପ୍ରଥମ ମୌସୁମୀ ବର୍ଷା ଉତ୍ତପ୍ତ ଧର୍‌ପୃଷ୍ଠକୁ ଟିକଏ ଶାନ୍ତି ଦେଇଥିଲ୍ ନଷ୍ଟୟ; କନ୍ତ ଏଇ ବର୍ଷା ଦିନେ ରୋହନର ଜୀବନ ପାଇଁ ଆଣିଥିଲ୍ ଶ୍ରାବଣର ସବୁଜିମା ଓ ପ୍ରଳୟଙ୍କରୀ ବନ୍ୟା । ବାଣୀବିହାରର ରସାୟନ ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ରୋହନ ମିଶ୍ର, ଗୋପବନ୍ଧୁ ଛାତ୍ରାବାସର ପ୍ରଥମ ମହଲ୍ର ୪୫ ନମ୍ବର ରୁମରୁ ଅଧା ଖୋଲ୍ ଝରକା ବାଟେ ଦିଶୁ ଥିବା ବର୍ଷା କୁ ଦେଖି ପୃଷ୍ଠା ଲେଉଟାଇ ଗ୍ଲଲି ଥିଲ୍ ତାର ୭ ବର୍ଷ ତଳର ଅତୀତର ସେଇ ପୁରୁଣା ବହିକୁ.......

+୨ ପ୍ରଥମ ବର୍ଷରେ ନାମ ଲେଖିବାକୁ ରୋହନ ତା ବାପାଙ୍କ ସହିତ ବର୍ଷାରେ ଭିଜିଭିଜି ଆସିଥିଲ୍ କଟକର ଖ୍ରୀଷ୍ଟ ମହାବିଦ୍ୟାଳୟକୁ, ଲାଷ୍ଟ ସିଲେକସନରେ ତା ନାଁ ଆସିଥାଏ | ତା ବାପା ନେଇ ସବୁ ସାର୍ଟିଫିକେଟ ଏଡମିଶନ କାଉଣ୍ଟର ରେ ଜମା କର୍‌ଉ ଥାଆନ୍ତି | ରୋହନ ଛିଡା ହୋଇ ଥାଏ ତା ବାପାଙ୍କ ସାଇଡରେ | କାଉଣ୍ଟର ଭିତରୁ କର୍ମଗ୍ଚରୀ ଜଣକ କହିଲେ ପୁଅର ଆଉ ଦୁଇଟା ଫଟୋ ଲାଗିବ, ଏଡମିଶନ ଫର୍ମରେ ତାକୁ କୁହନ୍ତୁ "ଫର୍ମର ଫ୍ରଣ୍ଟରେ ଦୁଇଟା ଫଟୋ ଅଠାରେ ଲଗେଇ ତା ଉପରେ ନଜର ସାଇନ କରିବ"| ବାପା ଆସି ରୋହନକୁ କହିଲେ "ଫର୍ମରେ ଫଟୋ ଲଗେଇ ସାଇନ କରି ଦେ" | ରୋହନ ଫଟୋ ଲଗେଇବା ପାଇଁ ତା ବ୍ୟାଗ ଅଣ୍ଡାଳଲ୍, କନ୍ତ ଏ କଣ ଫେଭି କୁଇକ ତ ଆଣିନ | ବାପାଙ୍କୁ କହିଲେ ବାପା ଚଡିବେ ବିରକ୍ତ ହେବେ, ସେ ଦେଖିଲ୍ ଯେ ବାପା କାଉଣ୍ଟରର କର୍ମଗ୍ଚରୀ ଜଣକ ସହ କଥା ହେଉଛନ୍ତି, ଏ ମଉକା ନେଇ ସେ ଗ୍ଲଲିଗଲ୍ ଟିକେ ଫେଭି କୁଇକ ଯୋଗାଡ କରିବା ପାଇଁ । ବାହାରେ ପ୍ରବଳ ବର୍ଷା, କୁଆଡେ ଯିବ ଦୋକାନକୁ ଗଲେ ଫର୍ମ ସବୁ ବର୍ଷାରେ ଓଦା ହୋଇଯିବ | କଲେଜ ବାରଣ୍ଡାରେ ଛିଡା ହୋଇ କଣ କରିବ ବୋଲି ଭାବିଲ୍ ବେଳକୁ ତାର ଆଖି ପଡିଲ୍ ଆର୍ଟସ ବ୍ଲକର ଏଡମିଶନ କାଉଣ୍ଟରରେ, ସେଠି ମଧ୍ୟ କଛି ଲୋକ ଫର୍ମ କାଉଣ୍ଟରରେ ଦାଖଲ କରିବା ପାଇଁ ଲାଇନରେ ଛିଡା ହୋଇଥାନ୍ତି । ସେ ଗଲ୍ ସେ

କାଉଣ୍ଟର ଆଡକୁ, ଦେଖିଲା ଗୋଟେ ଗୋଲାପି ରଙ୍ଗର ଡ୍ରେସ ପିନ୍ଧି ଥିବା ଝିଅ ହାତରେ ସାର୍ଟିଫିକେଟ ଜରି ଧରି ଛିଡା ହୋଇଛି, ସେ ବର୍ଷା ରେ ଅଳ୍ପ ଅଳ୍ପ ଓଦା ହୋଇ ଯାଇଛି, ତା ଓଦା ହୋଇ ଯାଇଥିବା ଚୁଟିରୁ ଟିକେ ଟିକେ ପାଣି ଗଳି ପଡୁଛି, ଓଦା ହେଇ ଯାଇ ଥିବା ଚୂନଟାକୁ ଧୀରେ ଧୀରେ ସାଇଜ କରୁଛି, ଧଳା ରୁମାଲ ବ୍ୟାଗରୁ ବାହାର କରି ତା ତୋଫା ଗୋରା ମୁହଁଟାକୁ ପୋଛୁଛି । ରୋହନ ଧୀରେ ଯାଇ ତା ପାଖେ ଛିଡା ହେଲା ଆଉ ପଚାରିଲା "ଫେଭି କୁଇକ ଅଛି କି"? ଆଉ କିଛି ରୋହନ ପଚାରିବା ପୂର୍ବରୁ ଝିଅଟି ଜରିରୁ ଫେଭି କୁଇକଟି କାଢି ରୋହନ ହାତକୁ ବଢାଇ ଦେଲା, ତରତରରେ କାଢିଲା ବେଳକୁ ତା ମାଟ୍ରିକ ସାର୍ଟିଫିକେଟର ଜେରକ୍ସ କପିଟା ଜରିରୁ ବାହାରି ଆସି ତଳେ ପଡିଲା, ରୋହନର ନଜର ତା ଉପରେ ପଡିଲା ଲେଖା ଥିଲା "ସୁରଭି ପଣ୍ଡା"। ଆଉ କିଛି ପଢିବା ପୂର୍ବରୁ ଚଟ କରି ଝିଅଟି ସାର୍ଟିଫିକେଟଟା ତଳୁ ଉଠେଇ ନେଇ ଜରିରେ ରଖି ଦେଲା, ରୋହନ ସେଇଠି ଫେଭି କୁଇକରେ ତା ଫଟୋକୁ ଫର୍ମ ରେ ଲଗେଇ ଝିଅଟିକୁ ଫେଭି କୁଇକ ଫେରାଇ ଦେଲା ଓ ଥ୍ୟାଙ୍କୁ ବୋଲି କହିଲା ଓ ଝିଅଟି ପ୍ରତି ଉତ୍ତରରେ ନୋ ମେନସନ ବୋଲି କହି ଟିକେ ହସି ଦେଲା । ରୋହନ ବି ଟିକେ ହସି ଦେଇ ତା ଠାରୁ ବିଦାୟ ନେଲା, ସୁରଭିର ସେଇ ହସ ଟିକକ କିନ୍ତୁ ରୋହନର କୈଶୋର ହୃଦୟରେ ଆଣିଦେଲା ପ୍ରଥମ ପ୍ରେମର ଉତ୍ତୁଙ୍ଗ ମାଦକତା ।

ଏଡମିଶନ ସରିଲା ଅଗଷ୍ଟ ମାସ ଆରମ୍ଭରୁ କ୍ଲାସ ଆରମ୍ଭ ହେବ ବୋଲି ଜଣେଇଦି ଦିଆଗଲା। ସେଦିନ ରାତିରେ କିନ୍ତୁ ଆଉ ରୋହନ ଶୋଇ ପାରିଲା ନାହିଁ। ତାର ହୃଦୟ ଓ ମନ କିଛି ଗୋଟେ ଅଶାନ୍ତ ହେବାର ସେ ଠିକ ଅନୁମାନ କରିପାରୁଥିଲା । ଅଗଷ୍ଟ ମାସ ଆରମ୍ଭ ହେଲା। ସେ ତା ସାଇକେଲ ଧରି ବାହାରିଲା କଲେଜକୁ । ପ୍ରଥମ କଲେଜର ପ୍ରଥମ ଦିନ ଟିକେ ଡର ମାଡୁଥାଏ ତାକୁ । କ୍ଲାସରେ ବସିଲା କ୍ଲାସ ଦିନ ୩ ଟା ରେ ସରିଲା। କିନ୍ତୁ ତାର ଆଖି ଖୋଜି ବୁଲୁ ଥାଏ ସୁରଭିକୁ, ଆର୍ଟସ ବ୍ଲକ ଆଡକୁ ଗଲା ତଥାପି ତାର ଟିକେ ଝଲକ ସେ ପାଇ ପାରିଲା ନାହିଁ । ନିରାଶ ହୋଇ ଫେରିଲା । ସେଇ ଚେହେରାକୁ ଟିକେ ଆଉ ଥରେ ଦେଖିବା ପାଇଁ ସତେ ଯେମିତି ସେ ବ୍ୟାକୁଳ ହୋଇ ଉଠୁଥିଲା । ଷ୍ଟାଣ୍ଡରୁ ସାଇକେଲକୁ ବାହାର କଲା, କଲେଜରୁ ଚାଲିଲା ଘର ଆଡକୁ, ହଠାତ ତା ନଜର ପଡିଲା ସୁରଭି ଉପରେ । ବହି ଦୋକାନରେ ଛିଡା ହୋଇଛି ସେ କିଛି କିଣାକିଣି କରୁଛି। ରୋହନ ଗଲା ସେ ବହି ଦୋକାନ ଆଡକୁ; କିନ୍ତୁ ଭିତରକୁ ନ ଯାଇ ବାହାରେ ଆପେକ୍ଷା କଲା । ସୁରଭି କିଣାକିଣି

ସାରି ବାହାରକୁ ଆସିଲା ରେହନକୁ ଦେଖି ବୋଧେ ସେ ତାକୁ ଚହ୍ନି ପାରିଲା | ସେଥିପାଇଁ ଟିକେ ହସି ଦେଲା | ଏଥର ରେହନ ସାହସ ସଞ୍ଚୟ କରି ତା ପାଖକୁ ଗଲା ପଚ୍ଚାରିଲା "ଆରେ ତମେ ଏଠି" ! ସୁରଭି କହିଲା "ହଁ ବହି କଣିବାକୁ ଆସିଥିଲି" | ଆଉ ତୁମର ଆର୍ଟସ, ସାୟେନ୍ସ ନା କମରସ? ରେହନ କହିଲା "ସାୟେନ୍ସ" ଆଉ ତୁମର କେଉଁ ଷ୍ଟ୍ରୀମ? ସୁରଭି କହିଲା "ଆର୍ଟସ ! ଆଛା ତୁମ ଘର କଣ ଏଇଠି"? ରେଶନ କହିଲା "ହଁ ଏଇ ଚଣ୍ଡୀ ଛକ ପାଖରେ ଆଉ ତୁମର" ? ସୁରଭି "ଆମ ଘର ଏଇ ବକ୍ସି ବଜାରରେ" | ଏଇମିତି କଛି ସମୟ ଗପସପ ହେଉହେଉ ଚ୍ଚାଲିଲେ ଦୁଇ ଜଣ । ଚଣ୍ଡୀ ଛକର ଚ୍ଚାରି ଛକରେ ଦୁଇ ଜଣ ଅଲଗା ହେଇ ଚ୍ଚାଲିଗଲେ କନ୍ତୁ କଥା ଦେଲେ ଯେ ଏଥର ସବୁ ଦିନେ ଏକା ସମୟରେ ଏଇ ଚ୍ଚାରି ଛକ ପାଖରୁ ମିଶିକ କଲେଜ ଯିବେ ବୋଲି ଆଉ ସେଇଆ ହିଁ ହେଲା | ରେହନ ଆଉ ସୁରଭିର ବନ୍ଧୁତା ଧୀରେଧୀରେ ପ୍ରେମ ଆଡକୁ ଆଗେଇଲା । କୈଶୋର ବୟସର ପ୍ରଥମ ପ୍ରେମ ରେହନକୁ ଲାଗୁଥାଏ ଯେମିତି ସେ ଏକ ନୂଆ ଦୁନଆର ପ୍ରେମର ମତୁଆଲା ବିହଙ୍ଗ |

ଏମିତି କଟିଗଲା ଦୁଇବର୍ଷ ତାପରେ ଆସିଲା +୩ ବର୍ଷ | ଏଇ ବିଗତ ଦୁଇ ବର୍ଷରେ ରେହନ ଆଉ ସୁରଭିର ପ୍ରେମ ହୋଇ ଯାଇ ଥାଏ ଆହୁରି ନବିଡ | +୩ରେ ମଧ୍ଯ ଦୁଇ ଜଣ ସେଇ ଏକା କଲେଜରେ ରେହନ ନେଲା ରସାୟନ ବିଜ୍ଞାନର ଅନର୍ସ ଓ ସୁରଭି ନେଲା ଅର୍ଥନୀତିର ଅନର୍ସ | ଧୀରେଧୀରେ ତାଙ୍କ ଦୁଇ ଜଣଙ୍କ ପ୍ରେମ ପାଲଟି ଯାଇ ଥିଲା ଅନ୍ୟ ପ୍ରେମୀ ଯୁଗଳ ମାନଙ୍କ ପାଇଁ ଉଦାହରଣ | କଲେଜର ବାର୍ଷିକ ଉତ୍ସବ ହେଉ ଅବା ଯେ କୌଣସି ସଂସ୍କୃତିକ ଅନୁଷ୍ଠାନ ରେହନ ଓ ସୁରଭିର ଉପସ୍ଥିତି ସମସ୍ତଙ୍କୁ ପ୍ରେମର ଶିକ୍ଷା ଦେଇ ଯାଉ ଥିଲା, କନ୍ତୁ +୩ ଶେଷବର୍ଷରେ ତାଙ୍କ ପ୍ରେମରେ କାହାର ନଜର ଲାଗି ଯାଇ ଥିଲା |

ସୁରଭିର ଘରେ କଛି ଲୋକ ଜାଣିଯାଇ ଯାଇ ଥିଲେ, ସୁରଭି ଓ ରେହନର ସମ୍ପର୍କ ବିଷୟରେ| ତାଙ୍କ ବିଷୟରେ ସବୁ ଜାଣିବା ପରେ ସୁରଭିର ବାପା ସୁରଭିର କଲେଜ ଯିବା ଓ ଘରୁ ବାହାରିବା ବନ୍ଦ କରିଦେଲେ; ଯଦିଓ ସୁରଭି କଲେଜ ଆସୁଥିଲା ତାକୁ ତାଙ୍କର ଘରର ଜଣେ ସଦସ୍ୟ ନେବା ଆଣିବା କରୁଥିଲା| ରେହନ ଚ୍ଚାହୁଁ ନଥିଲା ଯେ ତାଙ୍କ ଘର ସଦସ୍ୟ ଆଗରେ ସେ ସୁରଭି ଆଗକୁ ଯାଉ ଓ କଛି ଗୋଟେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉ ବୋଲି| ମୋବାଇଲରେ ବି ଯୋଗାଯୋଗ ସମ୍ଭବ ହୋଇ ପାରୁ ନଥିଲା | +୩ ପରୀକ୍ଷା ଶେଷ ହେବା ଦିନ ସୁରଭିର ସାଙ୍ଗ ଠାରୁ ରେହନ ଜାଣିବାକୁ ପାଇଲା ଯେ ଆସନ୍ତା ମାସରେ ସୁରଭିର

ବାହାଘର ମୁମ୍ବାଇରେ ଥିବା ଜଣେ ସଫ୍ଟୱେର ଇଞ୍ଜିନୟର ସହ ସ୍ଥିର ହେଇଛି ବୋଲି | ସେ ପିଲ୍ ହେଉଛି ସୁରଭିର ବାପାଙ୍କର ଜଣେ ଘନିଷ୍ଠ ବନ୍ଧୁର ଏକ ମାତ୍ର ପୁଅ, କଥାଟା ଶୁଣି ରୋହନର ପାଦତଳୁ ଭୂମି ଖସିଗଲ୍ ଭଳ ମନେ ହେଲା; ତାକୁ ବେଶି କଷ୍ଟ ଲାଗିଲ୍ ଯେ ଏତେ ସବୁ କଥା ଆଗେଇ ଗଲ୍ ପରେ ମଧ୍ୟ ସୁରଭି ତା ସହ ଟିକେ ଯୋଗାଯୋଗ କରିବାକୁ ଚେଷ୍ଟା ବି କଲ୍‌ନ । ତାର ମନେ ହେଉ ଥିଲ୍ ଯେମିତି ତା ଉପରେ ପୁରା ଆକାଶଟା ଛିଡି ପଡିବ | ଆଉ ଠିକ ସେତିକ ବେଳେ ଖୁବ ଜୋରରେ ଘଡଘଡି ସହ ବର୍ଷା ହେଲ୍ | ଅସ୍ଥିର ମନରେ ଭଙ୍ଗା ହୃଦୟ ନେଇ ରୋହନ ବର୍ଷାରେ ଫେରୁଥିବା ବେଳେ ତାର ମୁହାଁମୁହିଁ ଧକ୍କା ହୁଏ ଏକ ଟ୍ରକ ସହ, ସାତ ଦିନ ପରେ ସେ ଯେତେବେଳେ ତାର ଚେତା ଫେରିପାଏ, ନିଜକୁ ପାଏ କଟକ ମେଡିକାଲର ଖଟିଆ ଉପରେ, ଦେଖେ ଯେ ତାର ଦୁର୍ଘଟଣାରେ ଡାହାଣ ଗୋଡଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି |

ରୋହନ ଭାଇ.... ! ! ବର୍ଷା ଟିକେ କମିଲ୍‌ଣି ପରା କ୍ଲାସ ଯିବାନି କି? ଆଜି ବା ଚକ୍ରବର୍ତୀ ସାରଙ୍କ ଇମ୍ପୋର୍ଟାଣ୍ଟ କ୍ଲାସ ଅଛି କେମିକାଲ ବଣ୍ଡିଙ୍ଗର? ସଂବିତ ଫେରି ପାଇଲ୍ ରୋହନ.... ପଛକୁ ବୁଲିକ ଦେଖେ ତ ତାଠାରୁ ୩ବର୍ଷ ସାନ ତା ରୁମମେଟ ସୁବାସ କ୍ଲାସ ଯିବା ପାଇଁ ପ୍ରସ୍ତୁତ ହୋଇ ସାରିଲ୍‌ଣି | ଆରେ ହଁ....ଗ୍ଭଲ "ମୋ ଗୋଡଟା ସେଇ କବାଟ ପାଖରେ ଅଛି ଆଣିକ ମୋତେ ଟିକେ ପିନ୍ଧେଇ ଦେ" | ସୁବାସ ଧୀରେ ଯାଇ ରୋହନର ପ୍ଲାଷ୍ଟିକ ଗୋଡଟା ଆଣି ତା ଆଣ୍ଠୁ ସହ କ୍ଲିପ ରେ ଯୋଡି ଦେଲ୍ ....ଏଥର ଯିବା ରୋହନ ଭାଇ ? ହଁ... ହଁ ଗ୍ଭଲ ଆରେ ରହରହ ! ଏ ବର୍ଷାଟା ପରା ପୁଣି ଆରମ୍ଭ ହେଇ ଗଲ୍‌ଣି ... ତୁ ଛତାଟା ସାଙ୍ଗରେ ଆଣିଥା | ଦୁହେଁ ଗ୍ଭଲିଲେ ରସାୟନ ବିଜ୍ଞାନ ବିଭାଗକୁ | ଆଉ ହଷ୍ଟେଲ ପାଖ ଗୋବିନ୍ଦ ସାହୁ ଜଳଖିଆ ଦୋକାନର ଏଫଏମରୁ ଭାସି ଆସୁଥିଲ୍ ଦବଙ୍ଗ୨ ର ସେଇ ଲୋକପ୍ରିୟ ଗୀତ "ମେରେ ଫୋଟୋ କୋ ସୀନେ ସେ ୟାର ଚପକାଲେ ସଇଁୟା ଫେଭିକଲ ସେ" |

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦



# ଦୁଇଟି ସମଲପୁରି କବିତା

ଆଶୁତୋଷ ମେହେର

## (୧)

### **ଭଲ କଥା ଭଲ କାମ**

ଭଲ କଥା ପଦେ କହେବ ବାବୁ ହୋ
ପଏସା ଯେ ନାଇଁ ପଡେ
ଆଜିକାଲି ସବୁ ମିଲସି ହେଲେ ଯେ
ଏତିକ ରହେସି ଆଡେ ।
ଭଲ କାମ ଗୁଟେ କରବ ଯଦି ଗା
ସୁରତା ରଖବେ ସଭେଁ
ଦରକାର ବେଲେ ଖୁଜା ପଡୁଥିବ
ବଡପନ ତୁମର ଟେକେଁ ।
ଭଲ କାମ କରି ଭଲ କଥା କହି
ସଂସାର ନେବ ଯେ ଘିନ
ମରିଗଲ୍ ପରେ ଝୁରିହେଉ ଥିବେ
ତୁମର ଗୁଣକେ ଶୁନ ।।

## (୨)

### ** ସୁଖ ଦୁଃଖର ଜୀବନ**

ମଣିଷ ଜୀବନେ ସୁଖ ଦୁଃଖ ଭର୍
କେତେ ସତେ ଉଠା ପକା,
ସମାଜ ଭିତରେ ରହେସି ବୋଲି ତ
ସହେସି ସବୁ ଯେ ଧକ୍କା ।
କେତେ ବେଲେ ସୁଖ ଆର ବେଲ୍ ଦୁଃଖ
ଇଟା ପରେ ରିତି ନୀତି
ସବୁକେ ଧରିକେ ମୁନୁଷ ଜୀବନ
ସଂସାରୁ ଯାଏସି ବିତି ।
ଦୁଃଖ ନେଇକରି ସୁଖ ବାଣ୍ଟସି ସେ
ପରର ଦୁଃଖେ ନ ଦୁଃଖି,
ଦୁଃଖ ବାଣ୍ଟି ନେଲେ ହେସି ଅଧା ପରେ
ସୁଖ ଦୁଇଗୁଣା ହେସି ।
ବାଣ୍ଟମା ଯେ ସୁଖ ନେଇକରି ଦୁଃଖ
ଯିଇଁମା ପରର ସୁଖେ,
ମୁନୁଷ ଜୀବନ ସଫଲ ହେବା ଯେ
ହଁସମା ଆନର ଦୁଖେ ।।

ଆର୍ଯ୍ୟପଲ୍ଲୀ, କଟ୍ ଛକ,
ପଟିଆ, ଭୁବନେଶ୍ୱର

# ବର୍ଷା



ବରୁଣ କୁମାର ଦାସ

**(୧)**

ଆପଣେଇ ନେଇ
ଛୁଇଁ ଛୁଇଁ ଗଲାପରେ
ଦେହ ଦେହରେ
ଭାଇରାଲ୍ ଫିଭର୍
ହୋଇଛି ଅଂକୁରିତ ।

**(୨)**

ବଜ୍ର ଆଘାତରେ
ସିନ୍ଦୁର ଲୁଚଗଲାପରେ
ସ୍ତିମିତ ଜୀବନ ଗଣିତ
ସାଦା ଶାଢ଼ୀ ଭିତରେ
ହଜି ସାରିଛି ମାନୀର
ବଂଚବାର ବାଟ ।

**(୩)**

ଭିଜା ଚୂଲିରେ ଧୂଆଁର ତାଣ୍ଡବ
ଆଖିରେ ଭରିଛି ପାଣି
କୋଳରେ ରୋଗୀଣା
ଅପୁଷ୍ଟିର ଶିଶୁଟା
କ୍ଷୀରର ଆଶାରେ
ପଥର ଦେହକୁ
ଗୃଟି ଗୃଲିଛି
ପେଟରେ ଜାଳୁଛି ନିଆଁ
ସେଇ ପରିଚିତ ଭୋକ ।

ପାଳୁସିଆ, ଦେହୁର୍ଦ୍ଦା, ବାଲେଶ୍ୱର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଭ୍ରମଣ ଅନୁଭୂତି



ବରଦା ପ୍ରସନ୍ନ ଦାସ

ମହାରାଷ୍ଟ୍ର ରାଜ୍ୟର ବିଭିନ୍ନ ସ୍ଥାନ ଭ୍ରମଣ ପରେ ଗୋଟିଏ କଥା ମନକୁ ଆସିଲା । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ କଥା । ଜାତି, ପ୍ରୀତି ଓ ଜାତୀୟତା ଭାବ ଖୁବ୍ ବଳିଷ୍ଠ । କାଁ ଭାଁ ହିନ୍ଦୀ ଇଂରାଜୀ ଛାଡିଦେଲେ ସର୍ବତ୍ର ସ୍ୱୟଂ ଭାଷା ମରାଠି ଭାଷାରେ ଲେଖା ଯାଇଛି ସାଇନ ବୋର୍ଡ, କାର୍ଯ୍ୟାଳୟ ନାମକରଣ, ସରକାରୀ ଡାଏରୀ । ସରକାରୀ ଭାଷା ମଧ୍ୟ ମାତୃଭାଷାରେ ଚାଲିଛି । ଟାଉନ୍ ବସ ମାନଙ୍କରେ ଲେଖା ଯାଇଛି ମାତୃଭାଷା ଓ ଜାତୀୟ ଭାଷା ହିନ୍ଦୀ ବ୍ୟତିତ ଇଂରାଜୀ ଭାଷା କୁହନାହିଁ । ଯାହା ପାଇଁ ଓଡିଶାରେ ଆଜି ଆନ୍ଦୋଳନ ଚାଲିଛି ଓ କ୍ରମେ କାର୍ଯ୍ୟକାରୀ ହେବାକୁ ଯାଉଛି । ମାତ୍ର ପ୍ରାଦେଶିକ ଭାଷା ସହ ଜାତୀୟ ଓ ଆନ୍ତର୍ଜାତୀୟ ଇଂରାଜୀ ଭାଷାର ବ୍ୟବହାର ନହେଲେ ନୂତନ ଆଗନ୍ତୁକ ପର୍ଯ୍ୟଟକମାନେ ସୂଚନା ପାଇବାରେ ଅସୁବିଧା ଭୋଗିବେ ।

ଗତ ସେପ୍ଟେମ୍ବର ୩ ତାରିଖ ଅପରାହ୍ନରେ ଲିଙ୍ଗରାଜ ଧାମରୁ କୌଣସି ଏକ୍ସପ୍ରେସ ଟ୍ରେନରେ ପୁନେ ବାଟ ଦେଇ ଦ୍ୱାରକମୟୀ ଅଭିମୁଖେ ପରିବାର ସହ ଜୀବନର ପ୍ରଥମ ଯାତ୍ରା । ୪ ତାରିଖ ପୁନେରେ ପହଞ୍ଚି ବିଶ୍ରାମ ନେଲୁ । ପରଦିନ ବିରାଟକାୟ ଫିନକ୍ସମଲ ପରିଦର୍ଶନ କରି ଗାଇନଜ୍ ହୋଟେଲରେ ରାତ୍ରି ଭୋଜନ ସାରି ରହିଲୁ । ଗତ ସେପ୍ଟେମ୍ବର ୫ ତାରିଖ ଗଣେଶ ପୂଜା ଦିନ ପୁନେ ବିମାନନଗର ଚନ୍ଦନପୁରଠାରେ ଥିବା ସିଦ୍ଧ କେନ୍ଦ୍ରର ମୁଖ୍ୟ କାର୍ଯ୍ୟାଳୟ ତଥା ଗୋରଖନାଥ ମନ୍ଦିର ପରିଦର୍ଶନ କରି ଏହାର ମୁଖ୍ୟ ହରି ଦାସଙ୍କୁ ଭେଟି ଆଲୋଚନା କରିଥିଲି । ଏଠାରେ ସିଦ୍ଧି ଚକତ୍ସା ପ୍ରଣାଳୀ ସମ୍ପର୍କରେ ଦେଶ ବିଦେଶରେ ବିଭିନ୍ନ ସ୍ଥାନରୁ ଆସିଥିବା ଆଗ୍ରହୀ ବ୍ୟକ୍ତି ମାନଙ୍କୁ ତାଲିମ ଦିଆଯାଇଥାଏ । ଯଦ୍ୱାରା ବିଭିନ୍ନ ରୋଗ ନିରାକରଣରେ ଏହା ସହାୟକ ହୋଇଥାଏ ବୋଲି ବିଶ୍ୱାସ କରାଯାଏ । ୬ ତାରିଖରେ ଶିରିଡି ଅଭିମୁଖେ ସକାଳ ୯ ଘଣ୍ଟାରେ ବାହାରି ଦିବା ୧ ଘଣ୍ଟାରେ ପହଞ୍ଚି ଆଗୁଆ ଟିକେଟ ଅନୁଯାୟୀ ସ୍ୱଳ୍ପ ସମୟ ମଧ୍ୟରେ ସାଇବାବାଙ୍କୁ ଦର୍ଶନ କଲୁ । ଧାଡିରେ ଯିବା ପରେ ଯେତେବେଳେ ସମାଧି ମନ୍ଦିର ମଧ୍ୟକୁ ପ୍ରବେଶ କଲୁ, ଶରୀରକୁ ସ୍ପର୍ଶ କଲା ଏକ ଅପୂର୍ବ ଶିହରଣ! ମନରେ ଅଫୁରନ୍ତ

ଆନନ୍ଦ, ସତେ ଯେମିତି ପ୍ରଥମ ଦର୍ଶନରେ ଜୀବନ ଧନ୍ୟ ହେଲା । ସମସ୍ତେ ଏକ ସ୍ୱରରେ କହୁଥାନ୍ତି "ସାଇ ମହାରାଜ କ ଜୟ" । ସମାଧି ଦର୍ଶନ ଓ ସ୍ପର୍ଶ ପରେ ପୁରୋହିତଙ୍କଠାରୁ ଫୁଲମାଳଟି ପାଇ ବାହାରକୁ ବାହାରି ଆସିଲୁ । ଭିତର ବେଢାରେ ଅନ୍ୟାନ୍ୟ ଦର୍ଶନୀୟସ୍ଥାନ ଯଥା ଗୁରୁସ୍ଥାନ, ଚଓ୍ୱାଡି, ଦ୍ୱାରକାମାଇ, ନନ୍ଦାଦୀପ ଇତ୍ୟାଦି ବୁଲିବା ପରେ ସ୍ଥାନୀୟ ହୋଟେଲରେ ମଧ୍ୟାହ୍ନ ଭୋଜନ ସାରି ସିଗନାପୁର ଶନୀଙ୍କ ନିକଟକୁ ଦର୍ଶନ ପାଇଁ ଯାତ୍ରା କଲୁ । ସେଠାରୁ ଅଷ୍ଟବିନାୟକ ମନ୍ଦିର ଦର୍ଶନ ସାରି ପୁନେ ସହରକୁ ସେଇ ଦିନ ରାତ୍ର ୯ ଘଣ୍ଟାରେ ଫେରି ବିଶ୍ରାମ ନେଲୁ । ବାଟସାରା ପିଜୁଳି ଓ ଡାଳମ୍ବ ସ୍ୱଳ୍ପ ମୂଲ୍ୟରେ ବିକ୍ରି ଚାଲିଥାଏ । ସେତେବେଳକୁ ମହାରାଷ୍ଟ୍ରରେ ଚାଲିଥିବା  ଦଶଦିନବ୍ୟାପି ପ୍ରସିଦ୍ଧ ଗଣେଶ ପୂଜା । ସର୍ବତ୍ର ପୂଜା ମଣ୍ଡପରେ "ଗଣପତି ବାବା ମୋରେୟା, ମଙ୍ଗଲ ମୂରତି ମୋରେୟା" ଥିଲା ସମବେତ ଉଚ୍ଚାରଣ ଭକ୍ତମାନଙ୍କର । ସାତ ତାରିଖରେ ପୁନେ ସେଣ୍ଟ୍ରାଲ ବିଲ୍ଡିଂଠାରେ ଜିଲ୍ଲା ସୂଚନା ଅଧିକାରୀ ଶ୍ରୀ ଗୋବିନ୍ଦ ଅହଙ୍କାରୀ ଓ ଉପ ନିର୍ଦ୍ଦେଶକ (ଲୋକ ସମ୍ପର୍କ) ଶ୍ରୀ ଯଶୋବନ୍ତ ଭଣ୍ଡାରେଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା ହୋଇଥିଲା । ମହାରାଷ୍ଟ୍ରର ୩୨ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ କନିଷ୍ଠ ପ୍ରଥମ ଶ୍ରେଣୀରେ ନିଯୁକ୍ତି ହୋଇଥିବାବେଳେ ୭ ଜଣ ଉପନିର୍ଦ୍ଦେଶକ ସେମାନଙ୍କ କାର୍ଯ୍ୟ ତଦାରଖ କରିଥାନ୍ତି । ସେମାନେ ସିଧାସଳଖ ପଦୋନ୍ନତି ପାଇ ନିର୍ଦ୍ଦେଶକ (୨) ପଦରେ ନିଯୁକ୍ତି ପାଇଥାନ୍ତି । ବିଭାଗୀୟ ମୁଖ୍ୟ ଭାବେ ଡାଇରେକ୍ଟର ଜେନେରାଲ ପଦରେ ସମ୍ପ୍ରତି ଜଣେ ଆଇ.ପି.ଏସ୍. ଅଫିସର ଶ୍ରୀ ବ୍ରୀଜେଶ ସିଂହ କାର୍ଯ୍ୟରତ । ସେ ଜଣେ ଔପନ୍ୟାସିକ, ସାହିତ୍ୟିକ ଭାବେ ସୁପରିଚିତ । ଏହି ବିଭାଗଟି ମୁଖ୍ୟମନ୍ତ୍ରୀଙ୍କ ହାତରେ ଅଛି । ଆଠ ତାରିଖରେ ପୁରାତନ ରାଜ ପ୍ୟାଲେଶ "ଶନିବାର ୱାଡା" ଯାହାକି କେନ୍ଦ୍ର ସରକାରଙ୍କ ପ୍ରତ୍ନତାତ୍ତ୍ୱିକ ବିଭାଗ ଦ୍ୱାରା ସଂରକ୍ଷିତ, ସେଠାକୁ ଟିକେଟ କାଟି ବୁଲିଲୁ । ସେଠାରୁ ଗୋଟିଏ କ.ମି. ରାସ୍ତା ଚାଲି ଚାଲି ଯିବାକୁ ପଡିଥିଲା ଗଣପତିଙ୍କ ଦର୍ଶନ ପାଇଁ । ସୁନ୍ଦର କାରୁକାର୍ଯ୍ୟ ସମ୍ପନ୍ନ ଦଗଡୁସେଠ୍ ହାଲୱାଇ ଗଣପତି ମନ୍ଦିରରେ ଗଣେଶ ନାହାନ୍ତି । ଟିକିଏ ଦୂରରେ ବିରାଟ ଗଣେଶ ମୂର୍ତ୍ତି ନବଦିନ ପାଇଁ ମନ୍ଦିରରୁ ଯାଇ ସେଠାରେ ପୂଜା ପାଆନ୍ତି । (ଜଗନ୍ନାଥଙ୍କ ରଥ ଯାତ୍ରାରେ "ମାଉସୀ ମା ମନ୍ଦିରକୁ ଯାତ୍ରା ପରି") ଲମ୍ବା ଧାଡିରେ ଦର୍ଶନ ଚାଲିଥାଏ । ଶୃଙ୍ଖଳାର ସହ ପୁରୁଷ ଓ ମହିଳା ଅଲଗା ଅଲଗା ଧାଡିରେ ଯାଇ ଦର୍ଶନ କଲୁ । ଆଉ ବୁଲିବାକୁ ସମୟ ନାହିଁ । ୯ ତାରିଖ ସନ୍ଧ୍ୟାରେ ପୁନେରୁ ମୁମ୍ବାଇ ଭଲଭୋ ବସରେ ଯାତ୍ରା କଲୁ । ସନ୍ଧ୍ୟା ୭ଟାରୁ ଦାଦରରେ ଓହ୍ଲାଇଲୁ । ରାତ୍ର ୧୦ ଘଣ୍ଟାରେ । ସେଠାରୁ

୨ଟି ଟ୍ୟାକ୍ସିରେ ଯାଇ ଗୋରେଗାଁଓ ସ୍ଥିତ ଏକ ଅତିଥି ଭବନରେ ବିଶ୍ରାମ ନେଲୁ । ଯେତେବେଳେ ବସ ମୁମ୍ବାଇରୁ ଯାତ୍ରା କରୁଥାଏ, ବାଟସାରା ଆଖିରେ ପଡୁଥାଏ ବିରାଟ କୋଠାଘର । ସବୁଜ ବନ ପାହାଡ ଘେରା ଏକ ଅତ୍ୟାଧୁନକ ସହର ଆଲୋକମାଳାରେ ଝଲସୁଥାଏ । ମୁମ୍ବାଇର ପାଦ ଦେଶରେ ଦେଖିବାକୁ ପାଇଲୁ ମାଳ ମାଳ ସବୁଜ ଅଟ୍ଟାଳିକା । ମନରୁ ଖୁସୀର ଲହରୀ । ଧନ୍ୟ ମହାରାଷ୍ଟ୍ରର ଅର୍କୀଟେକ୍ଟ, ଯନ୍ତ୍ରୀ, ଧନୀ ବ୍ୟକ୍ତି । ମୁମ୍ବାଇର ବ୍ୟସ୍ତ ବହୁଳ ଅତ୍ୟାଧୁନକ ମହାନଗରୀ, ହିନ୍ଦୀ ଚଳଚିତ୍ର ତାରକାଙ୍କ ଆକର୍ଷଣୀୟ ସହର । ଅଭିନୟ ଚଳଚିତ୍ର ଶିଳ୍ପର ଆଧୁନକ ଷ୍ଟୁଡିଓରେ ରଙ୍ଗାୟିତ ଶିଳ୍ପକୁ ଦୂରଦର୍ଶନ ଓ ସିନେମାରେ ଦର୍ଶନ କରି ସମସ୍ତେ ଉଲ୍ଲସିତ ହୋଇଥାନ୍ତି । ପୁନେ ସହରରେ ୨ଟି ମହାନଗର ନଗମ କାର୍ଯ୍ୟ କରୁଛି । ଏସିଆର ସବୁଠୁ ବଡ ମହା ନଗରନଗମ ଭାବେ ପୁନେର ପିମ୍ପରୀ ମହାନଗର ନଗମ ପରିଚତ ।

ମୁମ୍ବାଇରେ ସକାଳ ସମୟରେ ଗଳି ଗଳି ଭ୍ରମଣ କରୁଥିବା ବେଳେ ଆଖି ଖୋସି ହୋଇଯାଉଥାଏ ସୁଉଚ୍ଚ ଅଟ୍ଟାଳକାକୁ ଦେଖି । ସକାଳ ୭ଟାରେ ରାସ୍ତା ଭିଡ । ବିନା ହେଲମେଟରେ ଦୁଇ ଚକଆ ଯାନ ଚାଳକକୁ ରାସ୍ତାରେ ଅଟକାଇ ପୋଲିସର ଜୋରିମାନା ଆଦାୟ ଚାଲିଥାଏ । ଜଳଖିଆ ଦୋକାନରେ ପୋହା (ଚୂଡା ଭଜା) ଓ ବଡାପାଓ ଖାଇବା ପାଇଁ ଭିଡ ଲାଗିଥାଏ । ବଡ ବଡ ହୋଟେଲରେ ଉଚ୍ଚ ଦରରେ ଖାଦ୍ୟ ମିଳେ । ଏପରିକି ଦୋସା ଗୋଟିକୁ ଟ. ୧୨୦/-, ଫଳ ରସ ଟ. ୮୦/-, ଗୋଟିଏ ତନ୍ଦୁରୀ ରୋଟିକୁ ଟ. ୫୦/- ଦେଇ ଖାଇବାକୁ ପଡିଲା । ପରିବାର ସହ ୬ ଜଣ ଖାଇଲେ । ଟ. ୩୦୦୦/- ପାଖାପାଖି ଖର୍ଚ୍ଚ ହୋଇଥାଏ । ଅତିଥି ଭବନରେ କମ ଖର୍ଚ୍ଚରେ ଖାଦ୍ୟ ମିଳେ । ୧୦, ୧୧ ଦୁଇଦିନ ମୁମ୍ବାଇ ଦର୍ଶନ ପାଇଁ ରିଜର୍ଭ ଟ୍ୟାକ୍ସିରେ ଯାତ୍ରା କଲୁ । ଗାଡି ଚାଳକ ପତ୍ରିକ୍ ଜାଗା ଚହ୍ନଟରେ ଧୁରନ୍ଧର । ପ୍ରତିଦିନ ରହଣିସ୍ଥଳରୁ ଯାତ୍ରା କରି ରାତି ୯ଟାରେ ଫେରୁ । ଗଣେଶ ପୂଜାରେ ମୁମ୍ବାଇ ସହର ଝଲକୁଥାଏ । ପ୍ରଥମେ ପ୍ରଖ୍ୟାତ ଗଣେଶ ମନ୍ଦିର ସିଦ୍ଧିବ ବିନାୟକଙ୍କୁ ଦର୍ଶନ କରି ଯାତ୍ରା ଆରମ୍ଭ କଲୁ । ପରେ ସମୁଦ୍ର ମଧ୍ୟରେ ହାଜି ଅଲ୍ଲୀ ମସଜିଦ, ସ୍ୱାମୀ ନାରାୟଣ, ଲକ୍ଷ୍ମୀ ମନ୍ଦିର, ଝୁଲା ଗବିଚା, ମନ୍ତ୍ରାଳୟ, ଗେଟୱେ ଅଫ୍ ଇଣ୍ଡିଆ, ତାଜ ହୋଟେଲ, ମେରାଇନ ଡ୍ରାଇଭ୍, ଯୁହୁ ସି ବିଚ୍, ପ୍ରଖ୍ୟାତ ଚଳଚ୍ଚିତ୍ର ତାରକା କେତେକଙ୍କ ବାସଗୃହ, ଦାଦର ସ୍ଥିତ ବାଲଠାକରେ ଶିବସେନା କାର୍ଯ୍ୟାଳୟ, ମାଉଣ୍ଟ ମେରୀ ଚର୍ଚ୍ଚ, ଗୋରେଇ ସ୍ଥିତ ଗୋଲ୍ଡେନ୍ ପାଗୋଡା ବୁଦ୍ଧ ଉପାସନା ପୀଠ, ଇସ୍କନ ମନ୍ଦିର, ଆନ୍ତର୍ଜାତିକ ବିମାନ ବନ୍ଦର ଓ ଡୋମେଷ୍ଟିକ ବିମାନ ବନ୍ଦର,

ଶେଷରେ ବମ୍ବେ ଉତ୍କଳ ସମିତି ସାଧାରଣ ସମ୍ପାଦକ ଓ ମୁମ୍ବାଇ ଓଡିଆ ସମାଜର ସଭାପତି ତଥା ପତ୍ରିକା ସମ୍ପାଦକ ଡଃ ବିପିନ ମିଶ୍ରଙ୍କ ସ୍ୱତନ୍ତ୍ର ନିମନ୍ତ୍ରଣକ୍ରମେ ରୌପ୍ୟ ଜୟନ୍ତୀ ପୂର୍ଣ୍ଣ କରିଥିବା କୁର୍ଲା ସ୍ଥିତ ଓଡିଆ ମାନଙ୍କ ଦ୍ୱାରା ପ୍ରତିଷ୍ଠିତ ବିଦ୍ୟାଳୟରେ ଗଣେଶ ପୂଜା ଉପଲକ୍ଷେ ପ୍ରସାଦ ସେବନ କଲୁ । ନିକଟସ୍ଥ ଅନ୍ୟ ଏକ ଓଡିଆ ବସ୍ତି ସମାଜ ଦ୍ୱାରା ରାଧାକୃଷ୍ଣ ମନ୍ଦିର ଓ ଗଣେଶ ମଣ୍ଡପ ପରିଦର୍ଶନ କରି ଓଡିଆ ଭାଇମାନଙ୍କ ସହ ସାକ୍ଷାତ ଆଲୋଚନା କରି ଫେରିଲୁ । ପୁନର୍ବାର ୧୨ ତାରିଖ ଦିନ ପୁନା ଫେରି ଭୁବନେଶ୍ୱରକୁ ପ୍ରତ୍ୟାବର୍ତ୍ତନ କଲୁ । ଓଡିଶାରେ ପ୍ରଚଣ୍ଡ ଗୁଳୁଗୁଳ ଅନୁଭୂତ ହେଉଥିବାବେଳେ ଦ୍ୱାରକମୟି, ସିରିଡି, ମୁମ୍ବାଇରେ ଗୁଳୁଗୁଳ ସମାନ ଥିଲା । ମାତ୍ର ପୁନେର ଜଳବାୟୁ ଖୁବ୍ ମନ ମୁଗ୍ଧକର । ବିନା ଶୀତତାପ ନିୟନ୍ତ୍ରଣ ଯନ୍ତ୍ରରେ ଶାନ୍ତିରେ ସମୟ କଟାଇଲୁ । ବିଶେଷ ପରିଲକ୍ଷିତ ହେଲା ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦିବାଲୋକ । ଓଡିଶାରେ ଜଗନ୍ନାଥ ଧାମ ପରି ସିରିଡି ସାଇବାବା ଆଜି ବିଶ୍ୱରେ ବିସ୍ମୟ ସୃଷ୍ଟି କରିଛନ୍ତି । କ୍ରମେ ଭକ୍ତମାନଙ୍କ ବହୁ ସଂଖ୍ୟାରେ ସୁଅ ଛୁଟିଛି । ସମାଧି ମନ୍ଦିର ଦର୍ଶନ କରି ସବୁ ଶ୍ରେଣୀର ଲୋକେ ନିଜକୁ କୃତାର୍ଥ ମଣୁଛନ୍ତି । ଆଧାତ୍ମିକ ଜଗତରେ ସାଇବାବାଙ୍କ ସମାଧି ମନ୍ଦିର ଦର୍ଶନ ସାଙ୍ଗକୁ ବିଭିନ୍ନ ସ୍ଥାନରେ ସାଇ ମନ୍ଦିର ନିର୍ମାଣ ଓ ତାଙ୍କ ପୂଜା ଆରାଧନା ସମାଜରେ ଚାଞ୍ଚଲ୍ୟ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାରତରେ ପ୍ରମୁଖ ସହର ଭାବେ ମହାରାଷ୍ଟ୍ର ତାର ସ୍ୱତନ୍ତ୍ରତା ବଜାୟ ରଖି ପାରିଛି । ପ୍ରତିଦିନ ମୁମ୍ବାଇ ସହର ମଧ୍ୟରେ ଥିବା ମେରାଇନ ଡ୍ରାଇଭ୍ ଓ ଜୁହୁ ସି ବିଚ୍ (ଆରବ ସାଗର) ଆଗନ୍ତୁକ ପର୍ଯ୍ୟଟକମାନଙ୍କ ପାଇଁ ବିଶେଷ ଆକର୍ଷଣ ପାଲଟିଛି । ଯୁହୁ ବିଚ୍ ସନ୍ନିକଟ ଇସ୍କନ ମନ୍ଦିରର ସଭାପତି ଜଣେ ଓଡିଆ ଭକ୍ତ ବ୍ରଜହରି ଦାସଙ୍କ ବ୍ୟକ୍ତିତ୍ୱ, ସ୍ନେହ, ଆଦର ଓ ଓଡିଆ ସମାଜର ସହଯୋଗ ସହାୟତା ଭୁଲିହେବ ନାହିଁ । ବହୁ ଓଡିଆ ମୁମ୍ବାଇରେ ବିଭିନ୍ନ କ୍ଷେତ୍ରରେ ସୁ ପ୍ରତିଷ୍ଠା ଲାଭ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବେ, ଏହା ସୁଖର ବିଷୟ ।

ଭିଏ-୨୧/୨, ୟୁନିଟ୍-୯, ଭୁବନେଶ୍ୱର
ଭ୍ରାମ୍ୟଭାଷ - ୯୮୬୧୧୪୫୬୮୭

# ତୁମରି ସ୍ମୃତିରେ

ଶ୍ରୀଧର କୁମାର କବି(ବାବୁ)

ଶୁଭ ସକାଳରେ ଆମ ପ୍ରେମ ଅଗଣାରେ ଡାକେ ନାହିଁ କାକ କାଆ
ଶୀତଳ ସମୀର ପ୍ରେମର ମାଟିରେ ଲେଖୁନି ତୁମରି ସୁନ୍ଦର ନାଁ
ଫୁଲ ଫୁଟି ନାହିଁ ବାସ ଛୁଟିନାହିଁ ତୁମେ ପାଖ ନାହଁ ବୋଲି
ସବୁଜ ଶ୍ୟାମଳ ଅଞ୍ଚଳ ଲାଗୁଛି ମରୁ ମରୀଚିକା ବାଲି ॥
ପବନ ବହୁଛି କୋଇଲି ଗାଉନି ଗ୍ଭରିଆଡେ ନିରବତା
କଲମ ଲେଖୁନି ତୁମରି ସ୍ମୃତିର କବିତାରେ ନୂଆ କଥା
ଅଗଣାଟା ସାଗ୍ ପଡିନାହିଁ ଖର୍ ହଲୁଛି ଗଛର ପତ୍ର
ମାଟିରୁ ଆକାଶ ପ୍ରିଆ ତୋ ପାଦଚିହ୍ନ ଖୋଜୁଛି ଏ ମୋର ନେତ୍ର ॥
ଛମ ଛମ ଶବ୍ଦ ଶୁଭୁନାହିଁ ବୋଲି ଜୀବନ ଅଲୋଡା ଲାଗେ
ମର୍ମର ହୁଏ ପ୍ରାଣର ସ୍ପନ୍ଦନ ମଧୁର ଯନ୍ତ୍ରଣା ଜାଗେ
ତୋ ହସ ନାହିଁ ବୋଲି ବିବର୍ଣ୍ଣ ଦିଶୁଛି ମୋ ମନର ଉପବନ
ଦୁଷ୍ଟ ପ୍ରଜାପତି ତୁମରି ପାଇଁକି କାନ୍ଦେ ବସି ରାତି ଦିନ ॥
ତୁମ ସ୍ମୃତି ଧରି ଏକା ଏକା ଗ୍ଭଲେ ଜୀବନର ଚାଲାପଥେ
ଦେଖି ଯାଅ ଥରେ କଅଁଳ ପାଦରେ କଣ୍ଟା ଫୁଟିଛି କେତେ ॥
ତୁମ ଛାଇ ଦେଖି ସେ ରକତେ ବସି ଆଙ୍କୁଛି ତୁମର ଛବି
ସ୍ୱପ୍ନରେ ଥରେ କହିଯାଅ ପ୍ରିଆ ଏ ତୁମେ ନା ତୁମର ପ୍ରତିଛବି ॥

ଚକରଘୁନାଥପୁର, କେନ୍ଦ୍ରାପଡା, ଓଡିଶା

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।



# ରାତ୍ରିର ଅଭାବ ସ୍ୱପ୍ନ ପାଇଁ

ମୋହନ ଚନ୍ଦ୍ର ବିଷୋୟୀ

ଆଜି କାଲି କାହିଁ ମନ ଜମା ବୁଝେ ନାହିଁ,
ଝୁରୁଅଛି ସୁନେଲି ସ୍ୱପ୍ନ ଭରା ରଜନୀ ପାଇଁ।

ଆଗଭର କଳ୍ପିତ କଳାର ଉପଭୋଗ ପାଇଁ,
ଏତେ ସ୍ୱପ୍ନ ଦେଖିବା ପାଇଁକି ରାତି କାହିଁ ?

ଚୀର ଶବୁଜ ସ୍ମୃତି ଭରା ଏ ମନ କାନନେ,
ରୁପେଲି ରଜନୀ ଆଣେ ସ୍ୱପ୍ନ ନୁଆଁ ନୁଆଁ।

ଭାବରେ ଭାବରେ ବିଭୋରିତ ହୋଇଯାଏ,
କଳ୍ପନା କଳାକୃତିର ଏହି କୁହୁକ ଦୁନଆଁ।

ଧରା ପୃଷ୍ଠେ ଥାଇ ମୁଁ ସଦା ଆକାଶ ଛୁଏଁ,
କଣ୍ଟାକୁ ଜାବୁଡି ଧରି ଫୁଲ ଭାବୁ ଥାଏ।

ସ୍ୱପ୍ନ ଅଗଣାରେ ଖୁସିର ଅଦ୍ରି ହୋଇଥିଲେ ହେଁ
ଠିଆ,
ମନ ମଧୁଭୁବନେ ମୃଦୁ ଭୂକମ୍ପ କଇତି ଆସଇ
କଆଁ ?

ଖୁସିର ମୂହୁର୍ତ ଅଟେ ସୀମିତ ହଜି ଯାଏ ତାର
ଠିକଣା,
ଜେବେ ଧରଣି ପାଇବ ଅରଣଙ୍କ ଉଷ୍ମ ଚୁମ୍ବନ
ଛୁଆଁ।

କ୍ଷଣକେ ଉଭେଇଜିବ ସ୍ମୃତି ଭରା ଅସୁମାରୀ
ସ୍ୱପ୍ନଟି,
ସିନ୍ଦୁରା ଫାଟିଲେ ଲାଗିଯିବ ଖୁସି ପର୍ବତରେ ନଆଁ।

ଆକାଶ ଛୁଆଁ ମନରେ ସହସା ପଡିଯିବ ଭଙ୍ଗା,
କୁହୁକ ଦୁନୀଆକୁ ଗ୍ରାସ କରିଦେବ କୁହୁଡି ଧୁଆଁ।

ବିଚ୍ଛେଦ ବିଷାଦ ଭରା ଏହି ମୋ ମନ ଜୀବନେ,
ସ୍ମୃତି ସାଉଁଟିବା ପାଇଁ ଏତେ କଟକଣା ଅବା
କଆଁ।

ଆଜି କାଲି ଦିନ ଠାରୁ ରାତି ଲାଗେ ଭାରି ସୁନ୍ଦର,
କେବଳ ଆଣି ଥାଏ ବୋଲି ମନେ ସ୍ୱପ୍ନର
ସମ୍ଭାର।

ହେଲେ ସ୍ୱପ୍ନ ଦେଖିବା ପାଇଁ ଏଠି ଆଭାବ ରାତ୍ରିର,
ସ୍ୱପ୍ନ ସ୍ମୃତି ପଥେ ସଦା ବଇରି ସାଜଇ ଭାସ୍କର।



ଖରଖରିଆ, ବଣଶୋଳା, ଚକଟି, ଗଞ୍ଜାମ

# ଅସ୍ତରାଗିଣୀ

## (ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## (ଭାଗ ୧୭)

ବହୁଦିନ ପରେ ହଠାତ୍ ଦିନେ ଶ୍ରୀ ଅଧିକାରୀଙ୍କ ଠାରୁ ଫୋନ୍ ଆସିଥିଲା । ଡାଃ ନିବେଦିତାଙ୍କ ହାତରେ ରିସିଭରଟା ଧରାଇ ଦେଇ ସ୍ପିକର ଅନ୍ କଲା ବିଶୁ ।

ମୁଁ ଦୟାନିଧି ଅଧିକାରୀ କହୁଛି । ଆସନ୍ତା ୧୪ ନଭେମ୍ବରରେ ନ୍ୟୁ ଅରଲିଆନସ୍ କନଭେନସନ୍ ସେଣ୍ଟରରେ ଆମେରିକାନ ଇଣ୍ଡିଆନ ମାନଙ୍କ ତରଫରୁ ଏକ ବିଶିଷ୍ଟ ସଂଗୀତ ଉତ୍ସବ ଆୟୋଜନ କରା ଯାଇଛି । ଲୁଇସିଆନା କଳା ଏକାଡେମୀ ମତେ ସମ୍ମାନିତ କରିବେ। ମୁଁ ଚାହୁଁଛି ମୋର ନୈପଥ୍ୟ ଶିଷ୍ୟା ଅର୍ଥାତ୍ ଆପଣ ମୋ ସଂଗେ ଗୋଟିଏ ଦ୍ୱୈତ ସଙ୍ଗୀତ ପ୍ରସ୍ତୁତ କରିବେ । ନିବେଦିତାଙ୍କ ହାତରୁ ରିସିଭରଟି ତଳେ ପଡିଗଲା । ତଳୁ ଉଠାଇ ବିଶୁ ଉତ୍ତର ଦେଲା, ମା ଅସୁସ୍ଥ । ବାବୁ ଆସିଲେ କଥା ହେବେ । ଆପଣଙ୍କ ଟେଲିଫୋନ୍ ନମ୍ବରଟା ଦିଅନ୍ତୁ ।

ଧଡ୍ କରି ଫୋନ୍ ରଖିବାର ଶବ୍ଦ ଶୁଣାଗଲା । ପରେ ଯୋଗା ଯୋଗ କରିବାର ଆଶା ଆଶାରେ ହିଁ ରହିଗଲା । ରିସିଭରଟା ଯଥା ସ୍ଥାନରେ ରଖି ବହୁ ସମୟ ହେଲା ଗ୍ଲାନି ଗଳାଣି ବିଶୁ । ଡାଃ ନିବେଦିତା ପୁରା ପୁରି ଜଡ ପାଲଟି ଯାଇଥିଲେ । ଯେଉଁ ଶ୍ରୀ ଅଧିକାରୀଙ୍କ କଣ୍ଠସ୍ୱର ଶୁଣିବା ପାଇଁ ସେ ଆବେଗତାର ସହ ପ୍ରତୀକ୍ଷା କରୁଥିଲେ ତାଙ୍କରି ସହିତ କଣ୍ଠ ମିଳାଇବାର ସୌଭାଗ୍ୟ ଆଜି ତାଙ୍କ ପାଖକୁ ଆପେ ଆପେ ଆସିଯାଇଛି । ହେଲେ ସେ ଆଜି ମୂକ । ଉତ୍ତର ଦେବାର କ୍ଷମତା ବି ନାହିଁ । ଶ୍ରୀ ଅଧିକାରୀ ନିଶ୍ଚୟ ତାଙ୍କ ବିଷୟରେ ଅଜ୍ଞ । ହଁ ଜାଣନ୍ତେ ବା କପରି ? ତାଙ୍କର ମୂକ ହେବାଟା ତ ଗୋଟାଏ ଜାତୀୟ ସମସ୍ୟା ନୁହେଁ -- ମିଡିଆ ମାନେ ତତ୍ପର ହୋଇ ଉଠିବେ । ତାଙ୍କଠାରୁ କିଛି ଉତ୍ତର ନ ପାଇ ନିଶ୍ଚୟ ତାଙ୍କୁ ଭୁଲ ବୁଝିଥିବେ ଶ୍ରୀ ଅଧିକରୀ । ଆଉ ବିଶୁର ଉତ୍ତରରେ ଅପମାନିତ ହୋଇ ଯାଇ ରିସିଭର ରଖିଦେଇଛନ୍ତି । ଆଉ ଆଗକୁ ଚିନ୍ତା କରିବାର ଶକ୍ତି ହରାଇ ବସିଥିଲେ ସେ - ଆଖିରୁ ଝରିଥିଲା ଲୁହର ଶ୍ରାବଣୀ ।

ଲେଖା ଜରିଆରେ ଆରଣ୍ୟକଙ୍କୁ ନିଜର ମନକଥା ଜଣାଇ ଦେଇଥିଲେ ନିବେଦିତା | ସବୁକଥା ଶୁଣିବାପରେ ସବୁଦିନ ଭଳି ଗୋଟିଏ ହୁଁ ମାରିଥିଲେ ଆରଣ୍ୟକ |

ନିବେଦିତା ଠିକ୍ ବୁଝନ୍ତି, ଆରଣ୍ୟକଙ୍କର ଏଇ ଛୋଟ ହୁଁ ଟା ସର୍ବଦା ନିବେଦିତା ଙ୍କର ହିତ ପାଇଁ ପ୍ରଯୁଯ୍ୟ ହୁଏ । ତେଣୁ ବେଶୀ କିଛି ଆଲୋଚନା ନ କରି ଧୈର୍ଯ୍ୟର ସହିତ ସେଇ ହିତ ସମୟଟିର ପ୍ରତୀକ୍ଷା କରିଥିଲେ ନିବେଦିତା ।

ଦିନ ଚାରିଟା ପରେ ---ସେ ଦିନ ଅଫିସରୁ ଫେରି ୧୨ ନଭେମ୍ବର ପାଇଁ ଦୁଇଟା ଏୟାର ଟିକେଟ ନିବେଦିତାଙ୍କ ହାତରେ ଧରାଇଲେ ଆରଣ୍ୟକା ଅଫିସ୍ କାମରେ ମତେ ଚାରିଦିନ ନିଉୟର୍କ ଯିବାକୁ ହେବ | ୧୬ ରେ ଫେରି ଆସିବା କଥା | ଭାବୁଛି ତୁମେ ମୋ ସଂଗେ ରହିଲେ ମୋର ଏଠା ଚିନ୍ତା କିଛି ରହିବନି |

ନିବେଦିତା ବୁଝିଥିଲେ କଣ ପାଇଁ ଆରଣ୍ୟକଙ୍କର ଏ ଅଫିସ୍ କାମର ବାହାନା | ତଥାପି ଜାଣି ଶୁଣି ପ୍ରଶ୍ନ ଲେଖିଥିଲେ ନିଉୟର୍କ ରେ କାମ ତ ଏତେ ଗୁଡାଏ ଟିକେଟ୍ କାହିଁକି| ଦିଲ୍ଲୀରୁ ଜେଏଫକେ ଏବଂ ବ୍ୟାକ୍--

ଆରଣ୍ୟକଙ୍କର ଆରମ୍ଭ ହୋଇଯାଇଥିଲା ନନ୍‌ଷ୍ଟପ୍ ଭାଷଣ | ଭାବୁଛି ଅଫିସ୍ କାମଟା ଶୀଘ୍ର ଶେଷ କରି ତୁମ ଡାକ୍ତରଙ୍କ ସଂଗେ ଟିକିଏ ସାକ୍ଷାତ କରିବାକୁ | ଜେଏଫ୍‌କେ ରୁ କ୍ଲିଭଲାଣ୍ଡ ପାଇଁ କୌଣସି ଡାଇରେ ଫ୍ଲାଇଟ୍ ନାହିଁ | ତେଣୁ ଜେ ଏଫ୍ କେ ରୁ ନିଉୟାର୍କ ଯାଇ ଫ୍ଲାଇଟ୍ ନେବାକୁ ହେବ |

ନିବେଦିତାଙ୍କ ଇଚ୍ଛାଥିଲା ତାଙ୍କୁ ଜଣାଇବେ ଏ ସବୁ କେବଳ ବାହାନା ମାତ୍ର | ନିଉ ଅରଲିଆନସ୍ ପ୍ରୋଗ୍ରାମ ଆଟେଣ୍ଡ କରିବା ପାଇ ଏ ସବୁର ଆୟୋଜନ | ହେଲେ କିଛି କମ୍ୟୁନିକେଟ୍ ନ କରି ଆରଣ୍ୟକଙ୍କ ଆଡକୁ ଚାହିଁ ଟିକିଏ ସ୍ମିତ ହାସ୍ୟ ଦେଲେ | ଯାହା ଆରଣ୍ୟକଙ୍କୁ ଅବଗତ କରାଇଲା ଯେ ନିବେଦିତା ତାଙ୍କର ପ୍ଲାନ ବିଷୟରେ ସବୁ କିଛି ବୁଝିଯାଇଛନ୍ତି | ପୁରୁଷ ସ୍ୱାଭିମାନତା ଦେଖାଇ କହିଲେ, ଏଇଥିପାଇଁ ପୁରୁଖା ମାନେ ବୁଦ୍ଧିମତୀ ସ୍ତ୍ରୀ ନ ଆଣିବା ପାଇଁ ମତ ଦେଇଥାନ୍ତି, ନିଜର କିଛି ବି ପ୍ରାଇଭେସି ରହିବନି | ଚାହା କପ୍‌ର ବରାଦ ଦେଇ ବାସ୍ ରୁମ ଭିତରକୁ ପଶିଥିଲେ ଆରଣ୍ୟକ |

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# କବିତା



ଫିରୋଜ କୁମାର ପଟେଲ

ଶବ୍ଦ ମାୟାମୃଗର୍ ପାହାଁ ବାରି ବାରି
ବାହାରସି ଯେଭେ କଲମ୍
ତାର ନଶ୍ୱାସ ନୁରି
ବନେ ଠହରିସି, ରଁଚେ ନରଦିସି
ଯେଭେ ଶବଦ କେ ପାରସି ଧରି ।

ଶୁନଶାନ୍ ଝାରେ
ଯେଭେ ଥମି ଥମି ଧୁକା ମାରେ
ଫରକୋ କରି ଉଡି ଯାଏସନ୍ ଚୁରେଇ
ସଥେ ଯେନ୍ତା ଫିକ ହେଲେ ଶବଦ
ସେ ଗଛ ବାହି ଭିତରୁ!
ବୁନ୍ଦ ବୁନ୍ଦ ପାଏନ୍ ଗ୍ୱାହା କୁଲଜି
ଦରହ୍ ବନ୍‌ଯାଏସନ୍ ଯେଭେ
ଥିପି ପଡସି ଶବଦ, ସେ ଝର୍ନା ଧାରୁ ।

ଗ୍ୱାଁଣି ମାଁ'ର କଅଁଲି ଛୁଆ
ଚୁଚ୍-ମି ଚୁଚ୍-ମି ଗୁରସ୍ ପିଇଲା୍ ବେଲକେ
ବୁଢା ବ ଜୁଆନ୍ ପୋ କେ
ମୁହୁଁ ଜୁଏ ଦେଲା୍ ବେଲକେ
ଖଣ୍ଡାର୍ ଚୁଟେ, ଉପକଲା୍ ରକତେ
ଇତିହାସ ଲେଖଲା୍ ବେଲକେ

ଛୁଟେ ବୁଇ, ହାଁତ୍ କେ ଆଁଖି ଲେପି
ଓଠୁ ମଲିଫୁଲ ଫିକଲା୍ ବେଲକେ
ଥମଲା୍ ଆଁଖିର୍ ଦୃଶ୍ୟମାନେ ଭିଲ୍
ଗାଏ ଯାଏସନ୍ ଗାଥା ।

କେଭେ ଅଛେ କେଭେ ନାଇଁ ବିହି
ଫିରଭି ଯେଭେ ଗ୍ୱରିକୁତି
ମଗସଗାସି ଖୁସିର୍ ମହକେ
କୁଇଲିର୍ ସୁରେ ଝରସି ମିଠା
ଯେଭେ ପଖନ ସବୁ ବି
ଦୁନଆଁର୍ ଦରଦେ ତରଲି
କହିଯାଏସନ କଥା
ହେନୁ ଶବଦ ବେଁଟି ବେଁଟି
ନଶ୍ୱାସ ମରସି କଲମ୍, ଆର୍
ଲୁହୁଲହୁ ଧାରେ ଖାରସି
କବିତା ।

ଅବନକେଲା୍, ସୁନ୍ଦରଗଡ, ଓଡିଶା

# ଇମ୍ଫାଲ, ମଣିପୁର

## (ଜାପାନ ଆକ୍ରମଣ: ଗୁଜବ ଓ ପରିଣତି)

ପ୍ରିୟବ୍ରତ ପାତ୍ର

-ଧାରାବାହିକ ଭ୍ରମଣ କାହାଣୀ-

INAର ଗଠନ, ନେତୃତ୍ୱ ଓ ପରିଚାଳନା ଥିଲା ଇତିହାସର ଏକ ଅତୀବ ବିସ୍ମୟକର ପର୍ଯ୍ୟାୟ । ୧୯୪୨ ମସିହାରେ, ଜାପାନ ଆକ୍ରମଣରେ ସିଙ୍ଗାପୁରରେ ଥିବା ବ୍ରିଟିଶ୍ ସେନା ପରାଜିତ ହୋଇଥିଲା । ଫଳରେ ବ୍ରିଟିଶ୍ ସେନା ଅନ୍ତର୍ଭୁକ୍ତ ହଜାର ହଜାର ଭାରତୀୟ ସୈନ୍ୟ ବନ୍ଦୀ ହୋଇଥିଲେ । ମାଳୟରେ ବି ସମଦଶା ହେଲା । କ୍ୟାପେଟେନ୍ ମୋହନ ସିଂ ସେଇ ଯୁଦ୍ଧବନ୍ଦୀ ଭାରତୀୟଙ୍କୁ ନେଇ ଆଜାଦ୍ ହିନ୍ଦ୍ ଫୌଜ ଗଢିଥିଲେ । ଟୋକିଓରେ ରାସବିହାରୀ ବୋଷ, ଥାଇଲାଣ୍ଡରେ ପ୍ରୀତମ୍ ସିଂ (Independent League of India), ସ୍ୱାମୀ ସତ୍ୟାନନ୍ଦ ପୁରୀ (The Indian National Counsil), ମାଳୟରେ ମୋହନ ସିଂ (ଆଜାଦ୍ ହିନ୍ଦ୍ ଫୌଜ୍)_ ଆଦିଙ୍କ କ୍ରମାଗତ ଚେଷ୍ଟାରେ ରୂପ ନେଇଥିଲା । INA, ଯାହାର ନେତୃତ୍ୱ ପରବର୍ତ୍ତୀ ସମୟରେ ସୁଭାଷ ଚନ୍ଦ୍ର ବୋଷ ନେଇଥିଲେ । ସେପ୍ଟମ୍ବର ୧, ୧୯୪୨ରେ, ଜାପାନ ସରକାରଙ୍କ ଦ୍ୱାରା INA ସ୍ୱୀକୃତ ହୋଇଥିଲା । ବିଭିନ୍ନ ରକମର ଗରିଲା ବାହିନୀ ଗଢା ଯାଇଥିଲା, ତା ଭିତରେ ବୁଦ୍ଧିଜୀବୀ ଥିଲେ, ଗୋଇନ୍ଦା ଥିଲେ, ପ୍ରଚାର ପାଇଁ ପ୍ରଶିକ୍ଷିତ ଦଳ ଥିଲେ, ସ୍ଥଳବାହିନୀ ସୈନିକ ଥିଲେ । ୨୯ ଜୁନ୍ ୧୯୪୩ ଟୋକିଓ ରେଡିଓରୁ ନେତାଜୀଙ୍କ ବିଖ୍ୟାତ ନିବେଦନ ଶୁଣାଇ ଦିଆ ଯାଇଥିଲା, "GIVE ME BLOOD, I WILL GIVE YOU FREEDOM".

ବିଶ୍ୱରେ ଯୁଦ୍ଧବନ୍ଦୀମାନଙ୍କୁନ ନେଇ ଆଉ ଏକ ସେନାବାହିନୀ ଗଢାଯିବା ଘଟଣା ପ୍ରଥମ ଓ ଶେଷ ହୋଇ ରହିଗଲା । ତାର ସଂଖ୍ୟା ବୃଦ୍ଧି ପାଇ ଅନ୍ୟ ଭୂଖଣ୍ଡରେ କାର୍ଯ୍ୟରତ ସୈନ୍ୟମାନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରିଥିଲା । ବ୍ରିଟିଶ୍ ମାନଙ୍କ ପରାଜୟ ପରେ ସେମାନଙ୍କଠାରୁ ଜବତ କରାଯାଉଥିବା ଟ୍ୟାଙ୍କ୍, ବନ୍ଧୁକ, ବୋମା ତଥା ଅନ୍ୟାନ୍ୟ ହାତହତିଆର ଚଳାଇବାରେ ଭାରତୀୟ ଯୁଦ୍ଧବନ୍ଦୀମାନେ ପାରଙ୍ଗମ ଥିଲେ । ତେଣୁ ସେସବୁ ମଧ୍ୟ INAକୁ ମିଳୁଥିଲା । ଅଗଷ୍ଟ ୧୯୪୩ ରେ ଏକ ଛାମୁଆ ନାରୀ ବାହିନୀ "ରାଣୀ ଝାନସୀ ବ୍ରିଗେଡ୍" ମଧ୍ୟ ସୃଷ୍ଟି ହୋଇଥିଲା । କହିବା ବାହୁଲ୍ୟ, ତମାମ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଏପରି ନାରୀବାହିନୀ ଗଢାହେବା ପ୍ରଥମ ଓ ଶେଷ ଥିଲା । ନେତାଜୀ ଜର୍ମାନ ଯାଇ ହିଟଲରଙ୍କଠାରୁ ସହାୟତା ମାଗିଥିଲେ । ଆଫ୍ରିକା ଓ ଆରବର ଯେଉଁ ଜାଗା ମାନଙ୍କରେ ଭାରତୀୟମାନେ ବ୍ରିଟିଶ୍ ତରଫରୁ ଲଢୁଥିଲେ, ସେଠାରେ

ଜର୍ମାନ ଯୁଦ୍ଧ ଜାହାଜମାନେ ବୋମା ବା ଗୁଳି ବର୍ଷଣ ବଦଳରେ କିଛି ଛାପା କାଗଜ ଆକାଶ ମାର୍ଗରୁ ପକାଉଥିଲେ । ସେଥିରେ ଲେଖାଥିଲା – "ଯଦି ଜର୍ମାନ ଓ ବ୍ରିଟିଶ୍ ମାନେ ଲଢାଲଢି ହେଉଛନ୍ତି, ହୁଅନ୍ତୁ । ଆମ ଭାରତୀୟମାନଙ୍କ ସେଥିରେ ଯାଏଆସେ କେତେ? ଯୁଦ୍ଧରୁ ନିବୃତ୍ତ ହୋଇ ନିଜ ଦେଶର ସ୍ୱାଧୀନତା ପାଇଁ ଚିନ୍ତାକର । ଆଜାଦ୍ ହିନ୍ଦ୍ ଫୌଜରେ ଯୋଗଦାନ କର ।" ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଏହାର ପ୍ରଭାବ ସୁଦୂରପ୍ରସାରୀ ଥିଲା ।

ପ୍ରଥମେ ପ୍ରଥମେ ଜାପାନ କମାଣ୍ଡରମାନେ INAକୁ ସନ୍ଦେହ ଚକ୍ଷୁରେ ଦେଖୁଥିଲେ । ସେମାନଙ୍କ ସନ୍ଦେହ ଥିଲା ଯେ ଏକଦା ବ୍ରିଟିଶଠାରୁ ଦରମା ଖାଇ ସେମାନଙ୍କ ପାଇଁ ଲଢୁଥିବା ଭାରତୀୟ ସୈନ୍ୟମାନେ କସ୍ମିନ କାଳେ ଜାପାନ ପାଇଁ ଲଢିବେ ନାହିଁ । କିନ୍ତୁ ସୁଭାଷ ବୋଷଙ୍କ ପ୍ରଚଣ୍ଡ ନେତୃତ୍ୱ ଏ ସନ୍ଦେହକୁ ଦୂର କରିଦେଲା । ସେ ହିଁ ଜାପାନ ପ୍ରଧାନମନ୍ତ୍ରୀ ଟୋଜୋଙ୍କୁ ନିଜ ପକ୍ଷକୁ ଆଣି ପାରିଥିଲେ । ଅନ୍ୟ ପକ୍ଷରେ ଜାପାନର ଭୂମିକା ଓ ଉଦ୍ଦେଶ୍ୟକୁ ନେଇ ଦକ୍ଷିଣ-ପୂର୍ବ ଏସିଆରେ ଥିବା ଭାରତୀୟମାନେ ବଡ ସନ୍ଦେହରେ ପଡିଥିଲେ । ସେମାନଙ୍କ ବିଶ୍ୱାସ ଭାଜନ ହେବାପାଇଁ ଜାପାନ ତରଫରୁ ଅନେକ ଉତ୍ସାହଜନକ ପଦକ୍ଷେପ ନିଆ ଯାଉଥିଲା ।

ବନ୍ଦୀ ଭାରତୀୟଙ୍କୁ ପ୍ରଥମେ ନିରସ୍ତ୍ର କରି, ମିଲିଟାରୀ ୟୁନିଫର୍ମ ବାହାର କରି, ସାଧା କଏଦୀ ପୋଷାକ ପିନ୍ଧାଇ ଦିଆଯାଉଥିଲା । ସେମାନଙ୍କ ହାତରେ କିଛି ଖାଦ୍ୟ ଓ ପଇସା ଦେଇ ମୁକ୍ତ କରି ଦିଆଯାଉଥିଲା । କିଛି ଯୁଦ୍ଧବନ୍ଦୀଙ୍କୁ ନିଜ ସହ ବସେଇ ଜିପ୍ ରେ ଜାପାନୀ ମିଲିଟାରୀ ଅଫିସରମାନେ ବିଭିନ୍ନ ଭୋଜିଭାତ ଓ ମେହେଫିଲକୁ ନେଉଥିଲେ । ଇଂରେଜ ବନ୍ଦୀମାନଙ୍କୁ ଗୋଡ ହାତ ବାନ୍ଧି ଘୋଷାଡି ନେଉଥିଲେ ଏବଂ ସର୍ବ ସମ୍ମୁଖରେ ଲାତ-ଗୋଇଠା ମାରି ନିର୍ଯ୍ୟାତନା ଶିବିରକୁ ନେଇ ଯାଉଥିଲେ । ଆଖିଦୃଶିଆ ଏତେସବୁ କାର୍ଯ୍ୟ କଳାପରେ ମଧ୍ୟ ଭାରତୀୟମାନେ ଜାପାନୀଙ୍କୁ ବିଶ୍ୱାସ କରୁନଥିଲେ । କାରଣ ଭାରତରେ କାର୍ଯ୍ୟରତ ଜାତୀୟ କଂଗ୍ରେସ ଖୋଲାଖୋଲି ଭାବେ ଜାପାନର ଚୀନ ଆକ୍ରମଣ ତଥା ସାମ୍ରାଜ୍ୟବାଦୀ ସ୍ୱେଚ୍ଛାଚାରିତାକୁ ଭର୍ତ୍ସନା କରୁଥିଲା ଏବଂ ପ୍ରତିବାଦରେ ଜାପାନ ମଧ୍ୟ କଂଗ୍ରେସକୁ ଗୋଟିଏ ଜାପାନ ବିରୋଧୀ ସଂଗଠନ ବୋଲି ବିବେଚନା କରୁଥିଲା । ଏସବୁ ସତ୍ତ୍ୱେ ଜନମତ ସୃଷ୍ଟି ପାଇଁ ପ୍ରଚାର କରାଯାଉଥିଲା ଯେ – INDO JAPANESE TOMADACHINE, ଅର୍ଥାତ୍ ଜାପାନ ଭାରତ ପରସ୍ପରର ବନ୍ଧୁ ।

ଶ୍ରୀଲଙ୍କା ଉପରେ ଜାପାନର ଜଳବାହିନୀର ଆକ୍ରମଣ କାଳରେ, ଜାପାନର ପ୍ରଧାନମନ୍ତ୍ରୀ TOJO ଦୁଃଖ ପ୍ରକାଶ କରି କହିଥିଲେ ଯେ – "ବ୍ରିଟିଶ୍ ଉପରେ ଆକ୍ରମଣ ବେଳେ, ଆମର ଅନିଚ୍ଛା ସତ୍ତ୍ୱେ କ୍ଷତିଗ୍ରସ୍ତ ହୋଇଥିବା ଭାରତୀୟମାନଙ୍କ ନିମନ୍ତେ ଆମେ ଦୁଃଖିତ । ବର୍ତ୍ତମାନ ସମୟ ଆସିଛି – ଭାରତୀୟମାନେ ଜାଗ୍ରତ ହୁଅନ୍ତୁ ଏବଂ ଭାରତକୁ କେବଳ ଭାରତୀୟଙ୍କ

ନିମନ୍ତେ ଉଦ୍ଦିଷ୍ଟ କରିବା ପାଇଁ ତତ୍ପର ହୁଅନ୍ତୁ ।” ଭାରତୀୟଙ୍କ ମନରେ ଜାପାନପ୍ରୀତି ବଢ଼େଇବାପାଇଁ ଏମିତି ନାନା ଯୋଜନା ଜାରି ରହିଥିଲା ।

ବିଶ୍ୱଯୁଦ୍ଧ ବେଳେ ଜାପାନ ତରଫରୁ ପର୍ଲ ହାର୍ବର ଆକ୍ରମଣ ଘଟଣା ବିଶ୍ୱବାସୀଙ୍କୁ ଅବାକ କରି ଦେଇଥିଲା । ଜାପାନ ଆଦମିରାଲ YASAMOTOS ଏହି ଆକ୍ରମଣକୁ ସଫଳ କରାଇଥିଲେ ସତ, କିନ୍ତୁ ଆମେରିକା ପରି ଶୋଇଥିବା ସିଂହକୁ ଜାପାନ ବିରୁଦ୍ଧରେ ଠିଆ କରେଇଥିଲେ । ବିଶ୍ୱଯୁଦ୍ଧର ରୂପ ପୂରାପୂରି ବଦଳିବାକୁ ଆରମ୍ଭ କରିଥିଲା । ପ୍ରଶାନ୍ତ ମହାସାଗରୀୟ ଦେଶ ସମୂହ ତଥା ଜଳପଥରେ ଜାପାନ, ଆମେରିକାର ଭୟଙ୍କର ଆକ୍ରମଣର ଶିକାର ହେଲା । ୧୯୪୨ ମସିହାରେ ଭାରତ ଆକ୍ରମଣ ନେଇ କେବେହେଲେ ଜାପାନ ଯୁଦ୍ଧ ମନ୍ତ୍ରଣାଳୟରେ ପୂର୍ଣ୍ଣ ସମ୍ମତି ପ୍ରକାଶ ପାଇ ନଥିଲା । ଏପରିକି ଆର୍ମି ଓନେଭି ଏହାକୁ ବିରୋଧ କରୁଥିଲେ । ସେମାନଙ୍କ ଯୁକ୍ତି ଥିଲା ଭାରତ ଏତେ ବଡ ଦେଶ ଯେ ତାକୁ ହୁଏତ ଥରେ ଅଧେ କାମୁଡି ଦେବା ସହଜ, କିନ୍ତୁ ଗ୍ରାବାଇ ଖାଇବା ଓ ଗିଳିବା ଏକ ରକମ ଅସମ୍ଭବ । ଯାହା ହେଉ, INAର ପ୍ରଭାବରେ ନିଷ୍ପତ୍ତି ନିଆଗଲା । ଆର୍ମି ବର୍ମା ଓ ଭାରତ ଆକ୍ରମଣ ଏବଂ ନେଭି ଅଷ୍ଟ୍ରେଲିଆ ଆକ୍ରମଣ ପାଇଁ ନିୟୋଜିତ ହୋଇଥିଲା । ପର୍ଲ ହାର୍ବର ଘଟଣା ପରେ ଯେ କୌଣସି ମୁହୂର୍ତ୍ତରେ ଆକ୍ରମଣର ସମ୍ଭାବନା ନେଇ ବ୍ରିଟିଶ୍ ସେନା ଆତଙ୍କିତ ହୋଇ ରହୁଥିଲା ।

ଯୁଦ୍ଧ ବିଶାରଦମାନେ କହନ୍ତି – ବର୍ମା ଅଧିକାର ପର୍ଯ୍ୟନ୍ତ ଜାପାନର ନିଷ୍ପତ୍ତି ଠିକ୍ ଥିଲା । କିନ୍ତୁ ଭାରତ ସୀମାନ୍ତରେ ଆକ୍ରମଣ ଚଳାଇବା ଏକ ଭୁଲ ନିଷ୍ପତ୍ତି ଥିଲା । ସେ ସମୟରେ, ଜାପାନର ଜଣେ ପ୍ରମୁଖ ଜେନେରାଲ୍ ମୁଟାଗୁଚଙ୍କ ଏ ରକମର ତରବରିଆ ନିଷ୍ପତ୍ତିକୁ ତାଙ୍କ ଅଧସ୍ତନ କର୍ମଚାରୀମାନେ ବିରୋଧ କରିଥିଲେ । ସେମାନେ ଚେତାବନୀ ଦେଇଥିଲେ ଯେ ବର୍ମାର ଘନ ଅରଣ୍ୟ ଭିତରେ ଜାପାନ ସେନାଙ୍କ ସତ୍ତା ହଜିଯିବ ଏବଂ କ୍ଷୁଧାରେ ସମସ୍ତେ ମରିଯିବେ । ଏପରିକି ପର୍ଯ୍ୟାପ୍ତ ପରିମାଣରେ ଅସ୍ତ୍ରଶସ୍ତ୍ର ଓ ସେନା ବର୍ମାର ସ୍ଥଳପଥ ଦେଇ ଯୁଦ୍ଧଭୂମି ପର୍ଯ୍ୟନ୍ତ ଆସି ପାରେବେ ନାହିଁ । ଏପରିକି କେତେଜଣ ମୋଟାଗୁଚଙ୍କୁ ଜଣେ ଅର୍ଦ୍ଧପାଗଳ ବୋଲି ଆଖ୍ୟା ଦେଇଥିଲେ । ଅନାହାର ଓ ରୋଗରେ ଅନେକ ଯୁଦ୍ଧ ସମୟରେ ମରିଥିଲେ । ଶେଷରେ ପରିସ୍ଥିତି ଏପରି ହୋଇଥିଲା ଯେ ଉପର ବିଭାଗର ନିର୍ଦ୍ଦେଶକୁ ଅମାନ୍ୟ କରି ଜାପାନ ସେନା ଆତ୍ମରକ୍ଷା ପାଇଁ ପଛଘୁଞ୍ଚା ଦେଇଥିଲେ ।

INA କିନ୍ତୁ ଏପରି ଏକ ବିରଳ ସୁଯୋଗକୁ ହାତଛଡା କରିବାକୁ ଚାହୁଁନଥିଲା । ଆରମ୍ଭ ବେଳେ ୬୦,୦୦୦ ଯୁଦ୍ଧବନ୍ଦୀ INAରେ ସାମିଲ ଥିଲେ । ଭାରତ ଆକ୍ରମଣ ବେଳକୁ ତାହା ଏକ ଲକ୍ଷରେ ପହଞ୍ଚିଥିଲା । ସେମାନଙ୍କ ପାଖରେ ପ୍ରଚୁର ଅସ୍ତ୍ରଶସ୍ତ୍ର ଥିଲା ଏବଂ ସୁଭାଷ ବୋଷଙ୍କ ପରି ବିଚକ୍ଷଣ ଯୁଦ୍ଧ ବିଶାରଦ ସେମାନଙ୍କ ନେତୃତ୍ୱ ନେଇଥିଲେ । ଓଘଇର ଉତଥାନରେ

ବ୍ରିଟିଶ୍ ଅତିମାତ୍ରାରେ ଭୟଭୀତ ହୋଇ ପଡିଥିଲେ । କାରଣ ତାଙ୍କୁ ସମର୍ଥନ କରି ଭାରତରୁ ଲକ୍ଷ ଲକ୍ଷଯୁବକ ଅସ୍ତ୍ର ଧରି ହିଂସାମାର୍ଗକୁ ଓହ୍ଲେଇବା ସମ୍ଭାବନା ରହୁଥିଲା । ଏଭଳି ପରିସ୍ଥିତିରେ ଗୋଟିଏ ଦିନ ମଧ୍ୟ ଭାରତରେ ଶାସନ ଚଳାଇବା ସମ୍ଭବ ହେଇ ନଥାନ୍ତା । "ଦିଲ୍ଲୀ ଚଲୋ" ଡାକରାରେ ଉଦବୁଦ୍ଧ ହୋଇ କୋଟି କୋଟି ଭାରତୀୟ ଦିଲ୍ଲୀ ଲାଲକିଲ୍ଲାରେ ତ୍ରିରଙ୍ଗା ପତାକା ଉଡାଇବା ନିଶ୍ଚିତ ଥିଲା । ଏସବୁର ସମ୍ଭାବନା ଦେଖି ବ୍ରିଟିଶ କୁଟନୀତି ମନ୍ତ୍ରଣାଳୟ ଆଗରୁ ଏକ ମିଥ୍ୟା ଗୁଜବ ପ୍ରଚାର କରିଦେଲା ଯେ ଜାପାନ ଆକ୍ରମଣ କରୁଛି । ସେମାନେ INAର ସାମର୍ଥ୍ୟ ତଥା ଯୋଗଦାନ ସମ୍ପର୍କରେ ଭାରତର ଦେଶବାସୀଙ୍କୁ ଅନ୍ଧକାରରେ ରଖିଥିଲେ ।

ମଣିପୁର-ବର୍ମା ସୀମାନ୍ତରେ INA ସେନା ଠୁଳ କରିଥିଲା । ଇମ୍ଫାଲ ଓ କୋହିମା ଅକ୍ତିଆର କରିବା ପରେ ଭାରତର କେନ୍ଦ୍ରସ୍ଥଳକୁ ଅଗ୍ରଗତି କରିବା ଥିଲା INAର ଉଦ୍ଦେଶ୍ୟ । ବର୍ମା ସୀମାନ୍ତରେ ଅକ୍ତିଆର କରାଯାଇଥିବା ୫୦୦ ବର୍ଗମାଇଲ ଅଞ୍ଚଳରେ ଆରମ୍ଭ ହୋଇଥିଲା INAର ଅସ୍ଥାୟୀ ଭାରତ ସରକାର । ସେଥିପାଇଁ ୯ଟି ଦେଶରୁ ସ୍ୱୀକୃତି ମଧ୍ୟ ମିଳଥିଲା । ମଣିପୁରର ମଇରାଙ୍ଗ୍ ଠାରେ ସେମାନେ ପ୍ରଥମ ଥର ପାଇଁ ତ୍ରିରଙ୍ଗା ପତାକା ଉଡାଇଥିଲେ ।

ଯୁଦ୍ଧକାଳୀନ ବ୍ରିଟିଶ୍ ର ପ୍ରଚାର ଥିଲା ଅତ୍ୟନ୍ତ ଷଡଯନ୍ତ୍ରପୂର୍ଣ୍ଣ । INA ଓ ଜାପାନର ମିଳତ ଆକ୍ରମଣକୁ ବ୍ରିଟିଶ୍ କେବଳ ଜାପାନୀମାନଙ୍କ ଭାରତ ଆକ୍ରମଣ ବୋଲି ବାରମ୍ବାର ପ୍ରଚାର କରୁଥିଲା । INA କର୍ମୀଙ୍କ ସ୍ୱାତନ୍ତ୍ର୍ୟ, ନିଷ୍ଠା, ଦେଶମାତୃକା ପ୍ରୀତି, ଜନ୍ମଭୂମି ପ୍ରତି ଅଙ୍ଗିକାରବଦ୍ଧତା ଆଦି ବିଷୟରେ ଆଦୌ ଆଲୋଚନା କରାଯାଉନଥିଲା । ଏପରିକି ତୁଙ୍ଗ କଂଗ୍ରେସ କର୍ମୀମାନେ ମଧ୍ୟ ଏ ବିଷୟରେ ଅବଗତ ନଥିଲେ । ସେ ସମୟରେ ଗଣମାଧ୍ୟମ ସବୁ ମୁଖ୍ୟତଃ ବ୍ରିଟିଶ୍ ଦ୍ୱାରା ପରିଚାଳିତ ହେଉଥିଲା । ଯୁଦ୍ଧର ଗତିବିଧି, ସାମରିକ ଶକ୍ତିର ଆକଳନ, ଯୁଦ୍ଧ ସମୟର ଗୁଜବ ତଥା ସମ୍ଭାବ୍ୟ ପରିଣାମ ଉପରେ ଆଲୋଚନା ପାଇଁ ଜାତୀୟ କଂଗ୍ରେସର ନେତାମାନେ ଆଦୌ ଯୋଗ୍ୟ ବ୍ୟକ୍ତି ନଥିଲେ । ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ଅସହଯୋଗ ଆନ୍ଦୋଳନ, ଭାରତ ଛାଡ ଆନ୍ଦୋଳନ, ଅହିଂସା ନୀତି ଆଦିରେ ସେସବୁର ସ୍ଥାନ ନଥିଲା । ଜାପାନୀଙ୍କ ହାତରେ ପୁଣିଥରେ ପରାଧୀନ ହେବାକୁ ଭାରତର ବୁଦ୍ଧିଜୀବୀମାନେ ଚାହୁଁନଥିଲେ । ଏହି ଭାବନାକୁ ବ୍ରିଟିଶ୍ ମାନେ ଭାରତୀୟମାନଙ୍କ ବ୍ରିଟିଶଙ୍କ ପ୍ରତି ଏକ ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ବୋଲି ଚିତ୍ରଣ କରିଥିଲେ ।

INAକୁ ଜାପାନ ଦ୍ୱାରା ତିଆରି ହେଇଥିବା ପଞ୍ଚମ ସ୍ତମ୍ଭ ବୋଲି ଚତ୍ୟରଣ କରାଯାଉଥିଲା । ଏହାକୁ ଏକ ସଖୀ କଣ୍ଢେଇର ବାହିନୀ ବୋଲି ଉପହାସ କରାଯାଉଥିଲା । INAକୁ ଜାପାନୀ ସେନାଙ୍କ ଏକ ଅବୈଧ ସନ୍ତାନ ବୋଲି ଡକା ଯାଉଥିଲା ଏବଂ ଥଟ୍ଟାରେ 'JIFFIS' ବୋଲି

ଉପହାସ କରାଯାଉଥିଲା । INAର କର୍ମୀମାନଙ୍କୁ ଜଣେ ଜଣେ ପଳାତକ, ବିଶ୍ୱାସଘାତକ ତଥା ଆକ୍ରମଣକାରୀଙ୍କ ସହ ହାତ ମିଳାଇଥିବା ଜଣେ ଜଣେ କୃତଘ୍ନ ନାଗରିକ ରୂପେ ବିବେଚନା କରାଯାଉଥିଲା । ଏପରିକି ସୁଭାଷ ବୋଷଙ୍କୁ ଜଣେ ଦସ୍ୟୁ ବୋଲି ଘୋଷଣା କରାଗଲା । INAର ଶକ୍ତି ସାମର୍ଥ୍ୟ, ଆଭିମୁଖ୍ୟ ଓ ଆଗୁଆ ପଦକ୍ଷେପ ସମ୍ପର୍କରେ ବ୍ରିଟିଶ୍ ସରକାର ଓ ସାମରିକ ବିଭାଗ ପାଖରେ ପୂର୍ଣ୍ଣ ଖବର ଥିଲା । କିନ୍ତୁ ଭାରତୀୟମାନେ ସେ ବିଷୟରେ ଆଦୌ ଅବଗତ ନଥିଲେ । INA ଯୁଦ୍ଧବନ୍ଦୀମାନଙ୍କ ବିଗ୍ଭରଣା ଗ୍ଭଲିଥିବା ବେଳେ ଯାଇ ଅନେକ କଥା ଦେଶବାସୀ ଜାଣିବାକୁ ପାଇଥିଲେ । ସାରା ଦେଶ ସ୍ତବ୍ଧ ହୋଇଥିଲା । ସମସ୍ତେ ହୃଦୟଙ୍ଗମ କରିଥିଲେ ଯେ ସଚ୍ଚା ଦେଶପ୍ରେମୀଙ୍କ ଅତୁଳନୀୟ ବଳିଦାନର ରୂପଥିଲା INA ।

ଇମ୍ଫାଲ ଆକ୍ରମଣ (ଅପ୍ରିଲ ୧୯୪୪)ବିଶ୍ୱଯୁଦ୍ଧର ଏକ ପ୍ରମୁଖ ଘଟଣା ଥିଲା । ଏଥିରେ INA ଓ ଜାପାନୀ ସେନାଙ୍କ ମିଳିତ ଶକ୍ତି ଆକ୍ରମଣକାରୀ ଥିଲେ । କିନ୍ତୁ ଦୁଇ ସେନାଙ୍କ ଉଦ୍ଦେଶ୍ୟ ଓ ଆଦର୍ଶ ଥିଲା ଅଲଗା ଅଲଗା । ସଦ୍ୟ ହସ୍ତଗତ ହୋଇଥିବା ବର୍ମାକୁ ସୁରକ୍ଷିତ ରଖିବା ପାଇଁ ଜାପାନୀମାନେ ସୀମାନ୍ତରେ ଥିବା ଇମ୍ଫାଲ୍ ଓ କୋହିମାରୁ ଇଂରେଜମାନଙ୍କ ସାମରିକ ଘାଟୀ ସବୁକୁ ଧ୍ୱଂସ କରିଦେବାକୁ ଗ୍ଭହୁଁଥିଲେ । କିନ୍ତୁ INAର ଉଦ୍ଦେଶ୍ୟ ଥିଲା ଇମ୍ଫାଲ ଓ କୋହିମା ପରେ ସମଗ୍ର ଦେଶରୁ ଇଂରେଜଙ୍କୁ ବିତାଡିତ କରି ପୂର୍ଣ୍ଣ ସ୍ୱାଧୀନତା ହାସଲ କରିବା । ପୂରା ଭାରତକୁ ଆକ୍ରମଣ କରିବା ବା ଭାରତର ସ୍ୱାଧୀନତା ନେଇ ଜାପାନ ଆଦୌ ଆଗ୍ରହୀ ନଥିଲା କି କେବେ ମଧ୍ୟ ସେସବୁର ଯୋଜନା ଜାପାନ ବୈଦେଶିକ ନୀତିରେ ଅନ୍ତର୍ଭୁକ୍ତ ନଥିଲା ।

INAର ମେଜର ଜେନେରାଲ୍ ଶାହା ନୱାଜ୍ ଲେଖିଥିଲେ – "କେତେକ ସ୍ଥଳରେ ଜାପାନ ସେନା ଗ୍ଭହୁଁଥିଲେ INAର ଉଦ୍ଦେଶ୍ୟ ଭଣ୍ଡୁର ହୋଇଯାଉ । ଚୁକ୍ତି ମୁତାବକ INAକୁ ପର୍ଯ୍ୟାପ୍ତ ପରିମାଣରେ ଯୁଦ୍ଧ ଅସ୍ତ୍ର ଓ ସମର୍ଥନ ମିଳିନଥିଲା । ସେମାନେ ଆମକୁ ଧୋକା ଦେଇଥିଲେ ଏବଂ କୃତଘ୍ନଙ୍କ ପରି କାମ କରିଥିଲେ । ତା ନହୋଇଥିଲେ ଭାରତର ଇତିହାସ ଅନ୍ୟ ପ୍ରକାରର ହୋଇଥାନ୍ତା ।" ଅନ୍ୟ ଜଣେ ସାମରିକ ଅଧିକାରୀ K.S. GIANI ଲେଖିଥିଲେ – "ଜାପାନୀମାନେ INAକୁ ବଢିବାକୁ ଦେଇନଥିଲେ । ଉନ୍ନତମାନର ଯୁଦ୍ଧ ସାମଗ୍ରୀ INAକୁ ଦିଆଯାଉ ନଥିଲା । ଆଳଙ୍କାରିକ ଦୃଷ୍ଟିରୁ ଉତ୍ସବ ନିମନ୍ତେ ବ୍ୟବହୃତ ହେଉଥିବା ତଥା ପ୍ୟାରେଡ୍ ଓ ନଗରାଞ୍ଚଳରେ ପ୍ରଗ୍ଭର ନିମନ୍ତେ ବ୍ୟବହୃତ ହେଉଥିବା କିଛି ପ୍ରଦର୍ଶନଯୋଗ୍ୟ ଟ୍ୟାଙ୍କ୍ ଓ ଗାଡିସବୁକୁ INAକୁ ହସ୍ତାନ୍ତର କରାଯାଉଥିଲା । ଜାପାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା INAକେବଳ ଜାପାନର ମହତ ଉଦ୍ଦେଶ୍ୟକୁ ପ୍ରଗ୍ଭର କରୁ ଓ ସେମାନଙ୍କ ନିମନ୍ତେ ଗୋଇନ୍ଦାଗିରି କରୁ । ଇମ୍ଫାଲ୍ ଆକ୍ରମଣ ପଛରେ କେବଳ ବର୍ମା ସୁରକ୍ଷା ପ୍ରଥମ ପ୍ରସଙ୍ଗ ହେଇ ରହିଥିଲା ଏବଂ ସେଥିପାଇଁ INAକୁ କେବଳ ବ୍ୟବହାର କରାଯାଉଥିଲା ।

ଏଭଳ ପରିସ୍ଥିତି ଦେଖି ସୁଭାଷ ବୋଷ ଥରେ କହିଥିଲେ – "INAର ଅସଲ ଶକ୍ତି ବୃଦ୍ଧି ପାଇବ ଭାରତ ଭୂମିରେ, ଯେବେ ଭାରତୀୟମାନଙ୍କ ଠାରୁ ଭରପୂର ସମର୍ଥନ ମିଳବ। ଭାରତର ସ୍ୱାଧୀନତା ସହ କୌଣସି ପରିସ୍ଥିତିରେ ସାଲିସ୍ କରାଯିବ ନାହିଁ। ଏପରିକି ଦରକାର ପଡିଲେ INA, ଜାପାନୀଙ୍କ ବିରୁଦ୍ଧରେ ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ପଛେଇବ ନାହିଁ।

ତେବେ ଯାହାହେଉ, ସମର୍ଥନ ବିନା ଜାପାନ ଓ INAର ମିଳତ ସେନା ପରାଭବ ଲଭି ପଛଘୁଞ୍ଚା ଦେଇଥିଲେ। INAର କଛି ପ୍ରମୁଖ ନେତାଙ୍କ ସହ ୧୭୦୦୦ INA କର୍ମୀଙ୍କ ମୁକ୍ତ ବିଗ୍ଭରଣ ଲାଲକଲ୍ଲାରେ ୧୯୪୫ରେ ଆରମ୍ଭ ହୋଇଥିଲା। ଜି.ଏସ୍. ଧିଲ୍ଲୋନ୍, ପି.କେ. ସେହେଗାଲ୍, ଶାହା ନୱାଜ୍, ଲକ୍ଷ୍ମୀ ସେହେଗାଲଙ୍କ ଭଳ ପ୍ରମୁଖ ନେତାଙ୍କୁ ଫାଶୀ ଖୁଣ୍ଟରେ ଚେଢେଇବା ବ୍ରିଟିଶ୍ ସେନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଗ୍ଭରଣା ସାମରିକ କୋର୍ଟ ଦ୍ୱାରା ସର୍ବସାଧାରଣଙ୍କ ଆଗରେ ଆରମ୍ଭ ହେଇଥିଲା। ଏହି ବିଗ୍ଭରଣା ସମୟରେ ଅନେକ ଗୁପ୍ତକଥା ପଦାକୁ ଆସିଥିଲା। INA କଭଳ ପରିସ୍ଥିତିରେ, କେଉଁଭଳ ମହତ୍ ଉଦ୍ଦେଶ୍ୟ ନେଇ କାର୍ଯ୍ୟ କରୁଥିଲା, ସେ ବିଷୟ ଜାଣି ପ୍ରଥମ ଥର ପାଇଁ ଭାରତୀୟମାନେ ବିସ୍ମିତ ହୋଇ ପଡିଥିଲେ। INAକୁ ସମର୍ଥନ କରି ସାରା ଦେଶର ଲୋକେ ଏଭଳ ପ୍ରତିକ୍ରିୟାଶୀଳ ହୋଇ ପଡିଥିଲେ ଯେ ଖୋଦ୍ ବ୍ରିଟିଶ୍ ସରକାର ଭୟଭୀତ ହୋଇ ପଡିଥିଲେ। ପରିସ୍ଥିତି ଜଟିଳ ହେବା ଦେଖି ବ୍ରିଟିଶ୍ ସରକାର ହସ୍ତକ୍ଷେପ କରି ବିଗ୍ଭରଣା ବନ୍ଦ କରି ଦେଇଥିଲେ ଏବଂ ବିନା ସର୍ତ୍ତରେ ସମସ୍ତ INA ବନ୍ଦୀଙ୍କୁ ମୁକ୍ତ କରିଦିଆ ଯାଇଥିଲା।

ବିଗ୍ଭରଣା ସମୟରେ ବିଶିଷ୍ଟ ଆଇନଜ୍ଞ ବୁଲାଭାଇ ଦେଶାଇ ଯୁକ୍ତି କରିଥିଲେ ଯେ –"INA ଗୋଟିଏ ସ୍ୱାଧୀନ ଦେଶର ବ୍ୟବସ୍ଥିତ ସାମରିକ ବାହିନୀ ଥିଲା, ଯାହେଁ ତାହା ଅସ୍ଥାୟୀ ସରକାର ହେଉ ପଛେ। ଆନ୍ତର୍ଯ୍ୟାତୀୟ ଯୁଦ୍ଧ ଅପରାଧୀ ବିଗ୍ଭରଣା ନୟମ ଅନୁସାରେ – ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ସୈନ୍ୟମାନେ ଦେଶର ସାର୍ବଭୌମତ୍ୱ ପାଇଁ ଲଢେଇ କରି ପାରିବେ। ଦେଶପ୍ରେମରେ ଉଦବୁଦ୍ଧ ହୋଇ ସ୍ୱେଚ୍ଛାସେବୀ ଭାବେ ଯୋଗଦାନ କରିବା ଏବଂ ନଜର ମାତୃଭୂମି ପାଇଁ ଲଢିବାରେ କୌଣସି ଆଇନଗତ ସମସ୍ୟା ନାହିଁ। ବରଂ ଏହା ଏକ ଅଧିକାର।" ଏହି ବିଗ୍ଭରଣା ଗ୍ଭଲିଥିବା ବେଳେ ସୁଭାଷ ବୋଷଙ୍କ ଦ୍ୱାରା ପରିଗ୍ଭଳତ ଅସ୍ଥାୟୀ ସରକାରକୁ ଏକ ସ୍ୱାଧୀନ ରାଷ୍ଟ୍ରର ସରକାର ରୂପେ ମାନ୍ୟତା ଦିଆଯାଇଥିଲା।

ସବୁଠୁ ବଡକଥା ଥିଲା ଭାରତବାସୀ INAର ମହାନ୍ ତ୍ୟାଗ ବିଷୟରେ ଅବଗତ ହୋଇ ପାରିଥିଲେ। ବିଗ୍ଭରଣା ସମୟରେ INA ଟାଏଲ୍ ରେ ସାମିଲ ଅଭିଯୁକ୍ତମାନଙ୍କୁ ଦେଶପ୍ରେମୀ ଭାବେ ସମ୍ମାନର ସହ ମୁକ୍ତ କରି ଦିଆଯାଉ ବୋଲି ଜାତୀୟ କଂଗ୍ରେସର ନେତୃବର୍ଗ ଦାବି ଜଣାଇଥିଲେ। INAରେ ସାମିଲ ଥିବା ବିଭିନ୍ନ ବର୍ଗର, ଜାତିର, ତଥା ଧର୍ମର ଲୋକେ

ସେମାନଙ୍କ ବିଭେଦତା ଭୁଲି ଦେଶମାତୃକାର ସେବାରେ ବଳଦାନ ଦେଇଥିଲେ । ଆବେଗ-ପ୍ଲାବିତ ହୋଇ ନେହେରୁ କହିଥିଲେ – ଭାରତ ଇତିହାସରେ ଏପରି କେବେ ବି ହୋଇନାହିଁ । ସବୁ ସ୍ତରରୁ ଏପରି ବ୍ୟାପକ ସମର୍ଥନ କୌଣସି ସଂଗଠନ ପାଇ ନଥିଲେ, ଯାହାକ ଆଜାଦ୍ ହିନ୍ଦ୍ ଫୌଜ ପାଇଛି । ଏପରିକି ଗାନ୍ଧୀ ମଧ୍ୟ କହିଥିଲେ – ସୁଭାଷ ବୋଷ ହେଉଛନ୍ତି ଦେଶପ୍ରେମୀମାନଙ୍କ ରାଜକୁମାର ।

INA ନିର୍ବାପିତ ହେବାର ଢେରସମୟ ପର୍ଯ୍ୟନ୍ତ, ଏପରିକି ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ତାର ପ୍ରଭାବ ଭାରତର ବିଭିନ୍ନ କୋଣରେ ଅନୁଭୂତ ହୋଇଥିଲା । ଆକାଶରେ ବିଜୁଳି ମାରିବାର ଢେର ସମୟ ପର୍ଯ୍ୟନ୍ତ ଯେପରି ଘଡଘଡି ଶୁଭିଥାଏ, ଘଟଣାଟି ସେ ପ୍ରକାରର ଥିଲା । ଜାପାନ ଆକ୍ରମଣର ଗୁଜବ ସହ ପରିଣତି ସ୍ୱରୂପ ଭାରତରେ ବିଚନ୍ଦ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ପ୍ରଚଣ୍ଡ ଅଥଚ ପ୍ରଚ୍ଛନ ଭାବେ ସେଥି ସହ ସଂଯୋଗ ହୋଇ ରହିଥିବା INAର ନିୟତି ବିଭିନ୍ନ ପରିସ୍ଥିତି ଦେଇ ଗତି କରିଥିଲା । ଏ ବିଷୟରେ ଆଜି ବି ବିଭିନ୍ନ ଭାବେ ଗବେଷଣା ଜାରି ରହିଛି ।

କ୍ରମଶଃ.....

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମୌସୁମୀ



ସଚ୍ଚିଦା ନନ୍ଦ ବାରିକ

ଏମିତି କାହିଁକି ଯେ !!

ମୁଁ ତ ଭିଜିବାକୁ ତୟାର ଥିଲି
ତମେ ଆସିଲେ ତ!
ତମେ ଏଥର ବି ଠକ ଦେଲ

ତମେ ସବୁ ଆଡେ ବୁଲୁଛ
ଆଜି ଏଠି କାଲି ଆଉ କେଉଁଠି
ଆମ ଆଡେ ଆସିବାକୁ ଡର ନାହିଁ
ମୋ କଥା ମନେ ଥିଲେ ତ!

ଦେଖୁନ ସେ ଟିଭି ବାଲା
ସବୁଦିନ ସକାଳ ପାହିଲେ କହୁଛି
ମୌସୁମୀ ଆସୁଛି
ଅଥଚ ତମର ଦେଖା ନାଇଁ

ମୁଁ ଅପେକ୍ଷା କରେ ଭିଜିବି ବୋଲି
ତମ ସ୍ପର୍ଶ ଟିକେ ପାଇବି ବୋଲି
ତମେ ଲୁଚକାଳି ଖେଳ
ତମେ ଆସନ
ଅଗାଧୁଆ ବସିଥାଏ
ଦିନ ଯାଇ ରାତି ହୁଏ
ଅପେକ୍ଷା କରି କରି
ଭିଜିବାର ଇଚ୍ଛା ମରିଗଲା ପରେ
ତମେ ମୋ ଘର ଅଗଣାରେ ହାଜର

ଦୁଲ ଦାଲ ଶବ୍ଦ କରି
କୁଆ ପଥର ମାଡ କରିବ
ତା ପରେ ମନଇଚ୍ଛା ବର୍ଷିବ
ଭିଜିବି ନା ଭିଜିବିନ ର ଦ୍ୱନ୍ଦ ଭିତରେ

ଭିଜିବାକୁ ଆସିଲା ବେଳେ
ତମେ ଫେରାର!!

ତମର ପା ଏଠି ଅସଂଖ୍ୟ ପ୍ରେମିକ
ତମେ କଣ ବୁଝିପାରୁନ ଏ କଥା
ଭଲ ପାଉଛି
ଟିକେ ଅଭିମାନ ତ ରହିବ ନା...

ସମସ୍ତଙ୍କ ପାଇଁ ତମେ ଆସ ଠିକ୍ ସମୟରେ
କେବଳେ ମୋତେ ଛାଡି

ସତରେ କଣ ମୋ ମାନ ଅଭିମାନ ର
ତମ ହୃଦୟରେ ଟିକେ ହେଲେ ଜାଗା ନାହିଁ??

ଯଦି ଏତେ ରାଗ ମୋ ଉପରେ
ତେବେ କହୁନ ସେ ଫୁଲେଇ ବିଜୁଳି କୁ...
ମୋ ଘର ଲୋକଙ୍କୁ ଡରେଇବା ଅପେକ୍ଷା
ମୋତେ ଶୀକାର କରୁ...
ମୋ ନିର୍ଜୀବ ଶରୀରକୁ
ମନଇଚ୍ଛା ଭିଜେଇବ ତମେ
ମୋ ଆତ୍ମା ଥିବ ତମ ପାଖରେ

ବହୁତ କହିଦେଲି
ତମେ ପା ପକ୍କା ପ୍ରେମିକ
ତମକୁ ଆଉ କେତେ ବୁଦ୍ଧି ଦେବି ଯେ!!!

ବାପୁଜୀ ନଗର, ଭୁବନେଶ୍ୱର

# ଦାଦନ



ସୁବ୍ରତ କୁମାର ମୁଦୁଲି

ପାଚଲା ଆମ୍ବ ପଣସ ସପୁରି ବାସ୍ନାରେ ମହକୁଥିଲା ଚତୁର୍ଦ୍ଦିଗ | କଳା ଦେହରେ ମେଞ୍ଚେ ହଳଦୀ ଲେସିହୋଇ ନୂଆଲୁଗା ପିନ୍ଧି ଲାଜରେ ଭିଜିଭିଜି ସାବି ଅପେକ୍ଷା କରିଥିଲା ସ୍ୱାମୀ ସତିଆର ଫେରିବା ବାଟକୁ | ସ୍ୱାମୀ ସତିଆ ଯାଇଥିଲା ବାହାଘର ପରଠାରୁ ସୁର ନାହକ ଘରେ ବନ୍ଧା ପଡିଥିବା ସାବିର ପ୍ରେମଛନ୍ଦା ପାଉଁଜି ହଳକୁ ମୁକାଳବାକୁ | ସତିଆକୁ ଅଳତା ଭଲ ଲାଗେ ବୋଲି ସାବି ଅପେକ୍ଷା କରିଛି ସ୍ୱାମୀ ଫେରିଲେ ତା' ପସନ୍ଦ ମୁତବକ ସେ ପାଦରେ ଲଗେଇବ ରକ୍ତଜବା ଅଳତାର ମୋଟା ଗାର । କଥାଥିଲା ସାଥି ହୋଇ ମନ୍ଦିର ଯିବେ ଆଉ ମାଗିବେ ପରସ୍ପରକୁ ଜନ୍ମ ଜନ୍ମାନ୍ତର ପାଇଁ । ହଠାତ ଅଦିନିଆ ବର୍ଷା ଘଡଘଡି ଶବ୍ଦରେ ନିଦ ଭାଙ୍ଗିଗଲା ସାବିର ଆହୁରି ପହଡେ ବାକିଥିଲା ରାତି । ଆଖି କୋଣରେ ତା'ର ଟଳମଳ ହେଉଥିଲା ଗରମ ଲୁହ କେଇବୁନ୍ଦା | ବହୁତ ଚେଷ୍ଟା କଲା ସେ କିଛି ମିନଟ ପୂର୍ବରୁ ଦେଖିଥିବା ଅଧାସ୍ୱପ୍ନକୁ ପୂରଣ କରିବାକୁ ହେଲେ ପାରିଲାନି । ରାତି ପାହିପାହି ଆସୁଥିଲା ସାବିତ୍ରୀ ଅମବାସ୍ୟାକୁ ସ୍ୱାଗତ କରି ହେଲେ ସାବି ପାଇଁ ସବୁଦିନ ଥିଲା କେବଳ ଅମାବାସ୍ୟା ପରି । ମୂର୍ଖ ହେଲେ ବି ସେ ଗାଁ ଲୋକଙ୍କ କଥାରୁ ଏତିକି ବୁଝିଥିଲା ସତିଆ କେବେ ଫେରିବ କେହି ଜାଣନ୍ତିନି କାରଣ ସେ ଏବେ ବନ୍ଦୀ କେଉଁ ଗୋଟେ ଅନ୍ଧାରି ଇଲାକାର ବିଚିତ୍ର ଶିକୁଳିରେ ନାଁ ଯାହାର ଦାଦନ ।

ଦେଉଳ, ଏରସମା, ଜଗତସିଂହପୁର



# ମଶାନ୍ ଭୁଇଁ



ଶୁଭମ ନାୟକ

କୁନୁଆଁ ହଇରେ ସଂସାରେ
ଆସିଛୁ ରେ ମନ୍ ଥରେ
କେତେ ଅର୍ କୁ ପାପର୍ ଧନ୍
କେଭେ ମନ୍ ନାଇଁ ଭରେ ।

ଜନମିଥିଲୁ ଯେଭେ ସଂସାରେ
ହଁସି ଫୁଟାଲେ ସଭେ
ଯେଭେ ନାଇଁ ଥିବୁ ସଂସାରେ
ପାନ ଝର୍‌ମେ ତେଭେ
ଦୁନଆଁକେ ଆସିଛୁ ଯେଭେ
ଢଗି ଦେବୁ ତୋର୍ ଢବେ
ତୋର୍ କୁଟୁମ୍ ଜାକ ଯେତେ ଥିମେ
ଛୁଛାଟା କେ କାନ୍ଦି ଦେମେ
ଇଟା ସମିଆଁ କମା ପୁଇନ୍
ଜୀବନ କେ କର୍ ଧଏନ୍
ଜନମ୍ ମରନ୍ ଜଞ୍ଜାଲନୁ
ପାର୍ ହେବୁ ଯାନଛୁକ ନାଇଁ ।



ମାୟ୍ଲ ମୋହ ସଂସାର୍ ଭିତରେ
ଆର୍ କାଣା କଛି ନାଇଁ
ମନ୍ ର ଖ୍ଆ ମନେ ମରେ
ଶେଷ୍ କେ ମଶାନ୍ ଭୁଇଁ ।

ତସଲ୍‌ଡିହି, ସୁନ୍ଦରଗଡ, ଓଡିଶା

# ପ୍ରେମ ଅଙ୍କ



ପ୍ରଶାନ୍ତ କୁମାର ନାଥ

ପ୍ରେମ ନୁହେଁ ଏକ ସହଜ ମିଶାଣ
ଦୁଇ ମନ ମିଶିଯିବ
ଧୋକା ନୁହେଁ ଏକ ସହଜ ଫେଡାଣ
ସହଜରେ ଭୁଲି ହେବ ।
ପ୍ରେମ ନୁହେଁ ଏକ ସହଜ ଗୁଣନ
ଖୁସି ଦ୍ୱିଗୁଣିତ ହେବ
ବିରହ ନୁହଁଇ ସହଜ ହରଣ
ଦୁଃଖ ସବୁ ହରିଯିବ ।
ପ୍ରେମର ମିଶାଣ କରିବାକୁ ହେଲେ
ହୃଦୟ ପବିତ୍ର କର
ଧୋକାର ଫେଡାଣ କରିବାକୁ ହେଲେ
ମନ ଦମ୍ଭ ଦରକାର ।
ଖୁସିର ଗୁଣନ କରିବାକୁ ହେଲେ
ଈର୍ଷାକୁ କରିବ ତ୍ୟାଗ
ବିରହ ଦୁଃଖର ହରଣ ପାଇଁକ
ମନରୁ ଭିଲିବ ରାଗ ।
ପ୍ରେମ ଅଙ୍କ ଏଠି ନୁହଁଇ ସରଳ
ସହଜରେ କଷି ହେବ
ସୂତ୍ର ଟିକେ ପର୍ ଭୁଲ୍ ହୋଇଗଲେ
ଅଛିଣ୍ଡା ପାଲଟି ଯିବ ।



ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର

# ଚାରି ଯୁଗ ଓ ଅବତାରବାଦ: ଏକ ପର୍ଯ୍ୟାଲୋଚନା



ବାଲ୍ମୀକ ନାୟକ

ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ବ୍ରହ୍ମାଣ୍ଡରେ ଚାରିଗୋଟି ଯୁଗର ପ୍ରଚଳନ ହେଉଛି। ୧-ସତ୍ୟ ଯୁଗ, ୨-ତ୍ରେତୟା ଯୁଗ, ୩-ଦ୍ୱାପର ଯୁଗ ଓ ୪-କଳି ଯୁଗ। ଏକ ହଜାର ବୈଦିକ ବର୍ଷ, ୪୩,୨୦୦ ପୃଥିବୀ ବର୍ଷ (ଆଧୁନିକ ଯୁଗର ହିସାବ), ସହିତ ସମାନ। ଅର୍ଥାତ ଏକ ବୈଦିକ ବର୍ଷ ଏହି ଯୁଗର ୪୩୨ ବର୍ଷ ସହିତ ସମାନ।

ସତ୍ୟ ଯୁଗ ସବୁଠାରୁ ଦୀର୍ଘ କାଳ ଥିଲା। ଅର୍ଥାତ କଳି ଯୁଗର ଚାରିଗୁଣ -୧୭,୨୮,୦୦୦ ବର୍ଷ, ତ୍ରେତୟା ଯୁଗ ତିନିଗୁଣ ଥିଲା- ୧୨,୯୬,୦୦୦ ବର୍ଷ, ଦ୍ୱାପର ଦୁଇ ଗୁଣ ଥିଲା- ୮,୬୪,୦୦୦ ବର୍ଷ, କଳି ଯୁଗ ମାତ୍ର-୪,୩୨,୦୦୦ ବର୍ଷ ସବୁଠାରୁ କମ ସମୟ। ଦଶ ହଜାର ବୈଦିକ ବର୍ଷକୁ ମହାଯୁଗ କୁହାଯାଏ। ଅର୍ଥାତ ୪,୩୨,୦୦୦,୦୦ ପୃଥିବୀ ବର୍ଷ ପରେ ପୁଣି ସତ୍ୟଯୁଗ ଆରମ୍ଭ ହେବ।

କୌଣସି ଯୁଗର ଆରମ୍ଭ କେବେ ହୋଇଛି, ଶେଷ କେବେ ହୋଇଛି କାହାରିକୁ ଜଣା ନାହିଁ। ତେଣୁ ଦ୍ୱାପର ଯୁଗ କେବେ ସରିଲା ଏବଂ କଳିଯୁଗ କେବେ ଆରମ୍ଭ ହେଲା, ଜଣା ନାହିଁ। ଏଇଠି ପ୍ରଶ୍ନ ଉଠୁଛି – ସତ୍ୟ ଯୁଗରେ ପ୍ରଥମେ ବୈଦିକ ବର୍ଷର ଗଣନା କେମିତି ହୋଇଥିଲା? କାରଣ ବର୍ଷ ଗଣନା ପାଇଁ ନିମ୍ନତମ ସମୟର ମାପ ନିହାତି ଆବଶ୍ୟକ। ଯଥା: ସେକେଣ୍ଡ, ମିନଟ୍, ଘଣ୍ଟା, ଦିନ, ମାସ ଓ ବର୍ଷ। ସେତେବେଳେ କେଉଁ ସୂତ୍ର ଓ ଯନ୍ତ୍ର ବ୍ୟବହାର କରି ସମୟକୁ ମାପୁଥିଲେ ଏବଂ ଏକ୍ ହଜାର ବୈଦିକ ବର୍ଶର ଗଣନା କରିଥିଲେ? କେହି କହିବେକ?

ଏହି ପରିସଂଖ୍ୟାନ ଭୁଲ ହୋଇପାରେ। କିନ୍ତୁ ପ୍ରତ୍ୟେକ ଯୁଗର ସମୟସୀମା ଲକ୍ଷାଧିକ ବର୍ଷ ଥିଲା ବୋଲି ସମସ୍ତେ ମାନୁଛନ୍ତି। ଯୁଗ ଗୁଡିକର ମହତ୍ୱ ହେଉଛି ଯେ ବିଭିନ୍ନ ଯୁଗରେ ଭଗବାନ ବିଷ୍ଣୁ ବିଭିନ୍ନ ଅବତାର ଗ୍ରହଣ କରି ପୃଥିବୀକୁ ଆସିଛନ୍ତି। ପୃଥିବୀରେ କେବଳ

ଭାରତରେ ଅବତାରମାନେ କରିଥିବା କାମର ବର୍ଣ୍ଣନା ଧର୍ମଶାସ୍ତ୍ରମାନଙ୍କରେ ପଢିବାକୁ ମିଳୁଛି । ଆମେରିକା, ଅଷ୍ଟ୍ରେଲିଆ, ଜାପାନ ଆଦି ଦେଶକୁ ଅବତାର ଯାଇଥିଲେ କି ନାହିଁ? କୌଣସି ତଥ୍ୟ ଉପଲବ୍ଧ ନାହିଁ ।

ବର୍ତ୍ତମାନ ଆମେ ଦେଖିବା, ପ୍ରତ୍ୟେକ ଯୁଗରେ ବିଷ୍ଣୁ ଭଗବାନ କେତେ କେତେ ଥର ଅବତାର ଗ୍ରହଣ କରି ପୃଥିବୀକୁ ଆସିଛନ୍ତି । କୁହାଯାଏ – ସତ୍ୟଯୁଗ ଥିଲା ଏକ ସୁବର୍ଣ୍ଣ ଯୁଗ । ସେହି ଯୁଗରେ ସବୁ କିଛି ଠିକ୍ ଥିଲା । ସମସ୍ତେ ସୁଖ ଶାନ୍ତିରେ ବାସ କରୁଥିଲେ । ସମସ୍ତେ ସତ୍ୟ କହୁଥିଲେ । ସମସ୍ତେ ସତ କର୍ମ କରୁଥିଲେ । ସମସ୍ତେ ଧର୍ମପରାୟଣ ଥିଲେ ।

ପ୍ରଶ୍ନ ଉଠୁଛି – ଏହା ଯଦି ସତ, ତେବେ ବିଷ୍ଣୁଙ୍କୁ ସେହି ଯୁଗରେ ଚାରିଥର ଅବତାର ଗ୍ରହଣ କରି ଦୁଷ୍ଟ ନାଶି ଶିଷ୍ଟ ରକ୍ଷା କରିବା ଆବଶ୍ୟକ ପଡିଲା କାହିଁକି?

ଗୀତାରେ ସ୍ୱୟଂ କୃଷ୍ଣ କହିଛନ୍ତି – "ଯଦା ଯଦା ହିଁ ଧର୍ମସ୍ୟ, ଗ୍ଲାନିର୍ଭବତି ଭାରତ । ଅଭ୍ୟୁତଥାନମ୍ ଧର୍ମସ୍ୟ, ତଦାତ୍ମାନଂ ସୃଜାମ୍ୟହଂ । ପରିତ୍ରାଣାୟ ସାଧୁନାଂ, ବିନାଶାୟ ଚ ଦୁଷ୍କୃତାଂ, ଧର୍ମସଂସ୍ଥାପନାର୍ଥାୟ, ସମ୍ଭାବାମି ଯୁଗେ ଯୁଗେ ।"

ସତ୍ୟ ଯୁଗରେ ଚାରି ଅବତାରଙ୍କ ନାମ – ମତ୍ସ୍ୟ, କୂର୍ମ, ବରାହ ଓ ନୃସିଂହ । (ଦୁଇଟି ଜଳଚର ଜୀବ, ଗୋଟିଏ ପଶୁ, ଅନ୍ୟଟି ମଣିଷ ଓ ସିଂହ ମିଶ୍ରିତ) ବିଚିତ୍ର କାଳ୍ପନିକ ଅବତାର ।

ଏଥିରୁ ସ୍ପଷ୍ଟ ହେଉଛି ଯେ – ସତ୍ୟ ଯୁଗରେ ସବୁ କିଛି ଠିକ୍ ନଥିଲା । ଧର୍ମଗୁରୁମାନେ ସତ୍ୟଯୁଗକୁ ପ୍ରଶଂସା କରୁଛନ୍ତି କାହିଁକି? ଆଉ ଏକ ପ୍ରଶ୍ନ ଉଠୁଛି – ସତ୍ୟ ଯୁଗରେ ଦୁଷ୍ଟମାନଙ୍କୁ ସୃଷ୍ଟି କରିଥିଲା କିଏ? ବ୍ରହ୍ମାଣ୍ଡ ସୃଷ୍ଟିକର୍ତ୍ତା ବ୍ରହ୍ମା କଣ ଜାଣି ଶୁଣି ଦୁଷ୍ଟ ଓ ଶିଷ୍ଟ ଲୋକଙ୍କୁ ସୃଷ୍ଟି କରିଥିଲେ ଏବଂ ପରେ ବିଷ୍ଣୁଙ୍କୁ କହୁଥିଲେ – ଯାଅ, ଦୁଷ୍ଟମାନଙ୍କୁ ବିନାଶ କରି ଶିଷ୍ଟମାନଙ୍କୁ ରକ୍ଷା କର । ବିଷ୍ଣୁ ପ୍ରଥମ ଅବତାର ମତ୍ସ୍ୟ ରୂପେ ଆସି ଦୁଷ୍ଟକୁ ମାରି ଚାଲିଗଲେ । ପୁଣି ଏକ ଦୁଷ୍ଟ ଜାତ ହୋଇଗଲା । ସେ ଏଥର କୂର୍ମ ଅବତାରରେ ଆସି ତାକୁ ବିନାଶ କରି ଚାଲିଗଲେ । ତୃତୀୟଥର ଆଉ ଏକ ଦୁଷ୍ଟ ଜନ୍ମ ହେଲା । ବିଷ୍ଣୁ ବରାହ ରୂପ ନେଲେ । ଚତୁର୍ଥ ଥର ନୃସିଂହ ରୂପେ କାମ ଶେଷ କରି ଫେରିଗଲେ ।

ସତ୍ୟ ଯୁଗ ପରେ ତ୍ରେତୟା ଯୁଗ ଆସିଲା । ସେହି ଯୁଗରେ ବି ସେହି ସମସ୍ୟା ରହିଲା । ବିଷ୍ଣୁଙ୍କୁ ତିନଥର ବାମନ, ପରଶୁରାମ ଓ ରାମ ଅବତାର ନେବାକୁ ହେଲା । ଦ୍ୱାପର ଯୁଗରେ ବଳରାମ ଓ କୃଷ୍ଣ ଅବତାର ନେବାକୁ ହେଲା । ଏ ଗୁଡିକ ସବୁ ମାନବ ଅବତାର । ଶେଷରେ କଳକୀ ଅବତାର ନେଇ କଳ ଯୁଗରେ ଆସିବା କଥା ।

ଆମେ ଯେହେତୁ କଳ ଯୁଗରେ ବାସ କରୁଛୁ ଏବଂ ଗତ ହଜାର ହଜାର ବର୍ଷ ତଳର ପୁରାଣ ଓ ଇତିହାସ ପଢିବାକୁ ପାଉଛୁ, କେଉଁଥିରେ ବି କଳକୀ ଅବତାର ପୁରୁଷଙ୍କ ଉପସ୍ଥିତି ବର୍ଣ୍ଣନା କରାଯାଇନ । ଆମେ ପ୍ରତିଦିନ ଦେଖୁଛୁ ଭାରତର ପ୍ରତ୍ୟେକ ପ୍ରଦେଶ, ସହର ଓ ଗାଆଁରେ ଅନ୍ୟାୟ, ଅତ୍ୟାଚାର, ଶୋଷଣ ଭେଦଭାବ ସବୁ ଚାଲିଛି । ଶିଷ୍ଟ ଲୋକମାନେ ହିଁ ଦୁଃଖ, କଷ୍ଟ ଭୋଗ କରୁଛନ୍ତି କନ୍ତୁ ଦୁଷ୍ଟ ଲୋକମାନଙ୍କୁ ଦମନ କରିବା ପାଇଁ କେବେ, କୌଣସି ଅବତାରୀ ପୁରୁଷଙ୍କୁ ଦେଖି ପାରୁନାହୁଁ ।

ଏଇଠି ପ୍ରଶ୍ନ ଉଠୁଛି – କଳ ଯୁଗର ଅବତାର କଳକୀ ଆମ ଦେଶରେ ଅବତରଣ କଲେଣି ନା ଆହୁରି କେତେ ହଜାର ବର୍ଷ ପରେ ଅବତରଣ କରିବେ**?** ଆମ ଦେଶ ଓ ସମାଜର ଦୟନୀୟ ଅବସ୍ଥା ଦେଖି ବିଶ୍ୱାସ ତ ହେଉନାହିଁ ଯେ ବିଷ୍ଣୁ ଅବତରଣ କରି ସାରିଛନ୍ତି । କେବେ ଅବତରଣ କରିବେ ତାହା ବି କୌଣସି ଧର୍ମଶାସ୍ତ୍ରେରେ ଲେଖା ନାହିଁ କମ୍ବା କୌଣସି ଜ୍ୟୋତିଷ ବା ପଣ୍ଡିତ କହିପାରୁ ନାହାନ୍ତି ।

ଆଉ ଏକ ସମସ୍ୟା ହେଉଛି – ଯଦି ଅବତାର କେବଳ କଛି ବର୍ଷ ପାଇଁ ପୃଥିବୀକୁ ଆସି ଦୁଷ୍ଟ ଦମନ କରି ଫେରି ଯାଆନ୍ତି, ତେବେ ମଣିଷ ସମାଜର ସୁଖ ଓ ଶାନ୍ତି ସ୍ଥାୟୀ ନୁହେଁ । ଯେମିତି ଟ୍ରାଫିକ୍ ପୋଲିସ ଠିଆ ହୋଇଥିବା ବେଳେ ବାହନ ଯାତାୟତ ନୟଂନ୍ତ୍ରଣ ଥାଏ । ପୋଲିସ ଚାଲିଗଲେ ଯିଏ ଯାହାର ଇଚ୍ଛା ଅନୁସାରେ ଯାତାୟତ କରି ଦୁର୍ଘଟଣା କରନ୍ତି ।

ଦ୍ୱିତୀୟ ସମସ୍ୟା ହେଉଛି – ସାଧାରଣତଃ ମନୁଷ୍ୟର ହାରାହାରି ଆୟୁଷ ଅତି ବେଶୀରେ ଏକ ଶତ ବର୍ଷ । ଯଦି ଅବତାର ପୁରୁଷ ହଜାର ହଜାର ବର୍ଷର ବ୍ୟବଧାନରେ ଆସିବେ, ତେବେ ତାଙ୍କର ଅନୁପସ୍ଥିତିରେ କୋଟି କୋଟି ଶିଷ୍ଟ ବ୍ୟକ୍ତି ତ ଦୁଃଖ ଭୋଗ କରି କରି ମୃତ୍ୟୁ ବରଣ କରି ସାରିଥିବେ । ସେମାନଙ୍କୁ ବିଷ୍ଣୁଙ୍କ ଅବତାର ଯୋଗୁଁ ଲାଭ କଅଣ ହେବ**?**

ଧର୍ମଶାସ୍ତ୍ରର ବର୍ଣ୍ଣନା ଅନୁସାରେ ସତ୍ୟ ଯୁଗରୁ ଦ୍ୱାପରଯୁଗ ପର୍ଯ୍ୟନ୍ତ ପୃଥିବୀରେ ତିନ ପ୍ରକାର ଜୀବ ଦେଖା ଯାଉଥିଲେ । ଦେବତା, ଦାନବ ଓ ମାନବ । ଦାନବ ମାନେ ଅତି ବଳଶାଳୀ ଓ ଦୁର୍ଦ୍ଦାନ୍ତ ଥିଲେ । ସେମାନଙ୍କୁ ବଧ କରିବା ପାଇଁ ଦେବୀ, ଦେବତାଙ୍କୁ ସଶସ୍ତ୍ର ଯୁଦ୍ଧ କରିବାକୁ ପଡୁଥିଲା । ମାନବମାନେ ସେହି ଯୁଗରେ ଯେମିତି ଥିଲେ, ଆଜି ବି ସେମିତି ଅଛନ୍ତି । ସେମାନଙ୍କ ଶରୀରର ଆକାର ଓ ଶକ୍ତି ସିମୀତ । ପୃଥିବୀରେ ମଣିଷ ବ୍ୟତୀତ ଅନ୍ୟାନ୍ୟ ଜଳଚର, ସ୍ଥଳଚର ଓ ପକ୍ଷୀମାନେ ବି ବାସ କରୁଛନ୍ତି । କେତେକ ହିଂସ୍ର ପ୍ରାଣୀଙ୍କଠାରୁ ନିଜକୁ ରକ୍ଷା କରିବା ପାଇଁ ମଣିଷ ନିଜର ବୁଦ୍ଧି ବଳରେ ଅନେକ ଉପାୟ ଆବିଷ୍କାର କରି ସାରିଛି । ଏପରିକି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜକୁ ସୁରକ୍ଷିତ ରଖିବା ଏବଂ ବିପର୍ଯ୍ୟୟ ଜନିତ କ୍ଷତିକୁ ଶୀଘ୍ର ପୂରଣ କରିବା ପାଇଁ ମନୁଷ୍ୟ ଅନେକ ଉପାୟ ଖୋଜି ସାରିଲାଣି । ମଣିଷ ଆଉ ଅବତାର ପୁରୁଷଙ୍କ ଠାରୁ ସୁରକ୍ଷା ପାଇବାର ଭରସାରେ ବସି ରହୁନି । ଗତ କିଛି ବର୍ଷ ତଳେ ବଦ୍ରୀନାଥ ଯାତ୍ରୀ ଉତ୍ତରାଖଣ୍ଡ ଅଞ୍ଚଳରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇଥିଲେ । ବଦ୍ରୀନାଥ ନିରବରେ ସବୁ ଦେଖିଲେ, କେବଳ ମଣିଷମାନେ ରାତି ଦିନ ପରିଶ୍ରମ କରି ଅନେକ ଲୋକଙ୍କ ଜୀବନ ବଞ୍ଚେଇଲେ ।

କଳି ଯୁଗରେ ମଣିଷମାନଙ୍କର ଅନେକ ସମସ୍ୟାର ସମାଧାନ ହୋଇ ଗଲାଣି । ଯାତାୟତ ପାଇଁ ସାଇକଲଠାରୁ ଆରମ୍ଭ କରି ଉଡାଜାହାଜ, ଜଳ ଯାହାଜ ତିଆରି ହୋଇଛି । ଯୋଗାଯୋଗ ପାଇଁ ଟେଲିଫୋନ୍, ମୋବାଇଲ୍, ଇଣ୍ଟେରନେଟ୍, ଟେଲିଭିଜନ ଇତ୍ୟାଦି ତିଆରି ହୋଇଛି । ଖରା ଓ ଶୀତରୁ ରକ୍ଷା ପାଇବା ପାଇଁ ସୁନ୍ଦର ବାସଭବନ, ବିଜୁଳୀ ପଙ୍ଖା, ଶିତତାପ ନିୟଂନ୍ତ୍ରକ ଉପକରଣ ଆଦି ନିର୍ମାଣ ହୋଇ ସାରିଛି । ପୂର୍ବ ଯୁଗମାନଙ୍କ ଅପେକ୍ଷା କଳିଯୁଗର ମଣିଷ ଅନେକ ସୁବିଧା ପାଇ ସୁଖରେ ରହି ପାରୁଛି । ରୋଗ ବୈରାଗରୁ ମୁକ୍ତ ହେବା ପାଇଁ ଚିକତ୍ସା ବିଜ୍ଞାନ ବହୁତ ଇଛି ଔଷଧ ଓ ଉପକରଣ ତିଆରି କରିସାରିଲାଣି । ବିଜ୍ଞାନର ପ୍ରଗତି ଯୋଗୁଁ ମଣିଷ ଆଜି ଚନ୍ଦ୍ର ଉପଗ୍ରହ ଉପରେ ପାଦ ଥୋଇ ପାରିଲାଣି । ମଙ୍ଗଳ ଗ୍ରହକୁ ରକେଟ ପଠେଇ ସାରିଲାଣି ।

ସବୁ କ୍ଷେତ୍ରରେ ମଣିଷ ଆଗେଇ ଯାଇଥିଲେ ବି ଗୋଟିଏ କ୍ଷେତ୍ରରେ ପଛେଇ ରହିଛି । ତାହା ହେଉଛି ଧାର୍ମିକ ଅନ୍ଧବିଶ୍ୱାସ । ପ୍ରତ୍ୟେକ ବ୍ୟକ୍ତିଙ୍କ ଏକ ଧାର୍ମିକ ସଂପ୍ରଦାୟ ସହିତ ସଂଯୋଗ

ରହିଛି । ପ୍ରତ୍ୟେକ ସଂପ୍ରଦାୟ ଏକ ଭଗବାନ ବା ଭଗବାନଙ୍କ ପୁତ୍ରଙ୍କ ସହ ସଂଯୋଗ ରହିଛି । ସମସ୍ତେ ଭାବୁଛନ୍ତି ଆମ ଭଗବାନ ହିଁ ସତ୍ୟ ଓ ଶ୍ରେଷ୍ଠ, ଅନ୍ୟମାନଙ୍କର ମିଛ ଓ ନ୍ୟୁନ । ଏଇଠି ରହିଛି ମଣିଷମାନଙ୍କର ଆଜିର ସମସ୍ୟା । ଏହି ସମସ୍ୟାର ସମାଧାନ ବିଷ୍ଣୁ ଭଗବାନଙ୍କ ପାଇଁ ଆଦୌ କଷ୍ଟକର ହେବା ଉଚତ ନୁହେଁ । ଲୋକମାନଙ୍କ ମନରୁ ଘୃଣା, ଦ୍ୱେଷ, ହିଂସା ଓ ସ୍ୱାର୍ଥ୍ୟ ମନୋଭାବକୁ ଦୂର କରି ସେମାନଙ୍କ ମନରେ ପ୍ରେମ, ସଦଭାବନା, ଅହିଂସା ଓ ତ୍ୟାଗ ମନୋଭାବକୁ ସ୍ଥାପନ କରିଦେଲେ, ସେମାନେ ଖୁବ୍ ସୁଖ ଶାନ୍ତିରେ ଜୀବନ ଅତିବାହିତ କରିପାରିବେ । କଳକୀ ଅବତାର ନେଇ ଭାରତରେ କାହା ସହିତ ଲଢେଇ କରିବା ଆବଶ୍ୟକ ନାହିଁ ।

ନୀରିଶ୍ୱରବାଦୀମାନେ ପୃଥିବୀର ଅନେକ ଦେଶରେ ଧାର୍ମିକ ଅନ୍ଧବିଶ୍ୱାସ ଦୂର କରି ପାରିଥିବାରୁ ସେହି ଦେଶରେ କ୍ରାଇମ୍ ସଂଖ୍ୟା କମିଗଲାଣି । ମାନବବାଦ ବୃଦ୍ଧି ପାଇଲାଣି । ନାରୀମାନଙ୍କୁ ନାର୍ଯ୍ୟ ସମ୍ମାନ ପ୍ରାପ୍ତ ହେଲାଣି । ଆମ ଦେଶରେ ସୁଖ ଓ ଶାନ୍ତି ପାଇଁ ଆମେ କାହିଁକି କୌଣସି କାଳ୍ପନିକ ଅବତାର ପୁରୁଷକୁ ଅପେକ୍ଷା କରିବା?

କେ.ଆର. ପୁରମ, ବାଙ୍ଗାଲୋର

**ଚଳିତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।**

# ବିଦେଶରେ ରଥଯାତ୍ରା

**ବାହାରିନ୍ ଓଡିଆ ସମାଜ ତରଫରୁ ପାଳନ ହୋଇଥିବା ରଥଯାତ୍ରାର କେତୋଟି ଦୃଶ୍ୟ । ଏହି ରଥଯାତ୍ରାରେ ପହଣ୍ଡି କାର୍ଯ୍ୟକ୍ରମ ଏବଂ ଛେରା ପହଁରା ଶ୍ରୀ ଅରୁଣ ପ୍ରହରାଜ, ଚେୟାରମ୍ୟାନ୍, ବାହାରିନ୍ ଓଡିଆ ସୋସାଇଟି ଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା । ଏହି ରଥଯାତ୍ରାର ସଂପୂର୍ଣ୍ଣ ବିବରଣୀ ବିଭିନ୍ନ ଚ୍ୟାନେଲ୍ ମାଧ୍ୟମରେ ଓଡିଆମାନଙ୍କ ପାଖରେ ପହଞ୍ଚି ପାରିଥିଲା "ଓ ଟି.ଭି." ର ବିଦେଶ ପ୍ରତିନିଧି ଅରୁନୀତା ପ୍ରହରାଜଙ୍କ ଦ୍ୱାରା ।**














# ଜୁଲାଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୭/୨୦୧୭ | ପର୍ଣ୍ଣୁଗ୍ରମଷ୍ଟମୀ |
| ୦୨/୦୭/୨୦୧୭ | ନବମୀର ସନ୍ଧ୍ୟା ଦର୍ଶନ |
| ୦୩/୦୭/୨୦୧୭ | ବାହୁଡା ଯାତ୍ରା |
| ୦୪/୦୭/୨୦୧୭ | ସୁନା ବେଶ, ହରି ଶୟନ ଏକାଦଶୀ |
| ୦୫/୦୭/୨୦୧୭ | ଗରୁଡ ଶୟନ ଓ ଅଧରପଣ |
| ୦୭/୦୭/୨୦୧୭ | ଶିବସୟନୋତ୍ସବ ଓ ଶିବ ଚତୁର୍ଦ୍ଦଶୀ |
| ୦୮/୦୭/୨୦୧୭ | ଚନ୍ଦ୍ରପୂଜା ଓ ଉପବାସ |
| ୦୯/୦୭/୨୦୧୭ | ବ୍ୟାସ ପୂର୍ଣ୍ଣିମା |
| ୧୪/୦୭/୨୦୧୭ | ମାନସା ପଞ୍ଚମୀ |
| ୧୫/୦୭/୨୦୧୭<br>୧୬/୦୭/୨୦୧୭ | ମାସାନ୍ତ<br>ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି ଓ ହଳ ନିଷେଧ |
| ୧୯/୦୭/୨୦୧୭<br>୨୨/୦୭/୨୦୧୭ | କମଦା ଏକାଦଶୀ ଓ ହଳ ନିଷେଧ<br>ଶିବ ଚତୁର୍ଦ୍ଦଶୀ, ଚନ୍ଦ୍ରକ୍ଷୟ ଓ ଗୃହିଣୀ ଚିତାଉ ଲାଗି |
| ୨୩/୦୭/୨୦୧୭ | ଚିତାଉ ଅମାବାସ୍ୟା, ଶ୍ରୀମନ୍ଦିରରେ ଚିତ୍ରକ ପର୍ବ ଓ ସୂର୍ଯ୍ୟମହତୀ ସ୍ନାନ |
| ୨୪/୦୭/୨୦୧୭ | ଚନ୍ଦ୍ର ଦର୍ଶନ, ପୂଜା ଓ ଉପବାସ |
| ୨୭/୦୭/୨୦୧୭ | ଜାରଦ୍ ଗୌରୀ ପଞ୍ଚମୀ |

# ଟିକିଏ ହସନ୍ତୁ

ବିବାହ ମଣ୍ଡପରେ ବୋହୁକୁ ମୁଣ୍ଡ ତଳକୁ କରି ଦେଖି ଜଣେ ବୟସ୍କ ପରିଚତା କହିଲେ – ବୋହୁଟି କେତେ ସୁଶୀଳା ଆଉ ସଂସ୍କାରି, ବସିଲାବେଳେ ବି ମୁଣ୍ଡ ତଳକୁ କରି ବସୁଛି ।

ପଛରୁ ଶୁଣାଗଲା – ମାଉସୀ, ବୋହୁ ହ୍ୱାଟସ୍ ଆପ୍ ରେ ଅନଲାଇନ୍ ଅଛି**!!!**

ଘର ବାହାରେ ଅପେକ୍ଷା କରିଥିବା ପତି ଜୋରରେ ପଚାରିଲେ - ଆରେ, ଆଉ କେତେ ସମୟ ଲଗେଇବ**?**

ପତ୍ନୀ (ଘରେ) – ଚଲ୍ଲେଇବା ବନ୍ଦ କର୍ । ଘଣ୍ଟେ ଆଗରୁ କହି ଆସୁଛି ଯେ ଆଉ ପାଞ୍ଚ ମିନଟ୍ ଲାଗିବ । ବୁଝି ପାରୁନ କି**?**

ପପୁ (ଗାର୍ଲଫ୍ରେଣ୍ଡକୁ) – କୁଆଡେ ଯାଉଛ**?**

ଗାର୍ଲଫ୍ରେଣ୍ଡ – ଆତ୍ମହତ୍ୟା ପାଇଁ ।

ପପୁ - କିନ୍ତୁ ଏତେ ବେଶବାସ କାହିଁକି**?**

ଗାର୍ଲଫ୍ରେଣ୍ଡ – ମୂର୍ଖ କି**?** କାଲି ପେପରରେ ଫଟୋ ବି ତ ବାହାରିବ**!!!**

ଶିକ୍ଷକ - ପପୁ କହିଲୁ ତମ ଘରକୁ ବିଜୁଳି କେଉଁଠାରୁ ଆସୁଛି**?**

ପପୁ – ସାର୍, ମାମୁଁଘରୁ ।

ଶିକ୍ଷକ – କେମିତି କରେ**?**

ପପୁ – ସାର୍, ଯେତେବେଳେ ବି ଆମ ଘରେ ବିଜୁଳି ପଳେଇଯାଏ, ବାପା କୁହନ୍ତି – "କାଟିଦେଲା ସଳାଟା" ।

କିଏ ଜଣେ ଏକ ଛୋଟ ଛୁଆକୁ ପଚାରିଲା – ଆରେ କହିଲୁ, ବିଲେଇ କାହିଁକି ତା ଲାଞ୍ଜକୁ ହଲାଏ**?**

ଛୁଆ – କାରଣ ସେ ଲାଞ୍ଜଟା ହେଉଛି ବିଲେଇର, ତୁମ ବାପାର ନୁହେଁ**!!!**

ରୋଗୀ ଡାକ୍ତରକୁ – ଆଜ୍ଞା ଆପଣଙ୍କୁ ଷ୍ଟିଚ୍ କରି ଆସେ ।

ଡାକ୍ତର – ହଁ,

ରୋଗୀ – ତେବେ ମୋର ଚପଲ ଟିକେ ସିଲେଇ କରି ଦିଅନ୍ତୁ**!!!**

# ଚନ୍ଦ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com / editor.vedantimagazine@gmail.com



ଖରା ଦିନଆ ଫଳ
ଭରି ରହିଥାଏ ଜଳ
ବିନା ଜଳ ପିଇ ମଧ୍ୟ
ତୃଷାର୍ତ୍ତର ଆତ୍ମାକୁ ଶାନ୍ତ କରେ
ସିଏ ଏମିତି ଏକ ଫଳ

(ସାଗରିକା ଦାଶ, ଭୁବନେଶ୍ୱର, ଓଡ଼ିଶା)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା - **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com**। ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**https://www.facebook.com/vedantiemagazine**

**http://vedantimagazine.wordpress.com**

**http://vedanti.wextarinteractive.com**